ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: Facebook, YouTube, Twitter

ବର୍ଷ-୬ | ସଂଖ୍ୟା-୮୯ | ଶନିବାର | ୨୧ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-89 | Saturday | 21 June 2025 | Bhubaneswar | Pages-8 | Rs. 2.00

### ୧୮,୬୦୦ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

# ଓଡ଼ିଶା କେବଳ ଗୋଟିଏ ରାଜ୍ୟ ନୁହେଁ ଭାରତର ଉଜ୍ଜ୍ୱଳ ନକ୍ଷତ୍ର : ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୨୦।୬ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ ସମାରୋହରେ ଅଧକ୍ଷତା କରିଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ପାନୀୟ ଜଳ, ଜଳସେଚନ, କୃଷି ଭିତ୍ତିଭୂମି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ରାସ୍ତା ଏବଂ ସେତୁ, ଜାତୀୟ ରାଜପଥର କେତେକ ଖଣ୍ଡ ଏବଂ ଏକ ନୂତନ ରେଳ ଲାଇନ ସମେତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ୧୮,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦି କହିଥିଲେ ଯେ, ଜୁନ୍ ୨୦ ତାରିଖ ହେଉଛି ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଦିନ। ଆଜିର ଦିନରେ ଓଡ଼ିଶାର ପ୍ରଥମ ବିଜେପି ସରକାରଙ୍କର ଗୋଟିଏ ବର୍ଷ ପୂରଣ ହେଉଛି। ଏହି ବାର୍ଷିକୀ ପାଳନ କେବଳ ଏକ ସରକାରଙ୍କର ନୁହେଁ, ବରଂ ଜନସେବା ଏବଂ ଜନ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ସୁଶାସନ ପ୍ରତିଷ୍ଠାର ବାର୍ତ୍ତା ଦେଉଛି। ସରକାର ଓଡ଼ିଶାର କୋଟି କୋଟି ମତଦାତାଙ୍କ ଆଶା ପୂରଣ କରିବା ପାଇଁ ଆନ୍ତରିକ ପ୍ରୟାସ କରିଛନ୍ତି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମୋଦି ଓଡ଼ିଶାବାସୀଙ୍କର ସମର୍ଥନ ଏବଂ ବିଶ୍ୱାସକୁ ସ୍ୱୀକାର କରି ସେମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ସେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସହଯୋଗୀ ଦଳକୁ ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏମାନଙ୍କର ପ୍ରୟାସ ଓଡ଼ିଶାର ବିକାଶକୁ ନୂତନ ଗତି ଦେଇଛି। ଶ୍ରୀ ମୋଦି କହିଥିଲେ, ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ, ବରଂ ଭାରତର ସମୃଦ୍ଧ ଐତିହ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର। ଶହ ଶହ ବର୍ଷ ଧରି ଓଡ଼ିଶା ଭାରତୀୟ ସଭ୍ୟତା ଏବଂ ସଂସ୍କୃତିକୁ ସମୃଦ୍ଧ କରିଆସିଛି। ସେ ଆହୁରି ଉଲ୍ଲେଖ କରିଥିଲେ ଯେ ବର୍ତ୍ତମାନ ସମୟରେ, ଯେତେବେଳେ ବିକାଶ ଏବଂ ଐତିହ୍ୟର ମନ୍ତ୍ର ଭାରତର ପ୍ରଗତି ପାଇଁ ମୂଳଦୁଆ ପାଲଟିଛି, ଓଡ଼ିଶାର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ଏହାର ଐତିହ୍ୟକୁ ସଂରକ୍ଷଣ କରିବା ସହିତ ବିକାଶର ମନ୍ତ୍ରକୁ ଆନ୍ତରିକତାର ସହିତ ଗ୍ରହଣ କରିଛି। ରାଜ୍ୟ ଏହି ପଥରେ ଦ୍ରୁତ ଗତିରେ ଆଗକୁ ବଢ଼ିଛି ବୋଲି ସେ ଜୋର୍ ଦେଇ କହିଥିଲେ। ଓଡ଼ିଶାରେ ତାଙ୍କ ସରକାରର ପ୍ରଥମ ବର୍ଷ ପୂରଣ ହେବା ସହିତ ଲୋକମାନେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତିରେ ନିୟୋଜିତ ହେବା ଏକ ପବିତ୍ର ସଂଯୋଗ ବୋଲି ଶ୍ରୀ ମୋଦି ଉଲ୍ଲେଖ କରିଥିଲେ। ସେ କହିଥିଲେ, ମହାପ୍ରଭୁ ଜଗନ୍ନାଥ ଏକ ବିଶାଳ ପ୍ରେରଣାର ଉତ୍ସ। ମହାପ୍ରଭୁଙ୍କ ଆଶୀର୍ବାଦରେ ଶ୍ରୀମନ୍ଦିର ସହ ଜଡିତ ସମସ୍ୟାର ମଧ୍ୟ ସମାଧାନ ହୋଇଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ। କୋଟି କୋଟି ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେବା ପାଇଁ ମୋହନ ମାଝୀ ଏବଂ ତାଙ୍କ ସରକାରଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ସରକାର ଗଠନ ହେବା ପରେ ତୁରନ୍ତ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାଯାଇଥିଲା। ଶ୍ରୀମନ୍ଦିରର ରତ୍ନ ଭଣ୍ଡାର ମଧ୍ୟ ଖୋଲାଯାଇଛି। ଏହା ରାଜନୈତିକ ବିଜୟର ବିଷୟ ନୁହେଁ ବରଂ କୋଟି କୋଟି ଭକ୍ତଙ୍କ ଆସ୍ଥାକୁ ସ୍ୱୀକାର କରିବାର ଏକ ସମ୍ମାନଜନକ କାର୍ଯ୍ୟ ବୋଲି ସେ ସ୍ପଷ୍ଟ କରିଥିଲେ। ଶ୍ରୀ ମୋଦି ଆହୁରି କହିଥିଲେ ଯେ, କାନାଡାରେ ଜି-୭ ଶିଖର ସମ୍ମିଳନୀ ସମାପ୍ତ ହେବା ପରେ ଆମେରିକା ରାଷ୍ଟ୍ରପତିଙ୍କ ଆମେରିକା ଗସ୍ତ ନିମନ୍ତ୍ରଣକୁ ସେ ବିନମ୍ରତାର ସହିତ ଅସ୍ୱୀକାର କରିଥିଲେ, କାରଣ ସେ ଆଜି ଭଗବାନ ଶ୍ରୀଜଗନ୍ନାଥଙ୍କ ପବିତ୍ର ମାଟିକୁ ଆସିବା ଲାଗି ଯୋଜନା କରିଥିଲେ। • ପୃଷ୍ଠା ୭ ଦେଖନ୍ତୁ...

## ବର୍ଷକର ସଫଳତା କହିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୬ (ହି.ସ): ଓଡ଼ିଶାରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜନତା ମଇଦାନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରି କହିଛନ୍ତି ଯେ ଆଜି ଓଡ଼ିଶାବାସୀଙ୍କ ପାଇଁ ଏକ ଗରିମାମୟ ଅବସର। ଏକ ବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ, ଓଡ଼ିଶାର ନୂତନ ସରକାର ଶପଥ ଗ୍ରହଣ କରିଥିଲା ଏବଂ ଏହି ସଫଳ ଏକ ବର୍ଷର ଯାତ୍ରା ପରେ, ଆଜି ଆପଣଙ୍କ ଉପସ୍ଥିତି ଆମ ସମସ୍ତଙ୍କ ମନୋବଳକୁ ବଢ଼ାଇଛି। ଆମ ସରକାର ଗଠନ ପରେ ଆପଣଙ୍କର ଏହା ଷଷ୍ଠ ଥର ଓଡ଼ିଶା ଆଗମନ। ଏହା ଆପଣଙ୍କର ଓଡ଼ିଶାପ୍ରତି ଭଲପାଇବା ଓ ଶୁଭେଚ୍ଛାର ପ୍ରତୀକ। କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ତାର ୧୧ ବର୍ଷର ଯାତ୍ରା ପୂର୍ଣ୍ଣ କଲା, ଏବଂ ତୃତୀୟ ଅବଧିର ପ୍ରଥମ ବର୍ଷ ମଧ୍ୟ ପୂରା କରିଛି। ମୁଁ ଗର୍ବ ଓ ଗୌରବର ସହିତ କହିବାକୁ ଚାହୁଁଛି ଯେ ଦେଶ ଆପଣଙ୍କ ହାତରେ ସୁରକ୍ଷିତ ଅଛି। ଆପଣଙ୍କ ନେତୃତ୍ୱରେ ଆମର ସେନାବାହିନୀ, ଆତଙ୍କବାଦୀ ଓ ସେମାନଙ୍କ ପୃଷ୍ଠପୋଷକଙ୍କ ଅସ୍ତିତ୍ୱ ହଜେଇ ଦେଇଛନ୍ତି।'ଅପରେସନ ସିନ୍ଦୁର' କେବଳ ଆତଙ୍କବାଦୀଙ୍କ ବିରୋଧରେ ଏକ ସେନା ଅଭିଯାନ ନୁହେଁ, ଏହା ଭାରତର ମାଆ, ଭଉଣୀ ଓ ଝିଅ ମାନଙ୍କ ପାଇଁ ଏକ ଭରସା । ଅପରେସନ ସିନ୍ଦୁର ସହ ଏକ ନୂଆ ଭାରତ ଉଦୟ ହେଇଛି – ଯାହା କୌଣସି ପରିସ୍ଥିତିରେ ମୁଣ୍ଡ ନୁଆଁଇବ ନାହିଁ। ଏହି ନୂଆ ଭାରତ ନିଜ ଭାଗ୍ୟ ନିଜେ ଲେଖିବ । ପୂର୍ବରୁ ଲୋକମାନେ କହୁଥିଲେ – "ମୋଦୀ ହେ ତୋ, ମୁମକିନ ହେ", ଆଜି ସମଗ୍ର ଦେଶ କହୁଛି – "ମୋଦୀ ହେ ତୋ, ଦେଶ ସୁରକ୍ଷିତ ହେ"। ଆପଣଙ୍କ ନେତୃତ୍ୱରେ ଦେଶ ବିକାଶର ନୂତନ ଶିଖର ଛୁଇଁଛି। ବିଗତ ୧୧ ବର୍ଷ ମଧ୍ୟରେ ଦେଶର ପ୍ରତ୍ୟେକ ଶ୍ରେଣୀର ଲୋକ ମାନଙ୍କର ଉନ୍ନତି ଘଟିଛି।ଆଜି ଭାରତ ବିଶ୍ୱର ଚତୁର୍ଥ ସବୁଠୁ ବଡ଼ ଅର୍ଥନୀତି ହୋଇଛି, ଏବଂ ଖୁବ ଶୀଘ୍ର ୫ ଟ୍ରିଲିଅନ୍ ଡଲାର ଅର୍ଥନୀତି ହେବାକୁ ଯାଉଛି। ଦେଶରେ ଅତି ଗରିବୀ ୨୭.୧% ରୁ କମି ୫.୩% ହୋଇଯାଇଛି। ଏହା ପ୍ରମାଣିତ କରୁଛି ଯେ ଆପଣଙ୍କ ନେତୃତ୍ୱରେ ଦେଶ ବଦଳୁଛି ଓ ଦ୍ରୁତ ଗତିରେ ବିକାଶର ରାସ୍ତାରେ ଅଗ୍ରସର ହେଉଛି ।ଆପଣଙ୍କ ମାର୍ଗଦର୍ଶନରେ ଗତ ୧ ବର୍ଷ ଧରି ଆମେ ଓଡ଼ିଶାବାସୀଙ୍କ ସେବାରେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟେକ ମୁହୂର୍ତ୍ତ କାମ କରିଛୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେଶର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଏହି ବର୍ଷକ ମଧ୍ୟରେ ଆମର କାର୍ଯ୍ୟକ୍ରମ ଓଡିଶାର ପ୍ରତ୍ୟେକ ଲୋକଙ୍କ ଜୀବନରେ କିଛି ନା କିଛି ପରିବର୍ତ୍ତନ ଆଣି ପାରିଛି। ତା ସହିତ ଆମେ, ଓଡିଶାବାସୀଙ୍କ ସୁନ୍ଦର ଭବିଷ୍ୟତ ପାଇଁ ସ୍ପଷ୍ଟ ରୋଡ୍ ମ୍ୟାପ ମଧ୍ୟ ପ୍ରସ୍ତୁତ କରିଛୁ। ଏହି ବର୍ଷକ ଭିତରେ ମୁଁ ଓଡିଶାର • ପୃଷ୍ଠା ୭ ଦେଖନ୍ତୁ...

## ମହାପ୍ରଭୁଙ୍କ ଚକାବିଜେ ନୀତି ସମ୍ପନ୍ନ

ପୁରୀ, ୨୦।୬ (ଡିକେ ନ୍ୟୁଜ): ପରମ୍ପରା ଅନୁଯାୟୀ ଶୁକ୍ରବାର ଆଷାଢ଼ କୃଷ୍ଣ ଦଶମୀ (ଅଣସର ଦଶମୀ) ତିଥିରେ ମହାପ୍ରଭୁଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରର ଅନବସର ଗୃହରେ ତିନୋଟି ମୁଗୁନି ପଥରର ଚକା ଅଣସର ପିଣ୍ଡିରେ ରଖାଯାଇ ବିଗ୍ରହଙ୍କୁ ଚକା ଉପରେ ବିଜେ କରାଯାଇଥିଲା। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଓ ଭୋଗମଣ୍ଡପ ନୀତି ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହରଣ ଦ୍ୱାର ଫିଟିବା ସହ ଅନବସର ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ଦଇତାପତି ସେବକମାନେ • ପୃଷ୍ଠା ୭ ଦେଖନ୍ତୁ...

### ବିହାରର ସିୱାନରେ ୫୨୦୦ କୋଟିରୁ ଅଧିକ ମୂଲ୍ୟର ବିକାଶ କାର୍ଯ୍ୟର ଉଦଘାଟନ

## ବିହାର ସମୃଦ୍ଧ ହେବ ଏବଂ ଦେଶର ସମୃଦ୍ଧିରେ ମଧ୍ୟ ଏକ ବଡ଼ ଭୂମିକା ଗ୍ରହଣ କରିବ: ପ୍ରଧାନମନ୍ତ୍ରୀ

ବିହାର, ୨୦।୬ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବିହାରର ସିୱାନରେ ୫୨୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସଭାରେ ଉପସ୍ଥିତ ସମସ୍ତଙ୍କୁ ଅଭିବାଦନ ଜଣାଇ ପ୍ରଧାନମନ୍ତ୍ରୀ ବାବା ମହେନ୍ଦ୍ର ନାଥ ଏବଂ ବାବା ହଂସନାଥଙ୍କୁ ଭକ୍ତିପୂତ ପ୍ରଣାମ କରିଥିଲେ ଏବଂ ପବିତ୍ର ସୋହଗରା ଧାମକୁ ସମ୍ମାନ ଜଣାଇଥିଲେ। ସେ ମା' ଥାୱେ ଭବାନୀ ଏବଂ ମା' ଅମ୍ବିକା ଭବାନୀଙ୍କୁ ମଧ୍ୟ ଭକ୍ତିପୂତ ପ୍ରଣାମ କରିଥିଲେ। ପ୍ରଧାନମନ୍ତ୍ରୀ ଦେଶର ପ୍ରଥମ ରାଷ୍ଟ୍ରପତି ଦେଶରତ୍ନ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିୱାନକୁ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ପ୍ରେରଣାଦାୟକ ଭୂମି ଭାବରେ ବର୍ଣ୍ଣନା କରି ଶ୍ରୀ ମୋଦି ଗୁରୁତ୍ୱାରୋପ କରିଥିଲେ ଯେ ଏହି ଭୂମି ଦେଶର ଗଣତନ୍ତ୍ରକୁ ସଶକ୍ତ କରିଛି ଏବଂ ସମ୍ବିଧାନକୁ ସୁଦୃଢ଼ କରିଛି। ସେ ଉଲ୍ଲେଖ କରିଥିଲେ ଯେ ସିୱାନ ଦେଶକୁ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ରୂପରେ ଏକ ମହାନ ସନ୍ତାନ ଦେଇଥିଲା, ଯିଏ ସମ୍ବିଧାନ ପ୍ରଣୟନ ଏବଂ ଦେଶକୁ ଦିଗଦର୍ଶନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ମହାନ ସମାଜ ସଂସ୍କାରକ ବ୍ରଜ କିଶୋର ପ୍ରସାଦଙ୍କ ରୂପରେ ସିୱାନର ଆଉ ଏକ ଅବଦାନକୁ ସ୍ୱୀକାର କରିଥିଲେ, ଯିଏ ମହିଳା ସଶକ୍ତିକରଣ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଶ୍ରୀ ମୋଦି ଖୁସି ପ୍ରକାଶ କରିଥିଲେ ଯେ କେନ୍ଦ୍ର ଏବଂ ରାଜ୍ୟ ସରକାର ଏପରି ମହାନ ଆତ୍ମାଙ୍କ ଜୀବନର ମିଶନକୁ ଦୃଢ଼ ସଂକଳ୍ପ ସହିତ ଆଗକୁ ନେଉଛନ୍ତି। ସେ କହିଥିଲେ ଯେ ଆଜିର କାର୍ଯ୍ୟକ୍ରମ ଏହି ନିରନ୍ତର ପ୍ରୟାସର ଏକ ଅଂଶ। ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପଗୁଡ଼ିକର ଉଦଘାଟନ ଏବଂ




ଭିତ୍ତିପ୍ରସ୍ତର ସ୍ଥାପନ ଗୋଟିଏ ମଞ୍ଚରୁ କରାଯାଇଛି ଓ ଏହି ବିକାଶମୂଳକ ପଦକ୍ଷେପଗୁଡ଼ିକ ବିହାରକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ନେଇଯିବ ଏବଂ ଏକ ସମୃଦ୍ଧ ରାଜ୍ୟ ଗଠନରେ ଯୋଗଦାନ ଦେବ। ଶ୍ରୀ ମୋଦି ମନ୍ତବ୍ୟ ଦେଇଥିଲେ ଯେ ଏହି ପ୍ରକଳ୍ପଗୁଡ଼ିକ ସିୱାନ, ସାସାରାମ, ବକ୍ସର, ମୋତିହାରୀ, ବେଟିଆ ଏବଂ ଆରାହ ଭଳି ଅଞ୍ଚଳର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ପଦକ୍ଷେପ ଗରିବ, ଅବହେଳିତ, ଦଳିତ, ମହାଦଳିତ, ପଛୁଆ ଏବଂ ଅତ୍ୟନ୍ତ ପଛୁଆ ସମ୍ପ୍ରଦାୟର • ପୃଷ୍ଠା ୭ ଦେଖନ୍ତୁ...

## ଟ୍ରମ୍ପ-ନେତାନାହୁଙ୍କୁ ଚେତାବନୀ ଦେଲେ କିମ୍ ଜୋଙ୍ଗ ଉନ୍



ନୂଆଦିଲ୍ଲୀ, ୨୦।୬ (ହି.ସ): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ମଧ୍ୟପ୍ରାଚ୍ୟ ଉତ୍ତେଜନାପୂର୍ଣ୍ଣ ମନୋଭାବରେ ଅଛି। ଏହି ସମୟରେ ଉତ୍ତର କୋରିଆର ଏକଛତ୍ରବାଦୀ କିମ୍ ଜୋଙ୍ଗ ଉନ୍ ଇରାନ ଉପରେ ଇସ୍ରାଏଲୀ ଆକ୍ରମଣକୁ ନିନ୍ଦା କରିଛନ୍ତି। ଉତ୍ତର କୋରିଆର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇରାନର ବେସାମରିକ, ପରମାଣୁ ଏବଂ ଶକ୍ତି ପ୍ରତିଷ୍ଠାନ ଉପରେ ଆକ୍ରମଣ ଉପରେ ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ, ଏହା ମାନବତା ବିରୁଦ୍ଧରେ ଏକ ଅକ୍ଷମଣୀୟ ଅପରାଧ। ଏହା ଏହି କ୍ଷେତ୍ରକୁ ଏକ ନୂତନ ବ୍ୟାପକ ଯୁଦ୍ଧ ଆଡ଼କୁ ଠେଲି ଦେଉଛି। ଉତ୍ତର କୋରିଆ କେବଳ ଇସ୍ରାଏଲକୁ ସମାଲୋଚନା କରିନାହିଁ ବରଂ ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକୁ ମଧ୍ୟ ଅଭିଯୋଗ କରିଛି, କହିଛି ଯେ ସେମାନେ ଏହି ଅପରାଧରେ ମିଳିତ ଅଂଶୀଦାର। ସେମାନେ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦୀଙ୍କୁ ସୁରକ୍ଷା ଦେଉଛନ୍ତି। ଉତ୍ତର କୋରିଆର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଆହୁରି କହିଛନ୍ତି ଯେ, ଇସ୍ରାଏଲ ସହିତ ଆମେରିକା ଏବଂ ପଶ୍ଚିମ ଦେଶ ମଧ୍ୟପ୍ରାଚ୍ୟର ଶାନ୍ତି ପାଇଁ କର୍କଟ ରୋଗ ସଦୃଶ। ତଥାପି ଅନ୍ତର୍ଜାତୀୟ ସମ୍ପ୍ରଦାୟ ଆମେରିକା ଏବଂ ପଶ୍ଚିମ ଦେଶଗୁଡ଼ିକ ଉପରେ ନଜର ରଖିଛି, ଯେଉଁମାନେ ନିର୍ଯ୍ୟାତିତ ଇରାନର ସାର୍ବଭୌମତ୍ୱ ଏବଂ ଆତ୍ମରକ୍ଷାର ଅଧିକାରକୁ ନିରନ୍ତର ପ୍ରତ୍ୟାଖ୍ୟାନ କରିବାକୁ ଚେଷ୍ଟା କରୁଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପ୍ରତି କହିଛନ୍ତି ଯେ, ଇରାନ ପ୍ରତି ତାଙ୍କର ଧୈର୍ଯ୍ୟ ଏବେ ଶେଷ ହୋଇଛି। ସେ ପରିସ୍ଥିତିକୁ • ପୃଷ୍ଠା ୭ ଦେଖନ୍ତୁ...

DSPL-133

ଓଡ଼ିଶା ଶାସନ

ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR-10003/13/0209/2526

National Health Mission

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

# ବେପାର ବଣିଜ

## ଖଣି, ଶିଳ୍ପ ଦୁର୍ଘଟଣା ରୋକିବ ଏଆଇ: ଉତ୍ପାଦନ ବଢ଼ାଇବ, ଶକ୍ତି ବ୍ୟବହାର କମାଇବ



**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରି ଖଣି ଓ ବୃହ୍ତ କାରଖାନା ଗୁଡ଼ିକରେ ଦୁର୍ଘଟଣାକୁ ରୋକାଯାଇପାରିବୟ କେବଳ ସେତିକି ନୁହେଁ, ଏହା ବିଦ୍ୟୁତ ଶକ୍ତି ବ୍ୟବହାର କମ୍ କରିବା ଏବଂ ଉତ୍ପାଦନ ବଢ଼ାଇବାରେ ମଧ୍ୟ ସହାୟକ ହୋଇପାରିବୟ ପ୍ରାଇମ୍ସ ପାଟନର୍ସ ସହଯୋଗରେ ଆସୋଚମ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ଏଆଇ ପରିଚାଳିତ ବିର୍ନିମାଣ: ନବସୃଜନ, ଦକ୍ଷତା ଓ ସ୍ଥାୟୀ ଅଭିବୃଦ୍ଧି' ରିପୋର୍ଟରେ ଏହା କୁହାଯାଇଛି। ରାଜ୍ୟର ବନ୍ଦର ଗୁଡ଼ିକରେ ଏଆଇ ବ୍ୟବହାର କରି ରୁଟ୍ ପରିଚାଳନା, କ୍ରେନ୍ଗୁଡ଼ିକର ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଓ ପଣ୍ୟ ଟ୍ରାକିଂ ଆଦି ସହଜ କରାଯାଇପାରିବ। ଏହା ଜରିଆରେ ଓଡ଼ିଶା ଏହାର ଲଜିଷ୍ଟିକ୍ସ ପ୍ରଦର୍ଶନରେ ଉନ୍ନତି ଆଣିପାରିବ ଏବଂ ଅଧିକ ନିବେଶ ହାସଲ କରିପାରିବ ବୋଲି ରିପୋର୍ଟରେ କୁହାଯାଇଛି। ରାଜ୍ୟରେ ଟାଟା ଷ୍ଟିଲ୍ ଏହାର କଳିଙ୍ଗନଗର କାରଖାନା, ହିଣ୍ଡାଲ୍କୋ ଓ ବେଦାନ୍ତ ଆଲୁମିନିୟମ ନିଜ ସ୍ମେଲଟରେ ଏଆଇ ପ୍ରଯୁକ୍ତି ବ୍ୟବହାର କରୁଛନ୍ତି। ଏଆଇ ବ୍ୟବହାର କରି ଓଡ଼ିଶାର ଶିଳ୍ପ କାରଖାନାଗୁଡ଼ିକ ଏମିସନ୍ (ନିର୍ଗମନ) କମ୍ କରିବା ସହ ଅଭିବୃଦ୍ଧି ହାଇପାରିବେ ଓ ଇଏସ୍ଜି ଲକ୍ଷ୍ୟ ହାସଲ କରିପାରିବେ। ରାଜ୍ୟରେ ଭୁବନେଶ୍ୱର ସ୍ମାର୍ଟ ସିଟି, ମୁନିସପାଲିଟି ସେବା ଓ ସହରୀ ଯୋଜନା ପ୍ରସ୍ତୁତିରେ ଏଆଇ, ମେସିନ୍ ଲର୍ଣ୍ଣିଂର ବ୍ୟବହାର କରାଯାଉଛି। ସେର ଶକ୍ତି କ୍ଷେତ୍ରରେ ଏଆଇ ବ୍ୟବହାର କରି ଉତ୍ପାଦନକୁ ଆଗୁଆ ଆକଳନ କରାଯାଇପାରିବ ଏବଂ ଗ୍ରିଡ୍କୁ ବିଦ୍ୟୁତ ଶକ୍ତି ପଠାଇବାରେ ଉନ୍ନତି ଅଣାଯାଇପାରିବ। ଦୀର୍ଘକାଳୀନ ଭିତ୍ତିରେ ଏହା ଶକ୍ତି ବ୍ୟବହାର କମ୍ କରିବା ସହ ଏମିସନ୍ ୧୦-୨୦ ପ୍ରତିଶତ କମ୍ କରିବାରେ ସହାୟକ ହୋଇପାରିବ। କଳିଙ୍ଗନଗର ଓ ଝାରସୁଗୁଡ଼ାରେ ଡିଜିଟାଲ୍ ମାନୁଫାକ୍ଚରିଂ ପାର୍କ ବିକାଶ କରିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। କଳିଙ୍ଗନଗରରେ 'ସ୍ମାର୍ଟ ଷ୍ଟିଲ୍ ଫ୍ୟାକ୍ଟ୍ରି ଲ୍ୟାବ୍' ଶକ୍ତି ପରିଚାଳନା, ତ୍ରୁଟି ଚିହ୍ନଟ ପାଇଁ ଏଆଇ ମଡେଲ୍ ବିକାଶ କରିପାରିବ ବୋଲି ପ୍ରସ୍ତାବ ଦିଆଯାଇଛି। ଷ୍ଟାର୍ଟଅପ୍, ଗବେଷଣା ଓ ବିକାଶ କେନ୍ଦ୍ର ଏବଂ ତାଲିମ ପ୍ରତିଷ୍ଠାନଗୁଡ଼ିକ ପାଇଁ ଭୁବନେଶ୍ୱରରେ ଏଆଇ ପାର୍କ ସ୍ଥାନ କରିବାକୁ କୁହାଯାଇଛି। ରୋଟରଡ୍ୟାମ୍ ଓ ବୁସାନ ବନ୍ଦର ଭଳି ଓଡ଼ିଶାରେ ପାରାଦୀପ ଓ ଧାମରା ବନ୍ଦରରେ ଏଆଇ ଲଜିଷ୍ଟିକ୍ସ ଜୋନ୍ ବିକାଶ କରିବାକୁ ରିପୋର୍ଟରେ କୁହାଯାଇଛି। ଓଡ଼ିଶାରେ ଇଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡର୍, ଉପକୂଳ ରାଜପଥ ଓ ସ୍ମାର୍ଟ ପୋର୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ଯାହା ପରିବହନ ସମୟ ଓ ଖର୍ଚ୍ଚ କମ୍ କରିବ। ଏଥିପାଇଁ ଏଆଇ ଆଧାରିତ ଯୋଗାଣ ଶୃଙ୍ଖଳର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ କୁହାଯାଇଛି। ଓଡ଼ିଶା ଭଳି ରାଜ୍ୟ ପାଇଁ ଏକ ହାଇବ୍ରିଡ୍ ମଡେଲରେ ପ୍ରସ୍ତାବ ଦିଆଯାଇଛି, ଯେଉଁଥିରେ ଖଣିଜ ଅଞ୍ଚଳ ଗୁଡ଼ିକରେ ଏଆଇ ଦ୍ୱାରା ଉତ୍ପାଦନକୁ ବାଇବା ଏବଂ ବନ୍ଦରରେ ଏଆଇ ଆଧାରିତ ଲଜିଷ୍ଟିକ୍ସ ସମାଧାନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟକ୍ଷ ଓ ଡିଜିଟାଲ୍ ଭିତ୍ତିଭୂମିକୁ ମିଶାଇ ଏକ ସ୍ମାର୍ଟ ବିର୍ନିମାଣ କରିଡର୍ ଗଠନ କରାଯାଇ ପାରିବ ବୋଲି ରିପୋର୍ଟରେ କୁହାଯାଇଛି।

## ଇରାନ-ଇସ୍ରାଏଲ ଯୁଦ୍ଧ ନେଇ ଭାରତର ଚାଉଳ ରପ୍ତାନିକାରୀଙ୍କୁ ବେଶ୍ ପ୍ରଭାବିତ

**ନୂଆଦିଲ୍ଲୀ, (ହି.ସ):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଭାରତକୁ ବଡ଼ ଝଟ୍କା ଦେଇଛି। ଏହି ଯୁଦ୍ଧ ଭାରତର ଚାଉଳ ରପ୍ତାନିକାରୀଙ୍କୁ ପ୍ରଭାବିତ କରିଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଇରାନ ଦେଇ ଯାଉଥିବା ଚାଉଳ ରପ୍ତାନି ବନ୍ଦ ହୋଇଯାଇଛି। ଯାହା ଫଳରେ ହରିଆଣା, ପଞ୍ଜାବ, ଦିଲ୍ଲୀ ଏବଂ ଉତ୍ତର ପ୍ରଦେଶରୁ ପ୍ରାୟ ଏକ ଲକ୍ଷ ମେଟ୍ରିକ ଟନ ଚାଉଳ ଅଟକି ରହିଛି। ଯାହା ଫଳରେ ରପ୍ତାନି ହେଉଥିବା ଚାଉଳର ମୂଲ୍ୟ କ୍ୱିଣ୍ଟାଲ ପିଛା ପ୍ରାୟ ୧୨୦୦ ହ୍ରାସ ପାଇଛି। ରପ୍ତାନିକାରୀଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି ଇରାନରେ ଅଟକି ରହିଥିବା ସେମାନଙ୍କର ଚାଉଳର ଟଙ୍କା ଏବଂ ବନ୍ଦରରେ ଲୋଡ ହୋଇଥିବା ସେମାନଙ୍କର ଚାଉଳ ପାତ୍ର। କାରଣ ଇରାନକୁ ରପ୍ତାନି ହେଉଥିବା ଚାଉଳ ପାଇଁ କୌଣସି ବୀମା ନାହିଁ। ଯାହା ଯୋଗୁଁ ଏବେ ଚାଉଳ ରପ୍ତାନିକାରୀମାନେ କୋଟି କୋଟି ଟଙ୍କାର ଚାଉଳକୁ ନେଇ ଚିନ୍ତିତ ଅଛନ୍ତି। ଅନ୍ୟପକ୍ଷରେ, ଇରାନକୁ ଯାଉଥିବା ଚାଉଳ ରପ୍ତାନି ପାଇଁ ପରମିଟ କେବଳ ଚାରି ମାସ ପାଇଁ କରାଯାଇଥାଏ। ଯେଉଁଥିରେ ରପ୍ତାନିକାରୀଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଚାଉଳ ପହଞ୍ଚାଇବାକୁ ପଡିବ। ଯଦି ଚାଉଳ ସମୟ ମଧ୍ୟରେ ନପହଞ୍ଚେ, ତେବେ ପରମିଟ ବାତିଲ ହୋଇଯାଏ। ରପ୍ତାନିକାରୀଙ୍କୁ ଏହାର କ୍ଷତି ସହିବାକୁ ପଡିବ। ଚାଉଳ ରପ୍ତାନିକାରୀମାନେ ଦାବି କରୁଛନ୍ତି ଯେ ଭାରତ ସରକାର ଯୁଦ୍ଧ ସମୟରେ ଇରାନ ସରକାରଙ୍କ ସହିତ କଥା ହୋଇ ସେମାନଙ୍କ ପରମିଟ ବୃଦ୍ଧି କରିବା ଉଚିତ। ଉଲ୍ଲେଖନୀୟ ଯେ ବିଶ୍ୱର ୪୦ ପ୍ରତିଶତ ବାସୁମତୀ ଚାଉଳ କେବଳ ହରିୟାଣାରୁ ରପ୍ତାନି କରାଯାଏ। ବାକି ୬୦ ପ୍ରତିଶତ ପଞ୍ଜାବ, ଦିଲ୍ଲୀ ଏବଂ ଉତ୍ତର ପ୍ରଦେଶ ରପ୍ତାନି କରନ୍ତି। ଇରାନ, ସାଉଦି ଏବଂ ଇରାକ ହେଉଛି ଭାରତର ତିନୋଟି ପ୍ରମୁଖ ବାସୁମତୀ ଚାଉଳ ଆମଦାନୀକାରୀ ଦେଶ। କୈଥାଲର ଚାଉଳ ରପ୍ତାନିକାରୀ ଗୌତମ ମିଗଲାନି କୁହନ୍ତି ଯେ ଭାରତ ଇରାନକୁ ୩୦ ପ୍ରତିଶତରୁ ଅଧିକ ବାସୁମତୀ ଚାଉଳ ରପ୍ତାନି କରେ, ଯାହା ଭାରତରୁ ସର୍ବାଧିକ ଚାଉଳ ଆମଦାନୀକାରୀୟ ଭାରତରୁ ଚାଉଳ ଆମଦାନୀ କରିବାରେ ସାଉଦି ଆରବ ଦ୍ୱିତୀୟ ସ୍ଥାନରେ ଏବଂ ଇରାକ ତୃତୀୟ ସ୍ଥାନରେ ଅଛି। ଏହି ତିନୋଟି ଦେଶ ଭାରତରୁ ବାସୁମତୀ ଚାଉଳ ଆମଦାନୀକାରୀ। ଏହି ବର୍ଷ ମଧ୍ୟ ଇରାନ ଭାରତରୁ ଭଲ ଚାଉଳ ଆମଦାନୀ କରୁଥିଲା, ଯାହା ଯୋଗୁଁ ଚାଉଳର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ବର୍ତ୍ତମାନ ଯୁଦ୍ଧ ଯୋଗୁଁ ଚାଉଳର ମୂଲ୍ୟ ପ୍ରାୟ ୧,୦୦୦ ଟଙ୍କା ହ୍ରାସ ପାଇ ୧,୨୦୦ ଟଙ୍କା ହୋଇଛି। ରପ୍ତାନିକାରୀମାନେ କହିଛନ୍ତି ଯେ ଯଦି ଆମେ ଆଗାମୀ ସମୟରେ ଇରାନକୁ ଚାଉଳ ରପ୍ତାନି କରିପାରିବା ନାହିଁ, ତେବେ ଆମେ ପରବର୍ତ୍ତୀ ଧାନ କିଣିପାରିବୁ ନାହିଁ। ଯାହା ଫଳରେ ଆଗାମୀ ଧାନର ମୂଲ୍ୟ ହ୍ରାସ ପାଇବ।

## ଆୟ ବଢୁଥିବାରୁ ବଢୁଛି ନିମ୍ନମଧ୍ୟବିତ୍ତଙ୍କ ଆତ୍ମବିଶ୍ୱାସ



**ନୂଆଦିଲ୍ଲୀ, (ହି.ସ):** ରୋଜଗାର ବଢୁଥିବାରୁ ଭାରତୀୟ ନିମ୍ନମଧ୍ୟବିତ୍ତଙ୍କ ଆତ୍ମବିଶ୍ୱାସ ବୃଥିବା ଏକ ସର୍ଭେ ରିପୋର୍ଟରୁ ସାମ୍ନାକୁ ଆସିଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଭାରତର ନିମ୍ନ ମଧ୍ୟବିତ୍ତ ପରିବାର ଗୁଡ଼ିକ ସେମାନଙ୍କର ପ୍ରମୁଖ ଆର୍ଥିକ ଲକ୍ଷ୍ୟଗୁଡିକୁ ହାସଲ କରିନେବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ହୋମ୍ କ୍ରେଡିଟ୍ ଇଣ୍ଡିଆର ସର୍ଭେର ତୃତୀୟ ସଂସ୍କରଣ, ଦି ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ୨୦୨୫ରେ ସର୍ଭେ ରିପୋର୍ଟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ସର୍ଭେରେ କମ୍ପାନୀର ଫାଇନାନ୍ସ ୱେଲବିଙ୍ଗ ଇଣ୍ଡେକ୍ସରେ ପ୍ରାୟ ୭୩ ପ୍ରତିଶତ ଉତ୍ତରଦାତା ସେମାନଙ୍କର ବର୍ଦ୍ଧିତ ରୋଜାଗର ନେଇ ଆଶାବାଦୀ ଥିବା ଦର୍ଶାଯାଇଛି। ଏହି ସର୍ଭେ ସୂଚକାଙ୍କରେ ଭବିଷ୍ୟତର ଆଶା କ୍ୟାଟେଗୋରୀରେ ୫୯ ସ୍କୋର ରହିଛିୟ ତେଣୁ ଲୋକେ ଭବିଷ୍ୟତର ଉତ୍ତମ ପ୍ରଦର୍ଶନ ନେଇ ଆଶାବାଦୀ ଥିବା ଜଣାପଡିଛି। ମହଙ୍ଗା ବଜାରରେ ବି ଗ୍ରାହକଙ୍କ ବିଶ୍ୱାସ ଭାଙ୍ଗି ନାହିଁ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ପରିବାରର ଆୟ ବୃଦ୍ଧି ପାଇବା ହେତୁ ଲୋକମାନେ ଅଧିକ ସକାରାତ୍ମକ ଅନୁଭବ କରୁଛନ୍ତି। ଚଳିତ ବର୍ଷ ୫୭ ପ୍ରତିଶତ ଉତ୍ତରଦାତା କହିଛନ୍ତି ଯେ ସେମାନଙ୍କ ପରିବାର ଅଧିକ ରୋଜଗାର କରିଛନ୍ତି। ୨୦୨୪ ମସିହାରେ ଏହି ସଂଖ୍ୟା ମାତ୍ର ୫୨ ପ୍ରତିଶତ ଥିଲା। ଏନେଇ ହୋମ୍ କ୍ରେଡିଟ୍ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ଆଶିଷ ତିୱାରୀ କହିଛନ୍ତି ଯେତେବେଳେ ଆମେ ୨୦୨୩ରେ 'ଦି ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ଷ୍ଟଡି' ଆରମ୍ଭ କରିଥିଲୁ, ଆମେ ଭାରତର ଆର୍ଥିକ ସ୍ପନ୍ଦନକୁ ବୁଝିବାକୁ ଚେଷ୍ଟା କରିଥିଲୁ। ଆମେ ଯାହା ପାଇଲୁ ତାହା ହେଲା ଏହି ଦେଶ ହେଉଛି ଏକ ନୀରବ ବିପ୍ଳବୀଙ୍କ ଦେଶୟ କାରଣ ଏଠି ଲକ୍ଷ ଲକ୍ଷ ପରିବାର ପ୍ରତିବନ୍ଧକକୁ ପଦକ୍ଷେପରେ ଓ ଆହ୍ୱାନକୁ ସୁଯୋଗରେ ପରିଣତ କରୁଛନ୍ତି। ଆଶିଷ ଆହୁରି କହିଛନ୍ତି ଏହି ବର୍ଷର ଫଳାଫଳ କିଛି ଅସାଧାରଣ ପ୍ରକାଶ କରୁଛି: ଆର୍ଥିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ଭାରତର ନିମ୍ନ ମଧ୍ୟବିତ୍ତ ବର୍ଗ ପୂର୍ବ ଅପେକ୍ଷା ଅଧିକ ଆଶାବାଦୀ, ଅଧିକ ଡିଜିଟାଲ୍ ଏବଂ ଅଧିକ ଦୃଢ଼ୟଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ୨୦୨୫' ଫେବୃଆରୀ ଏବଂ ଏପ୍ରିଲ ୨୦୨୫ ମଧ୍ୟରେ ୧୭ ଟି ସ୍ଥାନରେ କରାଯାଇଥିଲା। ଏଥିରେ - ଦିଲ୍ଲୀ ଏନସିଆର, ମୁମ୍ବାଇ, କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଜୟପୁର, ପୁଣେ ଏବଂ ୯ଟି ଟାୟାର-୨ ସହରରେ ସର୍ଭେ ହୋଇଥିଲାୟ ୧୮ ରୁ ୫୫ ବର୍ଷ ବୟସର ୩,୦୦୦ ଲୋକ ସର୍ଭେରେ ଭାଗ ନେଇଥିଲେ। ଏମାନଙ୍କର ମାସିକ ଦରମା ୨୫ରୁ ୪୫ ହଜାର ମଧ୍ୟରେ ରହିଥିଲାୟ ଆୟ ବ୍ୟାଣ୍ଡ ଅନୁସାରେ ଏହି ଭାଗ ଭାରତର ଦୁଇ ତୃତୀୟାଂଶ ହେବ। ଏହି ବର୍ଗର ପରିବାରଗୁଡ଼ିକ ମାସକୁ ପ୍ରାୟ ୩୩,୦୦୦ ରୋଜଗାର କରନ୍ତି ଏବଂ ଅତ୍ୟାବଶ୍ୟକୀୟ ଜିନିଷପତ୍ର ପାଇଁ ୨୦,୦୦୦ ଖର୍ଚ୍ଚ କରନ୍ତିୟ ତଥାପି ଏମାନଙ୍କ ପାଇଁ ସଞ୍ଚୟ କରିବା କଷ୍ଟକର ହୋଇପଡୁଛି। ଉତ୍ତରଦାତାମାନଙ୍କ ମଧ୍ୟରୁ କେବଳ ଅଧା ଲୋକ ସଞ୍ଚୟ କରିପାରୁଥିବା କହିଛନ୍ତି। ଯାହା ଗତ ବର୍ଷ ୬୦ ପ୍ରତିଶତ ଥିଲା। ତେବେ ୧୨ ପ୍ରତିଶତ ଲୋକ ଏମିତି ଅଛନ୍ତି ଯେଉଁମାନେ ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ଋଣ ନେଉଥିଲେ ବୋଲି କହିଛନ୍ତି। ତେବେ କିନ୍ତୁ ଆଞ୍ଚଳିକ ବୈଷମ୍ୟତା ଏବେ ବି ରହିଛି। ମେଟ୍ରୋପଲିଟାନ ବାସିନ୍ଦାମାନେ ଅଧିକ ଦରମା ପ୍ୟାକେଜ୍ (୩୬,୦୦୦) ପାଉଛନ୍ତି। କିନ୍ତୁ ଅଧିକ ଖର୍ଚ୍ଚ (୨୩,୦୦୦) ହେଉଛି। ସେହିପରି ଟାୟାର-୨ରେ ରହୁଥିବା ପରିବାରଗୁଡ଼ିକ ୩୦,୦୦୦ ଆୟ ଏବଂ ୧୭,୦୦୦ ଖର୍ଚ୍ଚ କରୁଛନ୍ତି। ତେବେ ପରିବାର ମଧ୍ୟରେ ଆର୍ଥିକ ଦାୟିତ୍ୱ ବୃଦ୍ଧି ପାଉଛି, ପୁରୁଷମାନେ ବର୍ତ୍ତମାନ ପରିବାର ଖର୍ଚ୍ଚର ୭୪ ପ୍ରତିଶତ ଏବଂ ଏରଭତ ସଦସ୍ୟମାନେ ୬୧ ପ୍ରତିଶତ ଯୋଗଦାନ ଦେଉଛନ୍ତି। ଏବେ ବି ତେଜରାତି ସଉଦାରେ ଅଧିକ ଖର୍ଚ୍ଚ, ବଢିଛି ଶିକ୍ଷା ନିମ୍ନ ମଧ୍ୟବିତ୍ତ ପରିବାରରେ ଏବେ ବି ତେଜରାତି ସଉଦା କିଣିବାରେ ସବୁଠାରୁ ଅଧିକ ଖର୍ଚ୍ଚ ହେଉଛି। ଏଥିରେ ମାସିକ ଖର୍ଚ୍ଚର ୨୯ ପ୍ରତିଶତ ଚାଲିଯାଉଛି। ଗତବର୍ଷ ଠାରୁ ୧୨ ପ୍ରତିଶତ ଅଧିକୟ ତେବେ ଲୋକ ଏବେ ଶିକ୍ଷାକୁ ମଧ୍ୟ ବହୁଳମାତ୍ରାରେ ପ୍ରାଥମିକତା ଦେଉଛନ୍ତି। ସ୍କୁଲ ଶିକ୍ଷା ଉପରେ ଖର୍ଚ୍ଚ ୩୪ ପ୍ରତିଶତ ବୃଦ୍ଧି ପାଇ ବର୍ତ୍ତମାନ ଏଥିରେ ୧୯ ପ୍ରତିଶତ ଖର୍ଚ୍ଚ କରାଯାଉଛିୟ ଜେନ୍ ଏକ୍ସ(୧୯୬୫ରୁ ୧୯୮୦ ମଧ୍ୟରେ ଜନ୍ମିତ) ବର୍ଗର ଲୋକମାନେ ଶିକ୍ଷା ପାଇଁ ସର୍ବାଧିକ ଖର୍ଚ୍ଚ କରନ୍ତି। ସେମାନଙ୍କର ମାସିକ ଖର୍ଚ୍ଚର ୨୨ ପ୍ରତିଶତ ଶିକ୍ଷାରେ ଖର୍ଚ୍ଚ ହେଉଛି। ସର୍ଭେରେ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ ଲୋକମାନଙ୍କର ଖର୍ଚ୍ଚର ଦିଗ ମଧ୍ୟ ପରିବର୍ତ୍ତନ ହୋଇଛି। ସେମାନେ ଅଧିକ ବିଳାଶବେଶନ ଦିଗରେ ଖର୍ଚ୍ଚ ନ କରି ଆବଶ୍ୟକୀୟ ସ୍ଥାନରେ ଖର୍ଚ୍ଚ କରୁଛନ୍ତି। ତେବେ ଡିଜିଟାଲ୍ ଉପକରଣ ଗୁଡ଼ିକ ମଧ୍ୟ ଅପରିହାର୍ଯ୍ୟ ହୋଇପଡୁଛି। ପ୍ରାୟ ୬୩ ପ୍ରତିଶତ ଉତ୍ତରଦାତା କହିଛନ୍ତି ଯେ ଆପ୍ସ ଏବଂ ଅନଲାଇନ୍ ପ୍ଲାଟଫର୍ମ ଆର୍ଥିକ ଲକ୍ଷ୍ୟ ହାସଲ କରିବା ସହଜ କରୁଛି। ଖୁଚୁରା ବ୍ୟବସାୟରେ ୫୧ ପ୍ରତିଶତ କ୍ରୟ ଅନଲାଇନରେ ହେଉଛି। ଏହା ବର୍ଷକୁ ୯ ପଏଣ୍ଟ ବୃଦ୍ଧି ପାଇଛି, ୟୁପିଆଇ ଯୋଗୁ ଏସବୁ ବୃଦ୍ଧି ପାଉଛି।

## ଏସବିଆଇ ଲାଇଫ ପକ୍ଷରୁ ହ୍ୟାକ-ଏଆଇ-ଥନର ଫାଇନାଲ




**ଭୁବନେଶ୍ୱର, (ଡିକେ ନ୍ୟୁଜ):** ଦେଶର ଅନ୍ୟତମ ସବୁଠୁ ବିଶ୍ୱସନୀୟ ଘରୋଇ ଜୀବନ ବୀମା କମ୍ପାନୀ, ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଏହାର ଜାତୀୟ ନବସୃଜନ ଅଭିଯାନ 'ହ୍ୟାକ-ଏଆଇ-ଥନ'ର ଫାଇନାଲ ଆୟୋଜିତ ହୋଇଯାଇଛି। ଏହା ବୀମା କ୍ଷେତ୍ର ସମ୍ମୁଖୀନ ହେଉଥିବା ବାସ୍ତବ-ବ୍ୟବସାୟିକ ଆହ୍ୱାନଗୁଡ଼ିକର ସମାଧାନ ପାଇଁ କୃତ୍ରିମ ବୁଦ୍ଧିମତା-ଚାଳିତ ସମାଧାନଗୁଡ଼ିକୁ କ୍ରାଉଡସୋର୍ସ କରିବା ପାଇଁ ଏକ ରଣନୈତିକ ପ୍ଲାଟଫର୍ମ। ଏହି କାର୍ଯ୍ୟକ୍ରମରେ ପଚାଶରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଗଠିତ ୧୬ରୁ ଅଧିକ ଶ୍ରେଷ୍ଠ ଟିମ ନିଜର ଆଇଡିଆ ଓ ସହଯୋଗିତା ଦେଖାଇଥିଲେ। ସେମାନେ ବୀମା ଶିଳ୍ପରେ ଗ୍ରାହକ ସେବା, ପରିଚାଳନା ଦକ୍ଷତା ଓ ଡିଜିଟାଲ ସେବା ପ୍ରଦାନରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରି ଏଆଇ ନେତୃତ୍ୱାଧୀନ ଉଦ୍ଭାବନ ଉପସ୍ଥାପନ କରିଥିଲେ। ଭୋପାଳର ସୁଶ୍ରୀ ଆଶା ବିଦ୍ୟାଧରନ ଏବଂ ଶ୍ରୀଯୁକ୍ତ ରମିଜ ଖାନଙ୍କୁ ନେଇ ଗଠିତ ଇନୋଭେସନ୍ ବ୍ରିଗେଡ୍ ଦଳ ହ୍ୟାକ୍-ଏଆଇ-ଥନ୍ ୨୦୨୫ ର ବିଜେତା ଭାବରେ ଉଭା ହୋଇଥିଲା, ଏବଂ ହ୍ୟାକ୍-ଏଆଇ-ଥନ୍ ୨୦୨୫ ଗ୍ରାଣ୍ଡ ଫିନାଲେରେ ସେମାନଙ୍କର ଅଭିନବ ସମାଧାନ ସହିତ ପ୍ୟାନେଲକୁ ପ୍ରଭାବିତ କରିଥିଲା। ଯେବେକି ଇନ୍ଦୋରର ବ୍ଲାକ୍ ବାର୍ଡକୁ ପ୍ରଥମ ରନର୍ସ-ଅପ୍ ଏବଂ ତ୍ରିଚିର ପ୍ଲୁଟସ୍.ଏଆଇ ଏବଂ ପୁଣେର ସେମାଂଟିକ୍ସକୁ ଦ୍ୱିତୀୟ ରନର୍ସ-ଅପ୍ ଘୋଷଣା କରାଯାଇଥିଲା। ଏସମ୍ପର୍କରେ ଏସବିଆଇ ଲାଇଫ୍ ଇନସ୍ୟୁରାନ୍ସର ବ୍ରାଣ୍ଡ, କର୍ପୋରେଟ କମ୍ୟୁନିକେସନ୍ ଏବଂ ସିଏସଆର ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି ଯେ, 'ବୀମାର ଭବିଷ୍ୟତ ଗଠନରେ ପରବର୍ତ୍ତୀ ପିଢ଼ିର ସମସ୍ୟା ସମାଧାନକାରୀଙ୍କୁ ନିୟୋଜିତ କରିବା ପାଇଁ ହ୍ୟାକ-ଏଆଇ-ଥନ'ର ପରିକଳ୍ପନା କରାଯାଇଥିଲା। ଯୁବ ମସ୍ତିଷ୍କଗୁଡ଼ିକ କିପରି ସ୍ପଷ୍ଟତା ଏବଂ ଉଦ୍ଦେଶ୍ୟ ସହିତ ଜଟିଳ ଶିଳ୍ପ ଆହ୍ୱାନଗୁଡ଼ିକୁ ସାମ୍ନା କରନ୍ତି ତାହା ଦେଖିବା ଉତ୍ସାହଜନକ। ଏସବିଆଇ ଲାଇଫରେ ଆମେ ବିଶ୍ୱାସ କରୁ ଯେ ନବସୃଜନ ଏକ ଅର୍ଥପୂର୍ଣ୍ଣ ଉଦ୍ଦେଶ୍ୟ ପୂରଣ କରିବା ଉଚିତ, ଏବଂ ଏହି ପଦକ୍ଷେପ ମାନବ-କୈନ୍ଦ୍ରିକ ଏବଂ ପ୍ରଭାବଶାଳୀ ପ୍ରଯୁକ୍ତିବିଦ୍ୟା-ନେତୃତ୍ୱାଧୀନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। 'ସେହିଭଳି ହ୍ୟାକ-ଏଆଇ-ଥନ ୨୦୨୫ ଜିତିବା ପରେ ଇନୋଭେସନ୍ ବ୍ରିଗେଡ୍ ଦଳ କହିଛନ୍ତି, 'ପ୍ରତ୍ୟେକ ପଦକ୍ଷେପରେ ଉତ୍କୃଷ୍ଟ ସମନ୍ୱୟ, ବିଶେଷଜ୍ଞ ପରାମର୍ଶ ସହିତ ଏସବିଆଇ ଲାଇଫ୍ର ହ୍ୟାକ୍-ଏଆଇ-ଥନ୍ ୨୦୨୫ରେ ଅଂଶଗ୍ରହଣ କରିବା ପ୍ରକୃତରେ ଏକ ସମୃଦ୍ଧ ଅଭିଜ୍ଞତା ଥିଲା। କଠିନ ସର୍ବଭାରତୀୟ ପ୍ରତିଯୋଗିତା ସତ୍ତ୍ୱେ, ଆମେ ଏହି ଇଭେଂଟର ବିଜେତା ଭାବରେ ଉଭା ହୋଇଥିବା ବିଷୟକୁ ନେଇ ଗର୍ବିତ।

# ତୁମାଣୀ ଖବର

# ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

## ଭାରତ ପାଇଁ ଏୟାରବେସ୍ ଖୋଲିଲା ଇରାନ, ୧୦୦୦ ଛାତ୍ରଛାତ୍ରୀ ଆସୁଛନ୍ତି ଦିଲ୍ଲୀ

**ନୂଆଦିଲ୍ଲୀ, (ହି.ସ):** ଭାରତୀୟ ଛାତ୍ରଛାତ୍ରୀଙ୍କ ସ୍ଥାନାନ୍ତର ପାଇଁ ଇରାନ ନିଜର ବିମାନ କ୍ଷେତ୍ରକୁ ଖୋଲିଛି। ନିଜର ଏୟାରବେସକୁ ସ୍ୱତନ୍ତ୍ର ଭାବେ ଭାରତ ପାଇଁ ଖୋଲିବାକୁ ନିଷ୍ପତ୍ତି ନେଇଛି। ଯୁଦ୍ଧ ପ୍ରଭାବିତ ଇରାନୀ ସହର ଗୁଡ଼ିକରେ ଫସି ରହିଥିବା ଛାତ୍ରଛାତ୍ରୀଙ୍କ ଜରୁରିକାଳୀନ ସ୍ଥାନାନ୍ତର ପାଇଁ ନିଆଯାଇଛି ଏକ ବଡ଼ ଓ ସାହସିକତା ପଦକ୍ଷେପ। ଏହାକୁ ଭାରତୀୟ କୂଟନୀତିର ବିଜୟ ବି କୁହାଯାଉଛି। ଅପରେସନ ସିନ୍ଧୁ ଅନୁସାରେ, ପାଖାପାଖି ୧୦୦୦ ଭାରତୀୟ ଛାତ୍ରଙ୍କର ଆଜି ଦିଲ୍ଲୀ ପହଞ୍ଚିବାର ସମ୍ଭାବନା ରହିଛି। ଇରାନ ଦ୍ୱାରା ବିମାନ ମାର୍ଗ ଖୋଲାଯିବା ପରେ ପ୍ରଥମ ଫ୍ଲାଇଟ୍ ଆଜି ରାତି ସମୟ ପାଖାପାଖି ୧୧ଟା ସୁଦ୍ଧା ନୂଆଦିଲ୍ଲୀରେ ଲ୍ୟାଣ୍ଡ କରିବ। ଇରାନର ମଶହଦ ସହରରୁ ଇରାନୀ ବିମାନରେ ହିଁ ଷ୍ଟୁଡେଣ୍ଟମାନେ ଦିଲ୍ଲୀ ଆସିବେ। ୨ୟ ଓ ୩ୟ ଉଡ଼ାଣ ଶନିବାର ନିର୍ଦ୍ଧାରିତ କରାଯାଇଛି। ଏଥିରେ ଗୋଟିଏ ବିମାନ ସକାଳ ତ ଆଉ ଗୋଟିଏ ସନ୍ଧ୍ୟାରେ ପହଞ୍ଚିବ। ଏହି ମଧ୍ୟରେ ଇରାନର ସ୍ଥାନୀୟ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ , ଯେଉଁ ଭାରତୀୟ ନାଗରିକ ଇରାନ ଛାଡ଼ି ଯିବାକୁ ଚାହାନ୍ତି, ତାଙ୍କ ପାଇଁ ଚାର୍ଟାର୍ଡ ବିମାନର ବ୍ୟବସ୍ଥା କରାଯାଇଛି। କହି ରଖୁଛୁ କି, ଗତ ୮ ଦିନରୁ ଇରାନ ଓ ଇସ୍ରାଏଲ ମଧ୍ୟରେ ଭୀଷଣ ଯୁଦ୍ଧ ଚାଲୁଛିୟ ଏହି ସମୟରେ ଦୁଇ ଦେଶ ପରସ୍ପରକୁ ଡ୍ରୋନ୍ ଓ ମିସାଇଲରେ ହମଲା କରୁଛନ୍ତି। ମିସାଇଲ ହମଲା ମଧ୍ୟରେ ଇରାନ ନିଜର ବିମାନ କ୍ଷେତ୍ରକୁ ବନ୍ଦ ରଖିଛି ଏବଂ ଅଧିକାଂଶ ଅନ୍ତରାଷ୍ଟ୍ରୀୟ ଉଡ଼ାଣ ବନ୍ଦ ରହିଛି। ଏହା ସତ୍ତ୍ୱେ ଭାରତୀୟ ଛାତ୍ରଛାତ୍ରୀଙ୍କ ସ୍ଥାନାନ୍ତର ପାଇ ଏକ ସ୍ପେଶାଲ କରିଡୋରର ବ୍ୟବସ୍ଥା କରାଯାଇଛି। ସୂଚନା ଯେ, ଭାରତ ବୁଧବାର ଇରାନରୁ ଭାରତୀୟ ନାଗରିକଙ୍କୁ ବାହାର କରିବା ପାଇଁ ଅପରେସନ ସିନ୍ଧୁ ଲଞ୍ଚ କରିଥିଲା। ଦିଲ୍ଲୀରେ ଇରାନୀ ଦୂତାବାସର ଅଧିକାରୀମାନେ କହିଛନ୍ତି -କିଛି ଭାରତୀୟ ଛାତ୍ରଛାତ୍ରୀ ଇସ୍ରାଏଲର ଆକ୍ରମଣରେ ଆହତ ହୋଇଛନ୍ତି। ସେମାନେ ସମସ୍ତେ ତେହରାନରେ ଇରାନୀ ବିଦେଶୀ ମନ୍ତ୍ରଣାଳୟ ଓ ଭାରତୀୟ ଦୂତାବାସର ସଂପର୍କରେ ଅଛନ୍ତିୟ କହି ରଖୁଛୁ ଯେ, ଏହା ପୂର୍ବରୁ ମୋଟ ୧୧୦ ଭାରତୀ ଛାତ୍ରଛାତ୍ରୀଙ୍କ ପ୍ରଥମ ବ୍ୟାଚ୍ ବୁଧବାର ରାତିରେ ନୂଆ ଦିଲ୍ଲୀରେ ପହଞ୍ଚି ଥିଲା। ଏଥିରେ ୯୪ ଛାତ୍ର-ଛାତ୍ରୀ ଜମ୍ମୁ-କାଶ୍ମୀରର ଥିଲେ। ଏ ସବୁ ଛାତ୍ରଛାତ୍ରୀ ଉର୍ମିଆ ମେଡିକାଲ ୟୁନିଭର୍ସିଟିରେ ପଢୁଥିଲେ ଏବଂ ତାଙ୍କୁ ଆର୍ମେନିଆ ଓ ଦୋହାର ରାସ୍ତା ଦେଇ ବାହାର କରାଯାଇ ଥିଲା।

## କର୍ଣ୍ଣାଟକରେ ଆଦିଚୁଞ୍ଚନଗିରି ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ଉଦଘାଟନ କଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ

**ନୂଆଦିଲ୍ଲୀ, (ପିଆଇବି):** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର କର୍ଣ୍ଣାଟକର ବେଙ୍ଗାଲୁରୁରେ ଆଦିଚୁଞ୍ଚନଗିରି ବିଶ୍ୱବିଦ୍ୟାଳୟ (ଏସିୟୁ)ର ବେଙ୍ଗାଲୁରୁ କ୍ୟାମ୍ପସକୁ ଉଦଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆମ ସଂସ୍କୃତିର ମୂଳ ନୀତି ହେଉଛି ସର୍ବ ଜନ ହିତାୟ, ସର୍ବ ଜନ ସୁଖାୟ, ଯାହାର ଅର୍ଥ କେବଳ ନିଜ ବିଷୟରେ ନୁହେଁ ବରଂ ସମସ୍ତଙ୍କ କଲ୍ୟାଣ ଏବଂ ସୁଖ ବିଷୟରେ ମଧ୍ୟ ଚିନ୍ତା କରିବା। ସେ କହିଥିଲେ ଯେ ଶ୍ରୀ ଆଦିଚୁଞ୍ଚନଗିରି ମଠ ଗ୍ରାମରେ ସ୍ୱାସ୍ଥ୍ୟ କେନ୍ଦ୍ର ଚଳାଇ, ଗରିବଙ୍କ ପାଇଁ ମାଗଣା ଚିକିତ୍ସା ପ୍ରଦାନ କରି ଏବଂ ପିଲାମାନଙ୍କ ପାଇଁ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରି ଉତ୍କୃଷ୍ଟ କାର୍ଯ୍ୟ କରୁଛି। ଅମିତ ଶାହ କହିଥିଲେ ଯେ ୪୦୦୦ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ୧୬ ଏକର ଜମିରେ ୨୦ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ୨୦୦ କୋଟି ଟଙ୍କା ବ୍ୟୟରେ ଏକ କ୍ୟାମ୍ପସ ନିର୍ମାଣ କରାଯାଇଛି। ସେ ଉଲ୍ଲେଖ କରିଛନ୍ତି ଯେ ସମସ୍ତ ସ୍ୱାସ୍ଥ୍ୟସେବା ସୁବିଧା ସହିତ ସଜ୍ଜିତ ଏହି ୧୦୦୦ ଶଯ୍ୟା ବିଶିଷ୍ଟ ଆଧୁନିକ ଡାକ୍ତରଖାନା ଶିକ୍ଷା ସହିତ ଗରିବଙ୍କୁ ମାଗଣା ଏବଂ ସୁଲଭ ଚିକିତ୍ସା ପ୍ରଦାନ କରି ପ୍ରକୃତରେ ସେବାର ଏକ ମହାନ ମାଧ୍ୟମ ହେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଜଗଦଗୁରୁ ଡ. ବାଲଗଙ୍ଗାଧରନାଥ ସ୍ୱାମୀଜୀ ପବିତ୍ର ଆଦିଚୁଞ୍ଚନଗିରିର ପର୍ବତର ୧୮୦୦ ବର୍ଷ ପୁରୁଣା ଆଧ୍ୟାତ୍ମିକ ପରମ୍ପରାକୁ ସେବା, ଶିକ୍ଷା ଏବଂ ସମର୍ପଣ ସହିତ ଏକୀକୃତ କରି ଏହାକୁ ସଂରକ୍ଷିତ ଏବଂ ଆହୁରି ସମୃଦ୍ଧ କରିଛନ୍ତି। ଡକ୍ଟର ନିର୍ମଳାନନ୍ଦନାଥ ମହାଶ୍ୱାମୀଜୀ ମଧ୍ୟ ଏହି ପରମ୍ପରାକୁ ଆଗକୁ ନେଉଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ଏହି ମଠ (ମଠ ଅନୁଷ୍ଠାନ) ଅନେକ ଗରିବ ଏବଂ ମଧ୍ୟବିତ୍ତ ପରିବାରକୁ ସେବା ମାଧ୍ୟମରେ ଆଧ୍ୟାତ୍ମିକତା ଏବଂ କର୍ମ ଯୋଗ ସହିତ ଯୋଡ଼ିଛି। ସେ କହିଥିଲେ ଯେ ଏହି ମଠ ସଫଳତାର ସହ ସମାଜର ସମସ୍ତ ବର୍ଗର ଲୋକଙ୍କୁ ନଅଟି ସ୍ତମ୍ଭ- ଅନ୍ନ (ଖାଦ୍ୟ), ଅକ୍ଷର (ଶିକ୍ଷା), ଆରୋଗ୍ୟ (ସ୍ୱାସ୍ଥ୍ୟ), ଆଧ୍ୟାତ୍ମିକତା (ଆଧ୍ୟାତ୍ମିକତା), ଆଶ୍ରୟ (ଆଶ୍ରୟ), ଅରଣ୍ୟ (ପରିବେଶ), ଆକାଲୁ (ବିପର୍ଯ୍ୟୟ ପ୍ରଶମନ), ଅନୁକମ୍ପା (କରୁଣା) ଏବଂ ଅନୁବନ୍ଧ (ବୁଝାମଣା) ଆଧାରରେ ଏକାଠି କରିଛି। ଏହା କେବଳ ସମାଜ ମଧ୍ୟରେ ଆଧ୍ୟାତ୍ମିକତା, ଧର୍ମ ଏବଂ ସଂସ୍କୃତିକୁ ସୁଦୃଢ଼ କରିନାହିଁ, ବରଂ ସାମାଜିକ ଏକତାକୁ ମଧ୍ୟ ସୁଦୃଢ଼ କରି ଅନ୍ୟ ଧାର୍ମିକ ଅନୁଷ୍ଠାନଗୁଡ଼ିକ ପାଇଁ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି ବୋଲି ସେ କହିଥିଲେ। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ଏହି ମଠ ପରମ୍ପରା ସହିତ ନବସୃଜନର ମିଶ୍ରଣ କରି ଆଗକୁ ବଢୁଛି। ଗୋଟିଏ ପଟେ, ଏହା ଶିଶୁ ଏବଂ ଯୁବକମାନଙ୍କୁ ଆମର ପରମ୍ପରା ଏବଂ ସଂସ୍କୃତି ସହିତ ଯୋଡ଼ିଥାଏ, ଅନ୍ୟ ପଟେ, ଏହା ସେମାନଙ୍କୁ ସବୁଠାରୁ ଆଧୁନିକ ଶିକ୍ଷା ପ୍ରଦାନ କରିଥାଏ, ଯାହା ସେମାନଙ୍କୁ ସମାଜରେ ଏକ ସମ୍ମାନଜନକ ସ୍ଥାନ ସୁରକ୍ଷିତ କରିବାରେ ସାହାଯ୍ୟ କରିଥାଏ। ଅମିତ ଶାହ କହିଥିଲେ ଯେ ଶ୍ରୀ ଆଦିଚୁଞ୍ଚନଗିରି ମଠ କେବଳ ବ୍ୟକ୍ତିର ଆତ୍ମାର ଉନ୍ନତି ପାଇଁ ନୁହେଁ, ବରଂ ସମାଜର ଆତ୍ମାକୁ ଜାଗ୍ରତ କରିବା ପାଇଁ ମଧ୍ୟ ସମର୍ପିତ। ସେ ଉଲ୍ଲେଖ କରିଥିଲେ ଯେ ମହାସ୍ୱାମୀଜୀ ଛାତ୍ରଛାତ୍ରୀମାନଙ୍କୁ ମାଗଣା ରହିବା ସହିତ ଶିକ୍ଷା ପ୍ରଦାନ କରିଛନ୍ତି, ଯାହାଦ୍ୱାରା ସେମାନେ ସମାଜରେ ଏକ ସମ୍ମାନଜନକ ସ୍ଥାନ ହାସଲ କରିପାରିବେ। ଏହା ବ୍ୟତୀତ, ମହାସ୍ୱାମୀ ଜୀ ଅନାଥ, ବୟସ୍କ ଏବଂ ମାନସିକ ରୋଗରେ ପୀଡିତ ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ଏବଂ ଡକ୍ଟର ନିର୍ମଳାନନ୍ଦନାଥ ଜୀ ଏହି ପରମ୍ପରାକୁ ଆଗକୁ ନେଇଛନ୍ତି। ଶ୍ରୀ ଶାହ କହିଥିଲେ ଯେ ଏହି ବିଶ୍ୱବିଦ୍ୟାଳୟ କେବଳ ଛାତ୍ରଛାତ୍ରୀମାନଙ୍କୁ ନୂତନ ଦିଗ ପ୍ରଦାନ କରୁନାହିଁ, ବରଂ ଏହା ଭାରତର ପ୍ରମୁଖ ବିଶ୍ୱ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇପାରିଛି। ସେ କହିଥିଲେ ଯେ ଏଠାକାର ୧୫୦୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା ଅତି କମ୍ ଖର୍ଚ୍ଚରେ ଏବଂ ଗରିବଙ୍କ ପାଇଁ ମାଗଣାରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିଥାଏ, ଯେଉଁଥିରେ ଗବେଷଣା କେନ୍ଦ୍ର, ହୃଦରୋଗ, ସ୍ନାୟୁଶଲ୍ୟ ଚିକିତ୍ସା, କର୍କଟ ଏବଂ ଏପରିକି ବୃକକ୍, ଯକୃତ ଏବଂ କର୍ଣ୍ଣିଆ ପ୍ରତିରୋପଣ ଅନ୍ତର୍ଭୁକ୍ତ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥରେ କହିଥିଲେ ଯେ ଦାରିଦ୍ର୍ୟ ସୃଷ୍ଟି କରୁଥିବା ସବୁଠାରୁ ବଡ଼ ସମସ୍ୟା ହେଉଛି ଅସୁସ୍ଥତା ଏବଂ କ୍ରମାଗତ ଅସୁସ୍ଥତାର ସବୁଠାରୁ ବଡ଼ କାରଣ ହେଉଛି ଚିକିତ୍ସା ଖର୍ଚ୍ଚ। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ସରକାର ଗରିବଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରିବା ଉଚିତ। ଶ୍ରୀ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ହେବା ପରେ ନରେନ୍ଦ୍ର ମୋଦି ସେହି ପ୍ରତିଶ୍ରୁତି ପୂରଣ କରିଥିଲେ ଏବଂ ଆଜି ଭାରତ ସରକାର ୬୦କୋଟି ଅଭାବୀ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପ୍ରଦାନ କରୁଛନ୍ତି। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦି ଦେଶର ସ୍ୱାସ୍ଥ୍ୟ ସମସ୍ୟାକୁ ଏକ ସାମଗ୍ରିକ ଦୃଷ୍ଟିକୋଣ ସହିତ ସମାଧାନ କରିଛନ୍ତି। ଘରେ ଘରେ ପାଖାପାଖି ୧୨ କୋଟି ଶୌଚାଳୟ ନିର୍ମାଣ କରାଯାଇଛି, ଫିଟ୍ ଇଣ୍ଡିଆ ଅଭିଯାନ ଆରମ୍ଭ ହୋଇଛି, ଆନ୍ତର୍ଜାତୀୟ ଯୋଗ ଦିବସ ଆରମ୍ଭ ହୋଇଛି ଏବଂ ମିଶନ ଇନ୍ଦ୍ରଧନୁଷ ଅଧୀନରେ ଜନ୍ମରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମାଗଣା ଟୀକାକରଣର ବ୍ୟବସ୍ଥା କରାଯାଇଛି। ପୋଷଣ ଅଭିଯାନ ମାଧ୍ୟମରେ, ମାଆ ଏବଂ ପିଲାମାନଙ୍କ ପୋଷଣ ସମ୍ବନ୍ଧୀୟ ଚିନ୍ତାଧାରାକୁ ସମାଧାନ କରାଯାଇଥିଲା, ଯାହା ଏକ ସୁସ୍ଥ ନାଗରିକ ଗଠନ ପାଇଁ ପଥ ପରିଷ୍କାର କରିଥିଲା। ଏହାବ୍ୟତୀତ, ପ୍ରଧାନମନ୍ତ୍ରୀ ଜନଔଷଧି ଯୋଜନା ଅଧୀନରେ ୧୫,୦୦୦ ସ୍ଥାନରେ ବଜାର ମୂଲ୍ୟର ୨୦% ମୂଲ୍ୟରେ ସମସ୍ତ ଔଷଧ ଉପଲବ୍ଧ କରାଯାଉଛି। ଶ୍ରୀ ଶାହ କହିଥିଲେ ଯେ ଦେଶରେ ଡାକ୍ତର ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଅନେକ ପଦକ୍ଷେପ ନେଇଛନ୍ତି।



# ୬୭ ବର୍ଷରେ ପଦାର୍ପଣ କଲେ ରାଷ୍ଟ୍ରପତି

## ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, (ହି.ସ): ସେବା, ସଂଘର୍ଷର ସଫଳ ଗାଥା ଦ୍ରୌପଦୀ ମୁର୍ମୁ। ଓଡ଼ିଶାର ଗର୍ବ, ଗୌରବ ମହାମହିମ ରାଷ୍ଟ୍ରପତିଙ୍କର ଶୁକ୍ରବାର ଜନ୍ମଦିନ। ୬୭ ବର୍ଷ ବୟସରେ ପଦାର୍ପଣ କରିଛନ୍ତି ରାଷ୍ଟ୍ରପତି। ରାଇରଙ୍ଗପୁରର ଏକ ଅଖ୍ୟାତ ପଲ୍ଲୀ ଉପରବେଡାରେ ଜନ୍ମଗ୍ରହଣ କରିଥିବା ପ୍ରଥମ ନଗରିକଙ୍କୁ ଜନ୍ମଦିନରେ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି। ମହାମହିମଙ୍କ ପିଲାଦିନ ୧୯୫୮ ମସିହା ଜୁନ୍ ୨୦ରେ ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଉପବେଡା ଗାଁରେ ଦ୍ରୌପଦୀ ମୁର୍ମୁଙ୍କ ଜନ୍ମ। ବିକାଶଠୁ ବହୁ ଦୂରରେ ଥିଲା ସେହି ଅଞ୍ଚଳ। ବିଦ୍ୟାଳୟ ଶିକ୍ଷା ପାଇଁ ତାଙ୍କୁ ଭୁବନେଶ୍ୱର ଆସିବାକୁ ପଡିଥିଲା। ୟୁନିଟ-୨ ବାଳିକା ବିଦ୍ୟାଳୟରେ ନାମ ଲେଖାଇଥିଲେ। ରମାଦେବୀ ମହାବିଦ୍ୟାଳୟରୁ ସ୍ନାତକ ଶିକ୍ଷା ପରେ ଜଳସେଚନ ବିଭାଗରେ କନିଷ୍ଠ ସହକାରୀ ପଦବୀ ଚାକିରିରେ ଯୋଗ ଦେଇଥିଲେ। ତାଙ୍କ ଜୀବନ ସଂଘର୍ଷମୟ ଥିଲା। ତାଙ୍କ ସ୍ୱାମୀ ଶ୍ୟାମଚରଣ ବ୍ୟାଙ୍କ ଅଫିସର ଥିଲେ। ୧୯୯୭ରେ ବିଜେପିରୁ ରାଇରଙ୍ଗପୁର ପରିଷଦର ୨ ନମ୍ବର ୱାର୍ଡରୁ କାଉନସିଲର ଭାବେ ବିଜୟୀ ହୋଇଥିଲେ। ଏହାପରେ ତାଙ୍କ ଜୀବନର ସେବା ଓ ସଂକଳ୍ପର ଜୟଯାତ୍ରା ଆରମ୍ଭ ହେଲା। ୨୦୦୦ରୁ ୨୦୦୪ରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରୁ ବିଧାୟକ ନିର୍ବାଚିତ ହୋଇଥିଲେ। ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ମନ୍ତ୍ରୀ ଥିଲେ। ୨୦୧୫ରୁ ୨୦୨୧ ଝାଡଖଣ୍ଡର ୯ମ ରାଜ୍ୟପାଳ ହୋଇଥିଲେ। ଦୁଇ ପୁଅ ଓ ସ୍ୱାମୀଙ୍କୁ ହରାଇବା ପରେ ବି ସେ ଭାଙ୍ଗି ପଡ଼ିନଥିଲେ। ଜୀବନ ରାସ୍ତାରେ ଆଗକୁ ଆଗକୁ ବଢିଥିଲେ। ଅଖ୍ୟାତ ଗାଁ ଉପରବେଡାରୁ ରାଷ୍ଟ୍ରପତି ଭବନ ଯାଏ ଦ୍ରୌପଦୀ ମୁର୍ମୁଙ୍କ ଯାତ୍ରା ସହଜ ନଥିଲା। ବେଶ୍ ସଂଘର୍ଷମୟ ଥିଲା। ୨୦୨୨ ଜୁଲାଇ ୨୨ରେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ଆସନରେ ଅଭିଷିକ୍ତ ହୋଇଥିଲେ ଦ୍ରୌପଦୀ ମୁର୍ମୁ। ଦେଶର ସର୍ବକନିଷ୍ଠ ରାଷ୍ଟ୍ରପତି ହୋଇଥିଲେ। ରାଷ୍ଟ୍ରପତି ହେବା ପରେ ବି ତାଙ୍କ ଜୀବନ ଅତି ସାଧାରଣ। ତାଙ୍କର ଏହି ସରଳ ବ୍ୟକ୍ତିତ୍ୱ ସମସ୍ତଙ୍କୁ ପ୍ରେରଣା ଦିଏ। ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ଲେଖଛନ୍ତି, 'ରାଷ୍ଟ୍ରପତିଙ୍କୁ ଜନ୍ମଦିନର ଅନେକ ଶୁଭକାମନା। ତାଙ୍କ ଜୀବନ ଓ ନେତୃତ୍ୱ ଦେଶର କୋଟି କୋଟି ଲୋକଙ୍କୁ ପ୍ରେରଣା ଦେଉଛି। ଜନସେବା, ସାମାଜିତ ନ୍ୟାୟ ଏବଂ ସମାବେଶୀ ବିକାଶ ପ୍ରତି ତାଙ୍କର ଅତୁଟ ପ୍ରତିବଦ୍ଧତା ସମସ୍ତଙ୍କୁ ସାହସ ଦେଇଛି ଏବଂ ଆଶାର କିରଣ ସାଜିଛି। ସେ ସର୍ବଦା ଗରିବ ଏବଂ ଦଳିତମାନଙ୍କୁ ସଶକ୍ତ କରିବାକୁ କାମ କରି ଆସିଛନ୍ତି।' ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାମହିମଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଶା ମାଟିର ମାତୃଶକ୍ତିର ପ୍ରତୀକ, ଆମର ଗର୍ବ ଗୌରବ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣଙ୍କ ଜୀବନ ସଂଘର୍ଷ, ସମର୍ପଣ ଏବଂ ସଫଳତାର ଏକ ଅସାଧାରଣ ଉଦାହରଣ। ଏକ ସାଧାରଣ ଆଦିବାସୀ ପରିବାରରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ଆପଣଙ୍କ ଯାତ୍ରା ସମସ୍ତ ଦେଶବାଶୀଙ୍କ ପାଇଁ ପ୍ରେରଣା। ଏହି ଶୁଭ ଅବସରରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରୁଛି। ମହାମହିମଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ୍ସରେ ଲେଖିଛନ୍ତି, ରାଷ୍ଟ୍ରପତିଙ୍କୁ ଜନ୍ମଦିନର ଅନେକ ଶୁଭେଚ୍ଛା। ତୃଣମୂଳ ସ୍ତରରୁ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଯାଏ ତାଙ୍କର ଯାତ୍ରା ଭାରତ ଗଣତନ୍ତ୍ରର ଶକ୍ତିକୁ ପ୍ରତିଫଳିତ କରିଛି। ସାମାଜିତ ନ୍ୟାୟ, ଗରିବଙ୍କୁ ସଶକ୍ତିକରଣ ଏବଂ ବିକାଶ ପ୍ରତି ତାଙ୍କର ଦୃଢ ପ୍ରତିବଦ୍ଧତା ଦେଶକୁ ପ୍ରେରଣା ଦେଇଛି ଚାଲିଛି। ତାଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି।' ଓଡ଼ିଶା ମାଟିର ମାତୃଶକ୍ତିର ପ୍ରତୀକ, ଆମର ଗର୍ବ ଗୌରବ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣଙ୍କ ଜୀବନ ସଂଘର୍ଷ, ସମର୍ପଣ ଏବଂ ସଫଳତାର ଏକ ଅସାଧାରଣ ଉଦାହରଣ।

# ନାଲକୋ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ପାଳନ ନିମନ୍ତେ ପ୍ରାକ ପ୍ରସ୍ତୁତି



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ପକ୍ଷରୁ ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ତଥା ଯୋଗର ପ୍ରଚାର ପ୍ରସାର ନିମନ୍ତେ ସ୍ୱାସ୍ଥ୍ୟ, ନିରାମୟ ଓ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ଓ ସଚେତନତା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଶନିବାର କମ୍ପାନୀ ପକ୍ଷରୁ ବିଭିନ୍ନ ୟୁନିଟରେ ମେଗା ଯୋଗ କ୍ୟାମ୍ପର ମଧ୍ୟ ଆୟୋଜନ କରାଯାଉଛି। ଏଥିସହ ଗତ ଏକ ମାସ ଧରି ପ୍ରାକ-ପ୍ରସ୍ତୁତି ରୂପେ କମ୍ପାନୀର ସମସ୍ତ ପରିଚାଳନା ୟୁନିଟରେ 'ଯୋଗ ବୁଟ-କ୍ୟାମ୍ପ', 'ୱାଇ-ବ୍ରେକ ଆଟ ୱାର୍କପ୍ଲେସ' ଏବଂ 'ଯୋଗାଭ୍ୟାସ' ଅଧିବେସନର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଗୁଡ଼ିକରେ କମ୍ପାନୀର କର୍ମଚାରୀ, ପରିବାର ବର୍ଗ, ଠିକା କର୍ମଚାରୀ, ବିଦ୍ୟାଳୟ ତଥା ଚିକିତ୍ସାଳୟର ସମସ୍ତ କର୍ମଚାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଛନ୍ତି। ଜନ ଭାଗୀଦାରୀକୁ ପ୍ରୋତ୍ସାହିତ କରିବା ନିମନ୍ତେ, ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପ, କୋରାପୁଟ ତଥା ସ୍ମେଲଟର ଏବଂ ପାୱାର୍ କମ୍ପ୍ଲେକ୍ସ, ଅନୁଗୋଳର ପରିପାର୍ଶ୍ୱିକ ଗ୍ରାମମାନଙ୍କରେ ମଧ୍ୟ ଯୋଗାଭ୍ୟାସ ଅଧିବେସନମାନ ଆୟୋଜନ କରାଯାଉଛି। କମ୍ପାନୀରେ କାର୍ଯ୍ୟରତ ମହିଳା ତଥା ସ୍କୁଲ ଛାତ୍ରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା ଅଧିବେସନର ଆୟୋଜନ କରାଯାଇଛି।

# ଚିକିତ୍ସା ପାଇଁ ମୁମ୍ବାଇ ଗଲେ ନବୀନ ପଟ୍ଟନାୟକ



ଭୁବନେଶ୍ୱର,(ଡିକେ ନ୍ୟୁଜ୍): ଚିକିତ୍ସା ପାଇଁ ଆଜି ମୁମ୍ବାଇ ଯାଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ସର୍ଭାଇକାଲ୍ ଆର୍ଥ୍ରାଇଟିସ୍ ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି । କୋକିଲା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ହେବ ଚିକିତ୍ସା । ୨୨ ତାରିଖରେ ହେବ ସର୍ଭାଇକାଲ୍ ଆର୍ଥ୍ରାଇଟିସର ହେବ ଅସ୍ତ୍ରୋପଚାର। ତେଣୁ ଆଜି ନବୀନ ପଟ୍ଟନାୟକ ମୁମ୍ବାଇ ଯାଇଥିବା ସୂଚନା ମିଳିଛି । ସମସ୍ତେ ନବୀନଙ୍କ ଆରୋଗ୍ୟ କାମନା କରିବା ସହ ଅସ୍ତ୍ରୋପଚାର ସଫଳତାର ସହ ହେଉ ବୋଲି ପ୍ରାର୍ଥନା କରିଛନ୍ତି। ନବୀନ ନିବାସ ସମ୍ମୁଖରେ ପୂଜାର୍ଚ୍ଚନା କରିଛନ୍ତି ବିଜେଡି ନେତ୍ରୀ।

# ରାଜ୍ୟରେ ଖୋଲିଲା ସ୍କୁଲ, ସ୍ୱଚ୍ଛତା ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ହି.ସ): ସରିଲା ଖରାଛୁଟି, ଆଜି ରାଜ୍ୟରେ ଖୋଲିଲା ସ୍କୁଲ୍। ଆଜି ପ୍ରଥମ କରି ସ୍କୁଲ ଯାଇଛନ୍ତି ଛାତ୍ରଛାତ୍ରୀ । ତେବେ ଝାଡ଼ାବାନ୍ତି ବ୍ୟାପୁଥିବାରୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ । କ୍ୟାମ୍ପସ୍‌ରେ ସ୍ୱଚ୍ଛତା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଝାଡ଼ାବାନ୍ତି ଯୋଗୁଁ ଯାଜପୁର, ଭଦ୍ରକ ଜିଲ୍ଲାରେ ସ୍କୁଲ୍ ଛୁଟି ରହିଛି। ଏହି ଦୁଇ ଜିଲ୍ଲାରେ ଝାଡ଼ାବାନ୍ତି ସ୍ଥିତିକୁ ନଜରରେ ରଖି ସବୁ ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରିଛି ଜିଲ୍ଲା ପ୍ରଶାସନ। ଭଦ୍ରକରେ ୨୧ ତାରିଖ ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଅଙ୍ଗନବାଡ଼ି କେନ୍ଦ୍ର, ସମସ୍ତ ସ୍କୁଲ୍ ଓ କଲେଜ ବନ୍ଦ ପାଇଁ ନିର୍ଦ୍ଦେଶ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଆଜି ଟ୍ୱିନ୍ ସିଟିରେ ସ୍କୁଲ୍ ବନ୍ଦ ରହିଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଲାଗି ଆଜି ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳର ସବୁ ସ୍କୁଲ୍ ଛୁଟି। ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସ୍ତରୀୟ ସମାବେଶ ହେବାକୁ ଥିବାରୁ ବିପୁଳ ଜନ ସମାଗମ ହେବ। ସମସ୍ୟା ଉପୁଜିବା ଆଶଙ୍କା କରି ସ୍କୁଲ୍ ଛୁଟି ରଖିବାକୁ ନିଷ୍ପତ୍ତି ହୋଇଛି।

# ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ କମିଲା ଡାଇରିଆ ସଂକ୍ରମଣ

## କ୍ଷେତ୍ର ସ୍ତରୀୟ ଅଭିଯାନ ଜାରି ରଖିବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,(ହି.ସ): ବିଭିନ୍ନ ବିଭାଗ ମାନଙ୍କର କ୍ଷେତ୍ର ସ୍ତରରେ ସମନ୍ୱିତ ଏବଂ ଏକାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ଡାଇରିଆ ସ୍ଥିତିରେ ସୁଧାର ଆସିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ.ଙ୍କ ସମୀକ୍ଷାରୁ ଏହା ଜଣାପଡ଼ିଛି। ସମୀକ୍ଷାରେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଜଣାଇଥିଲେ ଯେ ଯାଜପୁର ଜିଲ୍ଲାରେ ଚଳିତ ମାସ ୧୦ ତାରିଖ ଦିନ ଦେଖା ଦେଇଥିବା ଡାଇରିଆ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆସିଛି । ଗତ ୭ ଦିନ ମଧ୍ୟରେ ବିଭିନ୍ନ ଡାକ୍ତରଖାନାମାନଙ୍କରେ ସଂକ୍ରମିତ ଡାଇରିଆ ରୋଗୀଙ୍କ ଆଡ଼ମିଶନରେ କ୍ରମାଗତ ହ୍ରାସ ପରିଲକ୍ଷିତ ହୋଇଛି । ଜୁନ୍ ୧୦ ତାରିଖ ଦିନ ୧୨୬ ଜଣ ଆକ୍ରାନ୍ତ ହୋଇଥିଲେ । ଜୁନ୍ ୧୧ ତାରିଖ ଦିନ ଦାନଗଦି, କୋରେଇ, ଧର୍ମଶାଳା ଓ ବ୍ୟାସ ନଗର ପୌରାଞ୍ଚଳ ଆଦି ଅଞ୍ଚଳରୁ ୧୫୦ ଜଣ ଆକ୍ରାନ୍ତ ବିଭିନ୍ନ ଡାକ୍ତରଖାନାରେ ଆଡ଼ମିଶନ ହୋଇଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଗୃହ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ ମାନଙ୍କରେ ତ୍ୱରିତ ଏବଂ ସମନ୍ୱିତ କାର୍ଯ୍ୟକ୍ରମ ଯୋଗୁ ୧୨ ତାରିଖ ଠାରୁ ସଂକ୍ରମିତ ସଂଖ୍ୟା କମିବା ଆରମ୍ଭ ହୋଇଥିଲା । ୧୨ ତାରିଖ ଦିନ ୧୩୫ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ ଯାହାକି ୧୫ ତାରିଖ ବେଳକୁ ୧୨୧ କୁ ଏବଂ ୧୮ ତାରିଖ ବେଳକୁ ୯୧ କୁ କମିଥିଲା । ସୁକିନ୍ଦା ଏବଂ ବଡ଼ଚଣାର କେତେକ ଜାଗାରେ କାଁ ଭାଁ ବିକ୍ଷିପ୍ତ ଭାବେ କିଛି ବ୍ୟକ୍ତିଙ୍କ ସଂକ୍ରମଣ ଜଣାପଡିବା ମାତ୍ରେ ଆଶୁ ସେବା ଦଳ (ରାପିଡ୍ ରେସପନସ୍ ଟିମ୍) ସଂପୃକ୍ତ ସ୍ଥାନରେ ପହଞ୍ଚି ସ୍ଥାନୀୟ ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ବ୍ୟବସ୍ଥା କରିଥିଲେ । ଗତ କାଲି (୧୯ ତାରିଖ) ବିଭିନ୍ନ ହସ୍ପିଟାଲମାନଙ୍କରେ ୭୧ ଜଣ ନୂଆ ସଂକ୍ରମିତ ଆଡ଼ମିଶନ ହୋଇଥିଲେ । ଗତ କାଲି ରାତି ସୁଦ୍ଧା ଜିଲ୍ଲାରୁ ସମୁଦାୟ (୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ) ୧୧୬୭ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥଲେ । ସେମାନଙ୍କ ମଧ୍ୟରୁ ୧୦୪୫ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ଥିଲେ ଏବଂ ୮୨ ଜଣ ଚିକିତ୍ସାଧୀନ ଥିଲେ । ସେହିପରି କେନ୍ଦୁଝର ଜିଲ୍ଲାରେ ମଧ୍ୟ ଅନୁରୂପ ଡାଇରିଆ ସଂକ୍ରମଣ ହ୍ରାସ ପରିଲକ୍ଷିତ ହୋଇଛି । ଜୁନ ୧୦ ତାରିଖରେ ୭୯ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ ଯାହାକି ଜୁନ ୧୨ ରେ ୪୪, ଏବଂ ୧୮ ବେଳକୁ ୩୮ କୁ ହ୍ରାସ ପାଇଥିଲା । ୧୯ ତାରିଖ ରାତି ସୁଦ୍ଧା ୧୭ ଜଣ ନୂଆ ସଂକ୍ରମିତ ଆଡ଼ମିଶନ ହୋଇଥିଲେ । ଗତକାଲି ରାତି ସୁଦ୍ଧା କେନ୍ଦୁଝର ଜିଲ୍ଲାରୁ ସମୁଦାୟ (୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ) ୪୯୭ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୪୫୪ ଜଣ ଆରୋଗ୍ୟ ଲାଭ ପରେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ, ଏବଂ ୩୪ ଜଣ ସଂକ୍ରମିତ ଚିକିତ୍ସାଧୀନ ଥିଲେ । ବର୍ତ୍ତମାନ ସାରା ରାଜ୍ୟରେ ଡାଇରିଆ ନିରାକରଣ ଅଭିଯାନ ଚାଲୁ ରହିଛି। ଯାଜପୁର, କେନ୍ଦୁଝର, ଭଦ୍ରଖ, କଟକ ଓ ଢ଼େଙ୍କାନାଳ ଆଦି ଜିଲ୍ଲାରେ ଏହାକୁ ଅଧିକ ସଘନ ଓ ବ୍ୟାପକ କରାଯାଇଛି ।ସବୁ ହସ୍ପିଟାଲ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶାକର୍ମୀ, ଅଙ୍ଗନବାଡ଼ି କେନ୍ଦ୍ର ଆଦିକୁ ପର୍ଯ୍ୟାପ୍ତ ପରିମାଣର ଓ.ଆର.ଏସ, ହାଲୋଜେନ ବଟିକା, ସାଲାଇନ, ଇଞ୍ଜେକସନ ଏବଂ ଆବଶ୍ୟକୀୟ ଔଷଧ ଇତ୍ୟାଦି ଯୋଗାଇ ଦିଆଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ବିଶେଷଜ୍ଞ ଟିମ୍ ମାନେ ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷେତ୍ରସ୍ତରୀୟ ନିରାକରଣ ଏବଂ ପ୍ରତିଷେଧକ କାର୍ଯ୍ୟର ତଦାରଖ ପୂର୍ବକ ଆବଶ୍ୟକୀୟ ପରାମର୍ଶ ଦେଉଛନ୍ତି । ଗତକାଲି ରାତି ସୁଦ୍ଧା ଯାଜପୁର, କେନ୍ଦୁଝର, ଢ଼େଙ୍କାନାଳ, ଭଦ୍ରଖ ଓ କଟକ ଆଦି ଜିଲ୍ଲାରୁ ସମୁଦାୟ ୪୦୦ ଡାଇରିଆ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୨୯୯ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ଥିଲେ । ବର୍ଷା ଋତୁ ଶେଷ ପର୍ଯ୍ୟନ୍ତ ଅଭିଯାନକୁ ପୂର୍ଣ୍ଣ ମାତ୍ରାରେ ଚାଲୁ ରଖିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମହାଲିଙ୍ଗ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷା ଦିନେ ଡାଇରିଆ ଓ ଜଣ୍ଡିସ ପରି ଜଳବାହିତ ରୋଗର ନିରାକରଣ ନିମନ୍ତେ ବ୍ୟାପକ ସେଚେତନତା ଏବଂ ଘରକୁ ଘର ବୁଲି ପ୍ରାଥମିକ ଅବସ୍ଥାରୁ ସଂକ୍ରମଣ ଚିହ୍ନଟ ଉପରେ ଡଃ ମହାଲିଙ୍ଗ ଗୁରୁତ୍ୱ ଆରୋପ କରିଛନ୍ତି । ପାଣି ଫୁଟାଇ ପିଇବା, ବାରମ୍ବାର ସାବୁନରେ ହାତ ଧୋଇବା, ସମସ୍ତ ପାନୀୟ ଜଳଉତ୍ସ ଗୁଡିକୁ ପୁନଃପୌନିକ ଭାବେ ବିଶୋଧନ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ ପରାମର୍ଶ ଦେଇଛନ୍ତି। ଆସନ୍ତା ଦୁଇମାସ ପର୍ଯ୍ୟନ୍ତ ଘରକୁ ଘର ଅଭିଯାନ ଜାରି ରଖିବା ପାଇଁ ସେ ସମସ୍ତ କ୍ଷେତ୍ର ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଇଏଏସ ବିଷ୍ଣୁପଦ ସେଠୀଙ୍କ ଅଡୁଆ ବଢ଼ିଲା

ଭୁବନେଶ୍ୱର, (ହି.ସ): ଆଇଏଏସ ବିଷ୍ଣୁପଦ ସେଠୀଙ୍କ ପାଇଁ ବଢ଼ିଲା ଅଡୁଆ। ହାଇକୋର୍ଟରେ ଆଇଏଏସ ବିଷ୍ଣୁପଦ ସେଠୀଙ୍କ ଆବେଦନ ଖାରଜ ହୋଇଯାଇଛି। ଫଳରେ 'ଓଡ଼ିଶା ବ୍ରିଜ ଆଣ୍ଡ ରୁଫ କର୍ପୋରେସନ ଲିମିଟେଡ୍' ଲାଞ୍ଚ ମାମଲାରେ ବିଷ୍ଣୁଙ୍କ ଗିରଫ ଆଶଙ୍କା ବଢ଼ିଛି। ୧୦ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ବିଷ୍ଣୁପଦଙ୍କ ଘରେ ଗତ ଫେବୃଆରୀ ମାସରେ ଚଢ଼ାଉ କରିଥିଲା ସିବିଆଇ। ସିବିଆଇ ଚଢ଼ାଉକୁ ବିରୋଧ କରି ହାଇକୋର୍ଟ ଯାଇଥିଲେ ବିଷ୍ଣୁପଦ। ମାମଲାର ପ୍ରାରମ୍ଭିକ ଶୁଣାଣିରେ ବିଷ୍ଣୁପଦ ସେଠୀ, ତାଙ୍କ ପତ୍ନୀ ଏବଂ ଝିଅଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଆଜି ଏହି ମାମଲାରେ ରାୟ ପ୍ରକାଶ କରି ତାଙ୍କ ଆବେଦନକୁ ଖାରଜ କରିବା ସହ ଅନ୍ତରୀଣ ନିର୍ଦ୍ଦେଶକୁ ହଟାଇ ଦେଇଛନ୍ତି। ଫଳରେ ତାଙ୍କ ଗିରଫଦାରୀ ଆଶଙ୍କା ବଢ଼ିଯାଇଛି। ବହୁ ଚର୍ଚ୍ଚିତ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ ଲିମିଟେଡ୍ ଲାଞ୍ଚ ମାମଲାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ପକ୍ଷ ରଖିବାକୁ ଗତବର୍ଷ ଡିସେମ୍ବର ମାସରେ ସିବିଆଇ ସମନ ଜାରି କରିଥିଲା। ଏହାସହ ତାଙ୍କ ଡ୍ରାଇଭର ସମେତ ଅନ୍ୟ କେତେଜଣ ଷ୍ଟାଫଙ୍କୁ ମଧ୍ୟ ସିବିଆଇ ପଚରାଉଚରା କରିଥିଲା। ବାରମ୍ବାର ସମନ ସତ୍ତ୍ୱେ ବିଷ୍ଣୁପଦ ସେଠୀ ହାଜର ନହେବାରୁ ଗତ ଫେବୃଆରୀ ମାସରେ ସିବିଆଇର ୮ ଜଣିଆ ଟିମ ତାଙ୍କ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନରେ ଚଢ଼ାଉ କରିବା ସହ ଅନେକ କାଗଜପତ୍ର ଯାଞ୍ଚ କରିଥିଲା। ତାଙ୍କ ବିରୋଧରେ କୌଣସି ଏତଲା ନଥାଇ ସିବିଆଇର ଏହି ଯାଞ୍ଚ ଏବଂ ଖାନତଲାସୀ ଦ୍ୱାରା ତାଙ୍କର ଏବଂ ପରିବାରର ସମ୍ମାନ ହାନି ହୋଇଥିବା ଦର୍ଶାଇ ଏହି କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ହାଇକୋର୍ଟରେ ଆବେଦନ କରିଥିଲେ ବିଷ୍ଣୁପଦ ସେଠୀ। ଅନ୍ୟପକ୍ଷରେ ଏହି ବିବାଦରେ ଫସିବା ପରେ ୨୦୨୪ ଡିସେମ୍ବର ମାସରେ ୧୯୯୫ ବ୍ୟାଚ୍ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ପଦରୁ ହଟାଇ ଦିଆଯାଇଥିଲା। ତାଙ୍କୁ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଓଏସଡି ଭାବେ ନିଯୁକ୍ତ କରାଯାଇଛି।

# ହାଇକୋର୍ଟ ଗଲେ ଭିଜିଲାନ୍ସ ଦ୍ୱାରା ବନ୍ଧା ହୋଇଥିବା ଆଇଏଏସ ଧୀମନ ଚକମା




ଭୁବନେଶ୍ୱର, (ହି.ସ): ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ୨୦୨୧ ବ୍ୟାଚ୍ ଆଇଏଏସ ଅଫିସର ଧୀମନ ଚକମା। ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଜାମିନ ଖାରଜ ହେବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଚକମା। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ଉପଜିଲ୍ଲାପାଳ ଭାବରେ କାର୍ଯ୍ୟ କରୁଥିଲା ବେଳେ ତାଙ୍କ ସରକାରୀ ବାସଭବନରେ ଜଣେ ବ୍ୟବସାୟୀଙ୍କଠୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ ଆଇଏଏସ ଚକମା। ପରେ ମୁଖ୍ୟମନ୍ତ୍ରୀ ଧୀମାନ ଚକମାଙ୍କୁ ନିଲମ୍ବନ ମଧ୍ୟ କରିଛନ୍ତି। ୨୦୨୪ ଜାନୁଆରୀରୁ ସେ ଧର୍ମଗଡ଼ ଉପଜିଲ୍ଲାପାଳ ଭାବରେ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହି ମାମଲାରେ ଭିଜିଲାନ୍ସ ଚକମାଙ୍କ ଲିଙ୍କରେ ତ୍ରିପୁରା ଓ ହିମାଚଳ ପ୍ରଦେଶରେ ଛାନଭିନ୍ କରିଥିଲା। ତ୍ରିପୁରାରେ ଚକମାଙ୍କ ବାସଭବନରେ ଭିଜିଲାନ୍ସର ୩ ଜଣିଆ ଟିମ୍ ଖୋଳତାଡ଼ କରିଥିଲା। ଏହା ସହିତ ହିମାଚଳ ପ୍ରଦେଶରେ ଥିବା ତାଙ୍କ ଶଶୁର ଘରେ ମଧ୍ୟ ତଲାସୀ କରିଥିଲା ଭିଜିଲାନ୍ସ। ତାଙ୍କ ବ୍ୟାଙ୍କ ଜମା, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ଦଲିଲ ସଂଗ୍ରହ ଏବଂ ଯାଞ୍ଚ ମଧ୍ୟ କରିଥିଲା ଟିମ୍। ବର୍ତ୍ତମାନ ଧୀମନ ଚକମାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଯାଞ୍ଚ ଜାରି ରଖିଛି ଭିଜିଲାନ୍ସ।

# ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, (ହି.ସ): ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କର ବିୟୋଗ ସାମ୍ବାଦିକତା କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସମାଜସେବୀ ତଥା ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ଅକାଳ ବିୟୋଗ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ ଓ ମର୍ମାହତ। ସେ ଜଣେ ସରଳ, ସମର୍ପିତ ଓ ସମାଜମନସ୍କ ବ୍ୟକ୍ତି ଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦୈନିକ 'ସମାଜ' ଖବରକାଗଜର ସମ୍ପାଦକ ଓ ପ୍ରକାଶକ ତଥା 'ସମାଜ' ରିଲିଫ କମିଟିର ମୁଖ୍ୟ ଭାବରେ ଓଡ଼ିଶାର ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ନୂଆ ଉଦାହରଣ ସୃଷ୍ଟି କରିଥିଲେ। ତାଙ୍କର ବିୟୋଗ ସାମ୍ବାଦିକତା କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି। ମହାପ୍ରଭୁଙ୍କ ଚରଣରେ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ।

# ବଢ଼ିଲା ଯୁକ୍ତି ନାମଲେଖା ଅବଧି

ଭୁବନେଶ୍ୱର, (ହି.ସ): ପ୍ରଥମ ପର୍ଯ୍ୟାୟ ଯୁକ୍ତି ୨୦୨୫-୨୬ ନାମଲେଖା ପାଇଁ ଅବଧି ବୃଦ୍ଧି କରାଯାଇଛି। ଆସନ୍ତାକାଲି ଅର୍ଥାତ୍ ଜୁନ୍ ୨୧ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମଲେଖା ଅବଧି ବଢ଼ିଛି। ଛାତ୍ରଛାତ୍ରୀ ନାମଲେଖା ପାଇଁ ଟଙ୍କା ଜମା କରି ନ ଥିଲେ ବର୍ଦ୍ଧିତ ସମୟ ଭିତରେ କରିପାରିବେ। ଯଦି କଲେଜରେ ରିପୋର୍ଟ କରିପାରି ନାହାନ୍ତି ତେବେ ମଧ୍ୟ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରଛାତ୍ରୀ ଏହା କରିପାରିବେ।

# ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର, (ହି.ସ): ଆଗାମୀ ୫ ଦିନ ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣ ବର୍ଷା ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ଆଗାମୀ ୨୪ ଘଂଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣ ବର୍ଷା ନେଇ ସୁନ୍ଦରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ଢ଼େଙ୍କାନାଳ, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ। ଆସନ୍ତାକାଲି ଅର୍ଥାତ୍ ୨୧ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୪ ଜିଲ୍ଲା(ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୨ ତାରିଖ ପାଇଁ ୫ ଜିଲ୍ଲା, ୨୩ ତାରିଖ ପାଇଁ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୪ ତାରିଖରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣ ବର୍ଷା ନେଇ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ, ପବନ ନେଇ ଗୋଟିଏ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

## ସମ୍ପାଦକୀୟ

# ଭାରତୀୟ ସମ୍ବିଧାନ ଓ ମୌଳିକ ଅଧିକାର

ପ୍ରତି ଦେଶର ଗଣତନ୍ତ୍ର ପଦ୍ଧତିରେ ଶାସନ ପାଇଁ ଏକ ନିୟମାବଳି ରହିଛି। ଯାହାକି ଭାରତର ଗଣତାନ୍ତ୍ରିକ ପଦ୍ଧତି ପାଇଁ ଯେଉଁ ନିୟମାବଳୀ ରହିଛି ତାକୁ ସମ୍ବିଧାନ କୁହାଯାଏ। ଦେଶରେ ସମ୍ବିଧାନ ସର୍ବୋପରି। ସମ୍ବିଧାନରେ ଶାସନତନ୍ତ୍ରକୁ ନେଇ ଯେଉଁ ମୌଳିକ ସୁବିଧା ରହିଛି ଭାରତୀୟଙ୍କ ପାଇଁ ତାହା ବ୍ୟକ୍ତିଗତ ଅଧିକାର। ପ୍ରତିଟି ଭାରତୀୟ ନାଗରିକଙ୍କ ମୌଳିକ କର୍ତ୍ତବ୍ୟକୁ ନେଇ ଅନେକ ସମୟରେ ବିଭ୍ରାନ୍ତିକର ଚିନ୍ତାଧାରା ସୃଷ୍ଟି ହେଉଥିବା ବେଳେ ଆମ ଦେଶର ସାମ୍ବିଧାନିକ ପଦ୍ଧତି ଅନୁସାରେ ଜାଣିବା ସହ ପାଳନ କରିବା ଆମର କର୍ତ୍ତବ୍ୟ।

ଭାରତୀୟ ସମ୍ବିଧାନର ଭାଗ ୪ (କ)ରେ ଭାରତୀୟ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଗୁଡ଼ିକୁ ନେଇ ସ୍ପଷ୍ଟଭାବରେ ଲିପିବଦ୍ଧ ରହିଛି। ଏହି କର୍ତ୍ତବ୍ୟଗୁଡ଼ିକ ହେଉଛି ଭାରତର ସମ୍ବିଧାନକୁ ସମ୍ମାନ ଏବଂ ପାଳନ କରିବା। ସାମ୍ବିଧାନିକ ଆଦର୍ଶ ତଥା ନିୟମକୁ ପାଳନ କରିବା, ସ୍ୱାଧୀନତା ପାଇଁ ଜାତୀୟ ସଂଗ୍ରାମକୁ ପ୍ରେରଣା ଦେଇଥିବା ଆଦର୍ଶକୁ ବଜାୟ ରଖିବା, ସାର୍ବଭୌମତ୍ୱକୁ ବଜାୟ ରଖିବା ତଥା ଭାରତର ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା, ଦେଶକୁ ପ୍ରତିଟି କ୍ଷେତ୍ରରେ ସୁରକ୍ଷା ଦେବା ସହ ଆହ୍ୱାନ କ୍ରମେ ଜାତୀୟ ସେବା ପ୍ରଦାନ କରିବା ସଦ୍ଭାବନାକୁ ପ୍ରୋତ୍ସାହିତ କରିବା ଯାହାକି ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସଦ୍ଭାବନା ଏବଂ ସାଧାରଣ ଭ୍ରାତୃତ୍ୱର ଭାବନାକୁ ଜାଗ୍ରତ କରି ଭାଇଚାରାର ପରିବେଶ ସୃଷ୍ଟି କରିବ, ଭାରତର ସମନ୍ୱିତ ସଂସ୍କୃତିର ସମୃଦ୍ଧ ଐତିହ୍ୟକୁ ମୂଲ୍ୟ ଦେବା ଏବଂ ସଂରକ୍ଷଣ କରିବା, ପ୍ରାକୃତିକ ପରିବେଶକୁ ସୁରକ୍ଷା ଏବଂ ଉନ୍ନତି କରିବା, ନୂତନ ଜ୍ଞାନ କୌଶଳକୁ ଗୁରୁତ୍ୱ ଦେଇ ବୈଜ୍ଞାନିକ ମନୋଭାବ ବିକଶିତ କରିବା ଯାହାକି ମାନବବାଦ ଏବଂ ଅନୁସନ୍ଧାନ ଏବଂ ସଂସ୍କାରର ମନୋଭାବ ବିକଶିତ କରିବାରେ ସହାୟତା ହେବ, ସାର୍ବଜନୀନ ସମ୍ପତ୍ତିକୁ ସୁରକ୍ଷା ଦେବା ଏବଂ ହିଂସା ପରିତ୍ୟାଗ କରିବା, ବ୍ୟକ୍ତିଗତ ଏବଂ ସାମୂହିକ କାର୍ଯ୍ୟକଳାପର ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରୟାସ କରିବା। ସେହିଭଳି ଭାରତୀୟ ସମ୍ବିଧାନର ତୃତୀୟ ଭାଗରେ ଭାରତୀୟ ନାଗରିକଙ୍କ ମୌଳିକ ଅଧିକାର ତାଲିକାଭୁକ୍ତ ଲିପିବଦ୍ଧ ରହିଛି। ଏହି ଅଧିକାରଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ସମାନତାର ଅଧିକାର ଯାହାକି ଆମକୁ ଆଇନ ସମ୍ମୁଖରେ ସମାନତାର ଅଧିକାର ଏବଂ ସମାନ ସୁରକ୍ଷା ଦେଇଛି। ସ୍ୱାଧୀନତାର ଅଧିକାର ମଧ୍ୟ ଉଲ୍ଲେଖ ରହିଛି ଯାହାଫଳରେ ସମ୍ବିଧାନ ଆମକୁ ବାକ୍, ଅଭିବ୍ୟକ୍ତି, ସଭା, ସଂଗଠନ, ଆନ୍ଦୋଳନ, ବାସସ୍ଥାନ ଏବଂ ବୃତ୍ତିର ସ୍ୱାଧୀନତା ଦେଇଛି। ଶୋଷଣ ବିରୁଦ୍ଧରେ ଯେଭଳି କି ମାନବ ଚାଲାଣ ଏବଂ ବଳପୂର୍ବକ ଶ୍ରମରୁ ସୁରକ୍ଷା ସମେତ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନର ଅଧିକାର ଦେଇଛି। ପ୍ରତ୍ୟେକ ଧର୍ମକୁ ସ୍ୱାଧୀନତାର ଅଧିକାର ରହିଛି ଯାହାକି ପ୍ରତ୍ୟେକ ଭାରତୀୟଙ୍କୁ ନିଜର ବିବେକର ସ୍ୱାଧୀନତା ସହ ଧର୍ମର ମୁକ୍ତ ବୃତ୍ତି, ଅଭ୍ୟାସ ଏବଂ ପ୍ରଚାରର ଅଧିକାର ଦେଇଛି। ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର ଯାହାକି ଆମକୁ ଆମ ସଂସ୍କୃତି, ଭାଷା ଏବଂ ଶିକ୍ଷାକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାର ଅଧିକାର ଦେଇଛି। ସାମ୍ବିଧାନିକ ପ୍ରତିକାରର ଅଧିକାର ଦେଇଛି ଯାହାକି ଆମ ମୌଳିକ ଅଧିକାର କାର୍ଯ୍ୟକାରୀ କରିବା ପାଇଁ ଉଚ୍ଚ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟ ଯିବାର ଅଧିକାର ମଧ୍ୟ ଦେଇଛି।

ଭାରତରେ ପ୍ରତିଟି ଭାରତୀୟଙ୍କ ପାଇଁ ସାମାଜିକ ନ୍ୟାୟ, ସମାନତା ଏବଂ ବ୍ୟକ୍ତିଗତ ସ୍ୱାଧୀନତା ପ୍ରଦାନ କରିବା ପାଇଁ ଏହି ମୌଳିକ ଅଧିକାର ଏବଂ କର୍ତ୍ତବ୍ୟ ଜାଣିବା ଅତ୍ୟନ୍ତ ଜରୁରୀ।

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ।**

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ"

**ହୃଷିକେଶ ପୁହାଣ**

ଆଜିର ସମୟରେ ଆମ ଶରୀର ପାଇଁ ଯୋଗାଭ୍ୟାସ ବେଶ ଗୁରୁତ୍ୱପୂର୍ଣ୍ଣ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ନିରୋଗ ରହିବାରେ ସାହାଯ୍ୟ କରେ। ଭାରତ ହେଉଛି ଯୋଗର ଉତ୍ପତ୍ତିସ୍ଥଳ। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଆରମ୍ଭ ହୋଇଛି ସମଗ୍ର ବିଶ୍ୱରେ, ବିଶ୍ୱ ଯୋଗ ଦିବସ ଯାହାକୁ ମିଳିତ ଜାତିସଂଘ ମଧ୍ୟ ସମ୍ମାନପୂର୍ବକ ଗ୍ରହଣ କରି ଏହାକୁ ବିଶ୍ୱବ୍ୟାପୀ କରିପାରିଛି। ପ୍ରତିବର୍ଷ ପରି ଚଳିତ ବର୍ଷର ଯୋଗ ଦିବସର ବାର୍ତ୍ତା ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଆମର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଗଦର୍ଶନ କରି କହିଛନ୍ତି ଯେ 'କେବଳ ବ୍ୟକ୍ତିଗତ କଲ୍ୟାଣ ଉପରେ ନୁହେଁ ବରଂ ମାନବ ଜାତି ମଧ୍ୟରେ ଏକତା, ପରିବେଶଗତ ସମନ୍ୱୟ ଓ ବିଶ୍ୱ କଲ୍ୟାଣ ଉପରେ ଯୋଗ ହେଉଛି ଏକ ସାଂସ୍କୃତିକ ଐତିହ୍ୟର ଅନ୍ୟତମ ଅବିଚ୍ଛେଦ୍ୟ ଅଙ୍ଗ।' ପୂର୍ବେ ଆଜୀବନ ସୁସ୍ଥ ରହିବା ପାଇଁ ଭାରତୀୟମାନେ ନିୟମିତ ଯୋଗାଭ୍ୟାସ ଓ ଧ୍ୟାନ ଆଦି କରୁଥିଲେ। କିନ୍ତୁ ପାଶ୍ଚାତ୍ୟ ପ୍ରଭାବିତ ଆଧୁନିକ ଜୀବନଶୈଳୀରେ ଏହା ସତ୍ତା ହରାଇଥିଲା। ହେଲେ ଆଜିକାଲିର ଚାପଗ୍ରସ୍ତ ଜୀବନରେ ପୁଣି ଏହାର ଆବଶ୍ୟକତା ପୁରା ବିଶ୍ୱ ଉପଲବ୍ଧି କଲାଣି। ଏବେ ଭାରତୀୟ ଯୋଗଶୈଳୀ ସହ ପାଶ୍ଚାତ୍ୟ ଚିନ୍ତାଧାରା ସମ୍ମିଶ୍ରିତ ଯୋଗଶୈଳୀ ଲୋକପ୍ରିୟ ହେଉଛି। ସେହିଭଳି କିଛି ଅଭିନବ, କୌତୁକିଆ ଓ ଅଜବ ଯୋଗଶୈଳୀ ସଂପର୍କରେ କିଛି କଥା ଲେଖୁଛୁ।

ଆଜିର ଯୁବପିଢ଼ି ଯୋଗର ନୂଆ ଦିଗକୁ ପସନ୍ଦ କରୁଛନ୍ତି। ଡୋଗା ଓ ଗୋଟା ପରି ଅନେକ ନୂତନ ଶୈଳୀର ଯୋଗ ଏବେ ପ୍ରଚଳିତ ହେଉଛି। ଆମର ଦଉଡି ଯୋଗ, ଚକ ଯୋଗ, ବାଡ଼ି ଯୋଗ, ଚଉକି ଯୋଗ ବେଶ ଲୋକପ୍ରିୟ। ତେବେ ପାରମ୍ପରିକ ଆସନ ଅପେକ୍ଷା ବିଦେଶରୁ ଆସୁଥିବା ନୂଆ ନୂଆ ଆସନ ଆଜିର ଟ୍ରେଣ୍ଡ ପାଲଟିଗଲାଣି। ଯୋଗର ପରିବର୍ତ୍ତିତ ତଥା ଆଧୁନିକ ରୂପକୁ ଆଜିର ଯୁବପିଢ଼ି ବେଶ ପସନ୍ଦ କରୁଛନ୍ତି। ବାଡ଼ି ଯୋଗରେ ବାଡ଼କୁ ଦୁଇବାହୁରେ ଧରି ଆସନ କରାଯାଉଥିବାରୁ ବାହୁ ମାଂସପେଶୀ ଦୃଢ଼ ହୋଇଥାଏ। ସେହିପରି ଚକ ବା ହ୍ୱିଲ ଯୋଗରେ ଚକ ଉପରେ ପିଠି ମାରି ଶୋଇ, ଗୋଡ଼କୁ ସିଧା ରଖାଯାଏ ଓ ହାତକୁ ତଳକୁ ଖୋଲି କରି ରଖାଯାଏ। ନିଃଶ୍ୱାସ ନେଇ ଆଗକୁ ପିଠିରେ ଠେଲିବା ଓ ନିଃଶ୍ୱାସ ଛାଡ଼ି ପୁଣି ପଛକୁ ଫେରିବାକୁ ହୁଏ। ଏଥିରେ ଅଣ୍ଟା ସମସ୍ୟା ଦୂର ହୋଇଥାଏ। ଏହିପରି ବହୁତ ଯୋଗ ଅଛି ଯାହା ଆଜିର ଜୀବନଶୈଳୀ ସମସ୍ୟାର ପ୍ରତିକାର କରୁଛି।

ଏରିଏଲ ଯୋଗ ଟି ହେଉଛି ଏବେ ଚଟାଣ ପରିବର୍ତ୍ତେ ଘରର ସିଲିଂ ହୁକରୁ ବନ୍ଧା ଯାଇଥିବା ବେଲ୍ଟ କିମ୍ବା ଦୋଳିରେ ଝୁଲି ଅଭିନବ ଶୈଳୀର ଯୋଗଭ୍ୟାସ କରାଯାଉଛି। ପାରମ୍ପରିକ ଯୋଗମୁଦ୍ରା ସହ ଏଥିରେ ନୃତ୍ୟର ସମ୍ମିଶ୍ରଣ କରାଯାଇଛି। ଷ୍ଟାର ଇନଭର୍ସନ ପୋଜ, ଆଣ୍ଟି ଗ୍ରାଭିଟି ବାରିୟର ପୋଜ, କ୍ରସ ପୋଜିସନ ଓ ଓ୍ୱାନ୍ ଲେଗଡ଼ କିଙ୍ଗ ପିଜନ୍ ପୋଜ ଆଦି ଏହାର ସ୍ୱାତନ୍ତ୍ର୍ୟ। ଏହି ପ୍ରଣାଳୀରେ ପୁରା ଶରୀରର ଷ୍ଟ୍ରେଚିଂ ଓ ବେଣ୍ଡିଂ ହେଉଥିବାରୁ ମାଂସପେଶୀ ଓ ଆଣ୍ଠୁଗଣ୍ଠି ଶକ୍ତ ହୁଏ। ମେରୁଦଣ୍ଡ ଚାପମୁକ୍ତ ହେବା ସହ ରକ୍ତ ସଂଚାଳନ ବୃଦ୍ଧି ଯୋଗୁ ଶ୍ୱାସକ୍ରିୟା ଓ ହଜମ ଭଲ ହୋଇଥାଏ। ସେହିପରି ଡଗ୍ ଯୋଗ ବା ଡୋଗା ହେଉଛି ଡଗ୍ ଯୋଗ ବା ଡୋଗା କୁହାଯାଉଥିବା ଏହି ଯୋଗ କୁକୁର ସହ ମିଶି କରାଯାଏ। ଏହା ସାଧାରଣତଃ ଦୁଇ ପ୍ରକାରର। ଗୋଟିଏରେ କୁକୁରକୁ ସମ୍ପର୍କ ମଜଭୁତ ହୋଇଥାଏ। ଜନୈକା ଯୋଗ ଶିକ୍ଷୟିତ୍ରୀ ସୁଜି ଟିଟେଲମ୍ୟାନ ଏହାର ପରିକଳ୍ପନା କରିଥିଲେ। ଏହାର ମୁଦ୍ରାଗୁଡ଼ିକ ମଧ୍ୟରେ ଡାଉନୱାର୍ଡ଼ ଡଗ, କ୍ରିସେଣ୍ଟ ଲଙ୍ଗ, ହ୍ୱିଲବାରୋ ପୋଜ ଏବଂ ଫରୱାର୍ଡ଼ ଫୋଲ୍ଡ ଅନ୍ୟତମ। ଗ୍ଲୋ ଫ୍ଲୋ ଯୋଗ ହେଉଛି ଯେଉଁମାନଙ୍କୁ କ୍ଲବ ଯିବାକୁ ଭଲ ଲାଗେ ଏବଂ ତା ସହ ଯୋଗ କରି ଶରୀରକୁ ସୁସ୍ଥ ରହିବାର ଝୁଙ୍କ ଥାଏ ସେମାନେ ଏହି ଯୋଗ କରିପାରିବେ। ଗ୍ଲୋ ଓ ଫ୍ଲୋ ଏକ ମଜାଦାର ପ୍ରକ୍ରିୟା। ଗ୍ଲୋ ଯୋଗ ଏକ ଅନ୍ଧାର କୋଠରିରେ କରାଯାଏ। ଯୋଗ କରୁଥିବା ପୁରୁଷ ଓ ମହିଳା କୌତୁକିଆ ତଥା ଉଜ୍ଜ୍ୱଳ ପରିଚ୍ଛଦ ଓ ଅଳଙ୍କାରରେ ସଜ୍ଜିତ ହୁଅନ୍ତି। ଏହାପରେ ନିୟନ ଆଲୋକରେ ଡିଜେର ତାଳେ ତାଳେ ବିଭିନ୍ନ ମୁଦ୍ରା ଅଭ୍ୟାସ କରନ୍ତି। କ୍ଲବ ପରିବେଶରେ ଯୋଗ ଏହାର ସ୍ୱାତନ୍ତ୍ର୍ୟ। ସେହିପରି ଫ୍ଲୋ ବା ପ୍ରବାହ ଯୋଗରେ ମାନସିକ ଚାପ କମ ହୁଏ। ଏହାର କିଛି ମୁଦ୍ରା ମନ ପାଇଁ ଉତ୍କୃଷ୍ଟ ହୋଇଥିବାବେଳେ ଅନ୍ୟ କେତେକ ଶରୀରକୁ ସୁନ୍ଦର କରିବା ପାଇଁ ଉଦ୍ଦିଷ୍ଟ। ଭନିଆସା ଫ୍ଲୋ ଓଜନ କମାଇବା ପାଇଁ ଅତି ଉତ୍ତମ ବୋଲି କୁହାଯାଏ। ଭାସମାନ ଯୋଗ ହେଉଛି ଭୂମି ନୁହେଁ, ପାଣି ଉପରେ ଏକ ଭାସମାନ ଯୋଗ ଏବେ ଲୋକପ୍ରିୟ ହେଉଛି। ପାଣିରେ ଏକ ପେନାଲ ବୋର୍ଡ଼ ଉପରେ ଏହି ଯୋଗ କରାଯାଏ। ସାଧାରଣ ଭାବେ ହ୍ରଦ ଓ ପୋଖରୀରେ ଏହି ଯୋଗ କରାଯାଉଥିବା ବେଳେ କେହି କେହି ସୁଇମିଂ ପୁଲରେ ବି କରନ୍ତି। ଯୋଗାଭ୍ୟାସ କାଳରେ ନିଜ ଉପରେ ଓ ପେଡ଼ାଲ ବୋର୍ନ ଉପରେ ନିୟନ୍ତ୍ରଣ ରହିବା ନିହାତି ଜରୁରୀ। ହାୱାଇରୁ ଆରମ୍ଭ ହୋଇଥିବା ଏହି ଯୋଗ ଏକାସଙ୍ଗରେ ଏକାଧିକ ମାଂସପେଶୀକୁ ପ୍ରଭାବିତ କରିଥାଏ। ଅଭ୍ୟାସ ସମୟରେ ବାହୁ, କାନ୍ଧ ଏବଂ ପିଠିର ମାଂସପେଶୀରେ ଚାପ ପଡ଼େ, ଯାହାଦ୍ୱାରା ଏହା ଶକ୍ତ ହୋଇଥାଏ।

ସମ୍ପ୍ରତି ଭାରତର ଶାଶ୍ୱତ ଯୌଗିକ ପଦ୍ଧତିଗୁଡ଼ିକ ବିକଳ୍ପ ଚିକିତ୍ସା ପଦ୍ଧତି ବା ମଡ଼ର୍ଣ୍ଣ ଯୋଗ ରୂପରେ ସମଗ୍ର ପୃଥିବୀରେ ଲୋକପ୍ରିୟ ହେବାରେ ଲାଗିଛି। ଏହି କ୍ରମରେ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଥିବା କେତୋଟି ଚିକିତ୍ସା ପଦ୍ଧତି ହେଉଛି - ଆସନ, ପ୍ରାଣାୟାମ, ଧ୍ୟାନ, ଯୋଗନିଦ୍ରା, ଅତୀନ୍ଦ୍ରିୟ ଶକ୍ତିର ପ୍ରୟୋଗ, ସମ୍ମୋହନ, ଟେଲିପାଥି, ଯଜ୍ଞୀୟ ଚିକିତ୍ସା ପଦ୍ଧତି, ସିଦ୍ଧଚିକିତ୍ସା ପଦ୍ଧତି, ରେକୀ, ପ୍ରାଣିକ ହିଲିଙ୍ଗ, ଆକ୍ୟୁପ୍ରେସର ଇତ୍ୟାଦି। ଏବେ ଆଧୁନିକ ବୈଜ୍ଞାନିକଗଣ ଏହିସବୁ ପଦ୍ଧତିରେ କି ସତ୍ୟତା ରହିଛି ଜାଣିବା ପାଇଁ ନିଜର ଯନ୍ତ୍ରପାତି ଏବଂ ଉପକରଣ ଦ୍ୱାରା ତାହାର ଉପଯୋଗିତା ପରୀକ୍ଷା କରିବାରେ ଲାଗିପଡ଼ିଛନ୍ତି। ସେଥିରୁ ପ୍ରାପ୍ତ ସୁଫଳକୁ ଦେଖି ସେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁଛନ୍ତି - ଭାରତର ଯୌଗିକ ପଦ୍ଧତି ଦ୍ୱାରା କେବଳ ମାନବର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ସାମଗ୍ରିକ ସମସ୍ୟା ମଧ୍ୟ ସମାଧାନ ହୋଇପାରିବ। ବହୁ ଆଧୁନିକ ଚିକିତ୍ସାବିଜ୍ଞାନୀ ପରିଣାମରେ ଆଶ୍ଚର୍ଯ୍ୟଚକିତ ହୋଇ ଏବେ ବିଭିନ୍ନ ଅସାଧ୍ୟ ରୋଗ କ୍ଷେତ୍ରରେ ଏହାକୁ ପ୍ରୟୋଗ କରି ଆଶାତୀତ ଫଳ ପାଉଛନ୍ତି। ଏଥିରେ ରୋଗୀକୁ ଯେମିତି ଆରୋଗ୍ୟ ମିଳୁଛି, ସେମିତି ଶାନ୍ତି ଏବଂ ଆନନ୍ଦ ମିଳୁଛି। ଶରୀର ମନର ସନ୍ତୁଳନ, ବ୍ୟକ୍ତିତ୍ୱର ବିକାଶ ଏବଂ ଲକ୍ଷ୍ୟ ହାସଲ ଆଦି ବହୁକଥା ଏହିସବୁ ପ୍ରକ୍ରିୟା ମାଧ୍ୟମରେ ପ୍ରାପ୍ତ ହୋଇପାରୁଛି।

*ଥାଇରୋ, ଆଲିକଣ୍ଟା, ବାଲିକୁଦା, ଜଗତସିଂହପୁର-୭୫୪୧୦୮, ଦୂରଭାଷ : ୭୦୦୮୪୩୮୯୫୯*

# ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ

**ଡକ୍ଟର ସୁରେଶ କୁମାର ନାୟକ**

ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ। ଏହା ଏକ ଆଧ୍ୟାତ୍ମିକ ବିଜ୍ଞାନ। ଯେଉଁ ବିଜ୍ଞାନ ଜୀବାତ୍ମା ଏବଂ ପରମାତ୍ମା ମିଳନର ଶିକ୍ଷା ପ୍ରଦାନ କରିଥାଏ। ଯୋଗର ଲକ୍ଷ୍ୟ ହେଉଛି - ମନୁଷ୍ୟକୁ ପ୍ରକୃତିର ଦାସତ୍ୱରୁ ମୁକ୍ତ କରି ତାକୁ ନିଜ ସ୍ୱରୂପର ସାକ୍ଷାତକାର କରାଇବା। ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି - 'ବ୍ରହ୍ମଦର୍ଶନ କରିବା ଓ ଈଶ୍ୱରଙ୍କ ମଧ୍ୟରେ ନିବାସ କରିବା ହେଉଛି ଯୋଗସାଧନାର ସାରକଥା।' ଏବେ ଭାରତୀୟ ଯୋଗଦର୍ଶନ ଗିରିକନ୍ଦର ତଥା ପାହାଡ଼ ପର୍ବତର ଗୁମ୍ଫାରୁ ବାହାରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହାର ଶକ୍ତି ସାମର୍ଥ୍ୟ ଏବଂ ଅଲୌକିକତା ଦ୍ୱାରା ସାଧାରଣ ଲୋକଙ୍କ ପରି ବୈଜ୍ଞାନିକଗଣ ମଧ୍ୟ ଆକର୍ଷିତ ହେଉଛନ୍ତି। ଏ ପର୍ଯ୍ୟନ୍ତ ସେମାନେ କେବଳ ଯୋଗର ସ୍ଥୂଳ ଲାଭ ସହିତ ପରିଚିତ। ଯେଉଁଦିନ ଏହାର ସମସ୍ତ ସୂକ୍ଷ୍ମଲାଭ ସହିତ ପରିଚିତ ହେବେ, ସେ ଦିନ ଆଧ୍ୟାତ୍ମିକ ବିଜ୍ଞାନ ଏବଂ ଆଧୁନିକ ବିଜ୍ଞାନ ଏ ଦୁଇ ବିଜ୍ଞାନର ମିଳିତ ସହଯୋଗରେ ଏକ ନୂତନ ବିଶ୍ୱର ଅଭ୍ୟୁଦୟ ହେବ ଏକଥା ସୁନିଶ୍ଚିତ। ଏବେ ଏଇ ଯୋଗବିଜ୍ଞାନର ରେକୀ, ପ୍ରାଣିକ ହିଲିଙ୍ଗ ଭଳି କେତୋଟି ପ୍ରଭାବଶାଳୀ ପଦ୍ଧତି ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଛି।

କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ, ଜପଯୋଗ, ରାଜଯୋଗ - ଏହି ଭଳି ଭାବେ ଯୋଗ ଅନେକ ପ୍ରକାର ଅଛି। ମହର୍ଷି ପତଞ୍ଜଳୀଙ୍କ ଯୋଗସୂତ୍ରରେ ରାଜଯୋଗ ସମ୍ବନ୍ଧରେ ପୂର୍ଣ୍ଣରୂପେ ତର୍ଜମା କରାଯାଇ ଯୋଗ ପଦ୍ଧତିକୁ ସୁବ୍ୟବସ୍ଥିତ ରୂପେ ବର୍ଣ୍ଣନା କରାଯାଇଛି ଏବଂ ସାଧକଙ୍କର ଅଗ୍ରଗତି ସମ୍ବନ୍ଧରେ ତାର ଆବଶ୍ୟକତା ପ୍ରତିପାଦିତ ହୋଇଛି। ରାଜଯୋଗ ହେଉଛି ବିଜ୍ଞାନ ସମ୍ମତ ଏବଂ ଦୃଢ଼ମନସ୍ତାତ୍ତ୍ୱିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଏକ ସଂକ୍ଷିପ୍ତ ତଥା ପ୍ରତ୍ୟକ୍ଷ ମୌଳିକ ପ୍ରଣାଳୀ। ଏହା ଯମ, ନିୟମ ଆଦି ବହିରଙ୍ଗ ଯୋଗ (ଆସନ, ପ୍ରାଣାୟାମ, ପ୍ରତ୍ୟାହାର) ଏବଂ ଅନ୍ତରଙ୍ଗ ଯୋଗ (ଧାରଣା, ଧ୍ୟାନ, ସମାଧି) ରୂପେ କ୍ରମବଦ୍ଧ ହୋଇଛି। ମହର୍ଷି ପତଞ୍ଜଳୀଙ୍କ ମତରେ ଚିତ୍ତବୃତ୍ତିର ସଂଶୋଧନ ହେଉଛି ଯୋଗର ଉଦ୍ଦେଶ୍ୟ। ସେହିକଥାକୁ ଉପନିଷଦ ଭାଷାରେ ଉଲ୍ଲେଖ ରହିଛି 'ପଶୁପ୍ରବୃତ୍ତିକୁ ପରିବର୍ତ୍ତନ କରି ଦିବ୍ୟ ଆତ୍ମାର ସ୍ୱରୂପ ଦେବା ପ୍ରକ୍ରିୟାର ନାମ ଯୋଗ।' ମହର୍ଷି ଅରବିନ୍ଦ ଲେଖିଛନ୍ତି - 'ମନର ନିମ୍ନଗାମୀ ପ୍ରବୃତ୍ତିକୁ ଉର୍ଦ୍ଧ୍ୱଗାମୀ ଦିଗ ନିର୍ଦ୍ଦେଶ ଦେବା ଯୋଗର ଉଦ୍ଦେଶ୍ୟ।' ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି - 'ପରମାତ୍ମାଙ୍କ ସହିତ ଯୋଗ ବା ମିଳନ ହିଁ ଜୀବନର ପରମ ଲକ୍ଷ୍ୟ। ଯୋଗ ସକଳ ଦୁଃଖକଷ୍ଟ ଏବଂ ସମସ୍ତ ଅଶାନ୍ତି ଦୂର କରେ। ଯୋଗ ଜନ୍ମମୃତ୍ୟୁ ରୂପକ ସଂସାର ଚକ୍ରରୁ ମୁକ୍ତି ଦିଏ। ଯୋଗଜ୍ଞାନ ମାଧ୍ୟମରେ ବିଭିନ୍ନ ସିଦ୍ଧି ଓ ମୁକ୍ତି ପ୍ରଦାନକାରୀ ଅମରତ୍ୱର ଅମୃତପାନ କରନ୍ତୁ ଏବଂ ଜଣେ ଯୋଗୀ ହୋଇଯାଆନ୍ତୁ। ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି - ଯେଉଁମାନେ ହୃଦୟଙ୍ଗମ କରିଛନ୍ତି ଯେ, ସଂସାରର ବିଷୟସୁଖ କ୍ଷଣଭଙ୍ଗୁର, ଭ୍ରାନ୍ତ, ଅନ୍ତଃସାରଶୂନ୍ୟ ଓ ଅସାର, କେବଳ ସେହିମାନେ ହିଁ ଯୋଗସାଧନା ପାଇଁ ଯୋଗ୍ୟ। ଯୋଗମାର୍ଗର ସାଧକ ନମ୍ର, ସାଧୁ, ସରଳ, ଭଦ୍ର, ଶିଷ୍ଟ, ସହନଶୀଳ, କାରୁଣିକ ଓ ଦୟାଳୁ ହେବା ଉଚିତ। ଧୈର୍ଯ୍ୟ, ଉତ୍ସାହ ଓ ଦୃଢ଼ ସଂକଳ୍ପବାଦ ବ୍ୟକ୍ତି ହିଁ ଏହି ମାର୍ଗରେ ଗତି କରିପାରନ୍ତି। ଯିଏ ନିଜର ଆରାମ ଓ ସୁଖକୁ ଉପେକ୍ଷା କରି ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ, ସେ ହେଉଛନ୍ତି ଆଧ୍ୟାତ୍ମମାର୍ଗର ଜଣେ ପ୍ରକୃତ ଉନ୍ନତ ସାଧକ। ଯେଉଁ ସାଧକଙ୍କ ଠାରେ ପରଦୋଷ ଦର୍ଶନ କରିବାର ଆଗ୍ରହ ଥାଏ, ଯେ ଦୁର୍ନୀତିପରାୟଣ ଓ ଅସଂଯତ ସେ ସାଧନାରେ ଉନ୍ନତି କରିପାରନ୍ତି ନାହିଁ। ଯାହାଙ୍କର ଗୁରୁବାକ୍ୟ ଏବଂ ଶାସ୍ତ୍ରରେ ଶ୍ରଦ୍ଧା ଥାଏ ସେହି ହିଁ ଏଥିପାଇଁ ଅଧିକାରୀ ସାଧକ।



ବର୍ତ୍ତମାନ ସର୍ବତ୍ର ଯୋଗ ପଦ୍ଧତିର ଆଲୋଚନା ହେଉଛି ଏବଂ ସେଥିରୁ ମିଳୁଥିବା ସ୍ଥୂଳଲାଭର ବିଶେଷ ବ୍ୟାଖ୍ୟା କରାଯାଉଛି। ଯୋଗ ବିଷୟରେ କହିବାବାଲା ଲୋକ ଏବଂ ଶୁଣିବା ବାଲା ଲୋକ କମ ନାହାନ୍ତି। ଅନେକ ବ୍ୟକ୍ତି ଯୋଗର ଆଦ୍ୟ ବର୍ଣ୍ଣମାଳା ନଜାଣି ଧ୍ୟାନ, ସମାଧି, ଚକ୍ରସାଧନ, କୁଣ୍ଡଳିନୀ ଜାଗରଣ ଆଦି କ୍ରିୟାରେ ହଠାତ୍ ହାତ ଦେଇଦେଉଛନ୍ତି। ଧ୍ୟାନ ହେଉଛି ଯୋଗସାଧନାର ସପ୍ତମ ସୋପାନ। ସେ ସୋପାନରେ ପହଞ୍ଚିବା ପୂର୍ବରୁ ସାଧକ ମୂଳରେ ଥିବା ଛଅଟି ପ୍ରାଥମିକ ସୋପାନ ଅତିକ୍ରମ କରିବା ଆବଶ୍ୟକ। ମହର୍ଷି ପତଞ୍ଜଳୀ ଏଥିପାଇଁ ପ୍ରଥମେ ଯମ ନିୟମ ଭଳି ଦୁଇଟି ସୋପାନ ରଖିଛନ୍ତି। ଯମ ନିୟମ ପରେ ଆସନ, ମୁଦ୍ରା, ବନ୍ଧ, ପ୍ରାଣାୟାମ, ତାପରେ କାହିଁ କେତେ ଦୂରରେ ଯାଇ ଧ୍ୟାନ, ସମାଧି, କୁଣ୍ଡଳିନୀ ଜାଗରଣର କଥା। ଯୋଗ, ପ୍ରାଣାୟମ, ଆସନ ବା ବିଭିନ୍ନ ଆଧ୍ୟାତ୍ମିକ ଚେତନାର ଅନ୍ୟତମ ଶ୍ରେଷ୍ଠ ଅବସ୍ଥା ହେଉଛି ଧ୍ୟାନ। ଏ କଥା ସହଜରେ ବୁଝାଯାଏ ଯେ, ସମସ୍ତଙ୍କୁ ଧ୍ୟାନ କରିବାର ଆବଶ୍ୟକତା ନଥାଏ। ପ୍ରତ୍ୟେକଙ୍କର ନିଜସ୍ୱ ଧାରା ରହିଥାଏ - କେହି କେହି ଭକ୍ତି ଦ୍ୱାରା, କେହି କେହି ସଙ୍ଗୀତ ମାଧ୍ୟମରେ, ଅନ୍ୟ କେହି ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଅନ୍ୟ କେହି ନିଷ୍କାମ କର୍ମ ଦ୍ୱାରା ପଥଗୁଡ଼ିକ ଅନେକ। ଯେଉଁମାନଙ୍କର ପାଇଁ ଭଗବତ ଅନ୍ୱେଷଣ ପାଇଁ ଧ୍ୟାନ ସହାୟକ ହୋଇଥାଏ ସେମାନେ ଏହି କଥାଟି ନିଶ୍ଚିନ୍ତ ରୂପେ ଜାଣି ରଖିବା ଉଚିତ ଯେ, ଧ୍ୟାନ ନିଜ ଲକ୍ଷ୍ୟ ନୁହେଁ, ତେଣୁ ଘଣ୍ଟା ଘଣ୍ଟା କାଳ ମଧ୍ୟରେ ବାସିବା ଏହି ଉଦ୍ଦେଶ୍ୟ ପାଇଁ ଯଥାର୍ଥ ନୁହେଁ ଧ୍ୟାନର ଗୁଣବତ୍ତା ବାସ୍ତିବକ ଗୁରୁତ୍ୱପୂର୍ଣ୍ଣ କଥା ଅଟେ। ଯେଉଁମାନଙ୍କର ପଥ ଧ୍ୟାନ ମାଧ୍ୟମ ଦେଇଯିବାକୁ ହୋଇଥାଏ ଅଥବା ଅତିକମ୍‌ରେ ଏହା ତାଙ୍କ ସାଧନାର ଏକ ମୁଖ୍ୟ ଅଙ୍ଗ ହୋଇଥାଏ, ଏହାର ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ସେମାନେ ନିୟମିତ ଭାବେ ଧ୍ୟାନରେ ବସିବା ଉଚିତ।ଆଜିକାଲି ଯୋଗ ନାମରେ ଏମିତି ଅନେକ ଭ୍ରାନ୍ତି ପ୍ରଚଳିତ। ସେ ଭ୍ରାନ୍ତିରୁ ମୁକ୍ତ ହେବା କେବଳ ଆବଶ୍ୟକ ନୁହେଁ, ବରଂ ଅନିବାର୍ଯ୍ୟ। ଯୋଗ ଏକ ମହତ୍ତ୍ୱପୂର୍ଣ୍ଣ ବିଦ୍ୟା ଏବଂ ସାଧନା। ଏହାର ବାସ୍ତବ ରୂପକୁ ଜାଣି ଯୋଗ୍ୟ ସଦଗୁରୁଙ୍କ ମାର୍ଗଦର୍ଶନ ସାହାଯ୍ୟରେ ଅଭ୍ୟାସ କଲେ ଯେକୌଣସି ବ୍ୟକ୍ତି ସାଧାରଣ ଅବସ୍ଥାରୁ ଅସାଧାରଣ ହୋଇପାରେ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨*

# ବାରୁଦ ଗଦା ଉପରେ ପଶ୍ଚିମ ଏସିଆ

**ସୌଭାଗ୍ୟ ରଂଜନ ମହାନ୍ତି**

ଯେଉଁ ସମୟରେ ୱାଂଶିଟନ ଓ ତେହେରାନ ମଧ୍ୟରେ ଆଲୋଚନା ଚାଲିଥିଲା ସେହି ସମୟରେ ଇରାନର ଆଣବିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଇସ୍ରାଏଲର ଅଚାନକ ଆକ୍ରମଣ ନିର୍ଲଜ ଭାବରେ ବେଆଇନ, ଅପରିଣାମଦର୍ଶୀ ଏବଂ ବିପଦଜନକ ବୋଲି କୁହାଯାଇପାରିବ। ଆଲୋଚନା ମଧ୍ୟମରେ ଯଦି ଆଣବିକ ପ୍ରସଙ୍ଗର ଯେକୌଣସି ସମାଧାନ ସମ୍ଭାବନା ଥାଏ, ତେବେ ଇସ୍ରାଏଲ ଏହାକୁ ହତ୍ୟାକରିଛି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ଏପରିକି ଆମେରିକାର ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଇସ୍ରାଏଲ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ବାରମ୍ବାର ଚେତାବନୀ ସତ୍ତ୍ୱେ ଏହି ଆକ୍ରମଣରୁ ଓହରି ନଥିଲା। ବୁଝାପଡୁଛି ଯେ, ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ମନ୍ତବ୍ୟ ଉପରେ ଆଦୌ ଗୁରୁତ୍ୱର ନଥିଲେ କିମ୍ବା ତାଙ୍କର ପ୍ରଭାବକୁ ଯଥାର୍ଥ ଭାବେ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦେଇ ନଥିଲେ। ଇସ୍ରାଏଲ ରାତିକ ଭିତରେ ଇରାନର ନାତାଞ୍ଜ ଆଣବିକ କେନ୍ଦ୍ର, ଆଣବିକ ବୈଜ୍ଞାନିକ ଏବଂ ସେନା କମାଣ୍ଡରମାନଙ୍କ ବାସଭବନ ଉପରେ ଆକ୍ରମଣ କରିଥିଲା। ଆକ୍ରମଣରେ ଇରାନର ବହୁ ସେନା ମୁଖ୍ୟ ଏବଂ ଆଣବିକ ବୈଜ୍ଞାନିକ ନିହତ ହୋଇଥିବାବେଳେ ବହୁ ଆଣବିକ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ଏପରିକି ଇରାକର ତୈଳଡିପୋଗୁଡ଼ିକ ଏଥିରୁ ବାଦ ପଡ଼ିନାହିଁ। ସେ ସବୁ ହୁତୁହୁତୁ ହୋଇ ଜଳୁଥିବା ଜଣାଯାଏ। ପ୍ରତିଶୋଧ ପରାୟଣ ସ୍ୱରୁପ ଇରାନ ଇସ୍ରାଏଲ ଉପରେ ଶତାଧିକ ଡ୍ରୋନ ଆକ୍ରମଣ କରିଛି। ଯାହାକୁ ଇସ୍ରାଏଲ ପ୍ରତିହିତ କରିଥିବା କୁହାଯାଏ। ଫଳରେ ଦୁଇଦେଶ ମଧ୍ୟରେ ଏବେ ଭୟଙ୍କର ଯୁଦ୍ଧ ଲାଗି ଯାଇଛି। ଯୁଦ୍ଧରେ ଇରାନରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଇସ୍ରାଏଲ ମୃତାହତଙ୍କ ସଂଖ୍ୟା କମ ଥିବା ଏକ ଆନ୍ତର୍ଜାତିକ ରିପୋର୍ଟରୁ ଜଣାଯାଏ। ଇରାନର ସର୍ବୋଚ୍ଚ ନେତା ଆୟେତୋଲ୍ଲା ଖାମନେଇ ଅଧିକରୁ ଅଧିକ ଭୟଙ୍କର ଆକ୍ରମଣ ପାଇଁ ଧମକ ଦେଇଛନ୍ତି। ଯଦି ଇରାନ ଆଣବିକ କ୍ଷେପଣାସ୍ତ୍ର ଆକ୍ରମଣ କରେ, ଯାହାର ସମ୍ଭାବନା ଉଜ୍ଜ୍ୱଳ ରହିଛି, ତେବେ ଇସ୍ରାଏଲ ମଧ୍ୟ ଅଧିକରୁ ଅଧିକ ଆକ୍ରମଣ କରିବା ନେଇ ପ୍ରଧାନମନ୍ତ୍ରୀ ବେଂଜାମିନ ନେତାନ୍ୟାହ ସୂଚନା ଦେଇସାରିଲାଣି। ଏହା ନିସନ୍ଦେହ ଯେ, ପଶ୍ଚିମ ଏସୀୟା ପରିସ୍ଥିତି ଏବେ ଆହୁରି ଉତ୍ତେଜନାପୂର୍ଣ୍ଣ ହୋଇପଡିଛି, ଯାହା ପଶ୍ଚିମ ଏସିଆ ଅଂଚଳରେ କେବଳ ବିକାଶକୁ ଗୁରୁତ୍ୱର କ୍ଷତି ପହଁଚାଇବନାହିଁ, ସମଗ୍ର ବିଶ୍ୱ ଉପରେ ଏହା ଭୟଙ୍କର ପ୍ରଭାବ ପକାଇବା ଆଶଙ୍କାକୁ ଏଡାଇ ଦେଇ ହେଉ ନାହିଁ। ଆମେରିକା ଆକ୍ରମଣରେ ସମ୍ପୃକ୍ତ ନଥିବା ବାରମ୍ବାର ଘୋଷଣା କରିଥିବା ସତ୍ତ୍ୱେ ଏହାର ବିନା ସମର୍ଥନରେ ଇସ୍ରାଏଲ ଏପରି ଦୁଃସାହସ କରିନଥିବା ଏକ ଧାରଣା ସୃଷ୍ଟି ହୋଇଛି। ଏହା ନିଶ୍ଚିତ ଯେ, ଇରାନର ଆଣବିକ କାର୍ଯ୍ୟକ୍ରମର ଆଇନଗତ ବୈଧତା ନେଇ ଉଦବେଗ ସୃଷ୍ଟି ହେବା ସ୍ୱାଭାବିକ। ଏହା ୟୁରାନିୟମ ସମୃଦ୍ଧ ଏବଂ ଏହାର ୟୁରାନିୟମର ଶୁଦ୍ଧତା ୬୦ପ୍ରତିଶତରୁ ଅଧିକ। ଇରାନ ଗୋପନୀୟ ଭାବେ ଆଣବିକ ବୋମା ତିଆରି କରୁଥିବା ନେଇ ଇସ୍ରାଏଲ ଅଭିଯୋଗ କରିଛି। ଆଇଏଇଏ କହିଛି ଯେ, ଆଣବିକ ବୋମା ତିଆରି ପାଇଁ ଇରାନ ନିକଟରେ ପର୍ଯ୍ୟାପ୍ତ ପରିମାଣର ବିଶୁଦ୍ଧ ୟୁରାନିୟମ ରହିଛି। କିନ୍ତୁ ଇରାନ ଗାପନୀୟ ଭାବେ ଆଣବିକ ବୋମା ତିଆରି କରୁଥିବା ନେଇ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳିନାହିଁ। ଉଲ୍ଲେଖଯୋଗ୍ୟ ଯେ, ନିଜର ଆଣବିକ କାର୍ଯ୍ୟକ୍ରମକୁ ସଂକୁଚିତ କରିବା ପାଇଁ ଇରାନ ସହମତି ପ୍ରକାଶ କରିଥିଲା। ଏଥିଲାଗି ସେ ଯେଉଁ ସର୍ତ୍ତ ରଖିଥିଲା, ତାହା ହେଉଛି, ଇରାନ ଉପରେ ୨୦୧୫ ରାଜିନାମା ଅନୁଯାୟୀ କଟକଣା ପ୍ରତ୍ୟାହାର କରିବା ଲାଗି ଦାବି କରିଥିଲା। କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ପ୍ରଥମ ପାଳିବେଳେ ରାଜିନାମା ପ୍ରତି ଅର୍ନ୍ତଘାତୀ କାର୍ଯ୍ୟ କରିଥିଲେ। ଯାହାଫଳରେ ରାଜିନାମା ଫଳପ୍ରଦ ହୋଇନଥିଲା। ମାତ୍ର ଏବେ ଦ୍ୱିତୀୟ ପାଳିରେ ଟ୍ରମ୍ପ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ, ଯାହାକୁ ଇରାନ ବିଚାରଧୀନ ରଖିଥିଲା। ଏବେ ଇସ୍ରାଏଲ ଅଚାନକ ଆକ୍ରମଣ ଏବଂ ଦୁଇଦେଶ ମଧ୍ୟରେ ଯୁଦ୍ଧ ଲାଗି ଯାଇଥିବାବେଳେ ଆମେରିକା ସହ କୌଣସି ଆଲୋଚନା ନକରିବାକୁ ଇରାନ ଘୋଷଣା କରିଛି। ଏହା ନିସନ୍ଦେହ ଯେ, ଗତ ୨୦୨୨ ଅକ୍ଟୋବର ୭ରେ ହମସ ଆତଙ୍କବାଦୀ ଗୋଷ୍ଠୀର ଅଚାନକ ଆକ୍ରମଣ ପରେ ଇସ୍ରାଏଲ ଏବେ ଏକ ନୀତିହୀନ ରାଷ୍ଟ୍ର ପରି ବ୍ୟବହାର ପ୍ରଦର୍ଶନ କରିବାରେ ଲାଗିଛି। ଇସ୍ରାଏଲ ଗାଜାକୁ ଏକ ଧ୍ୱଂସସ୍ତୁପରେ ପରିଣତ କରିଥିବାବେଳେ ବର୍ତମାନ ସୁଦ୍ଧା ୪୫ହଜାରରୁ ଉର୍ଦ୍ଧ୍ୱ ନୀରିହ ପାଲେଷ୍ଟାଇନୀୟଙ୍କୁ ଗଣହତ୍ୟା କରିସାରିଲାଣି ବୋଲି ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ, ହେଜପୁଲାର ଅସ୍ତ୍ରବିରତି ସତ୍ତ୍ୱେ ଲେବାନନ ଉପରେ ନିୟମିତ ବୋମାମାଡ ଜାରି ରଖିଛି। ସେହିପରି ଆସଦ ଶାସନର ଅବସାନ ପରେ ସିରିଆକୁ ଭାଗ ଭାଗ କରିବାରେ ସମର୍ଥ ହୋଇଛି। ଏହା ସତ୍ୟ ଯେ, ଇସ୍ରାଏଲ ଏବେ ପଶ୍ଚିମ ଏସୀୟାରେ ଶାନ୍ତି ଓ ନିରାପତାକୁ ରସାତଳଗାମୀ କରିଦେଇଛି। ଇସ୍ରାଏଲର ଲଗାମଛଡା, ଅନିୟନ୍ତ୍ରିତ ସାମରିକ କାର୍ଯ୍ୟାନୁଷ୍ଠାନ ଏହି ଅଂଚଳରେ ଶାନ୍ତି, ସୁରକ୍ଷାକୁ ବିପନ୍ନ କରିବା ସହ ଅଶାନ୍ତିର କାରଣ ହୋଇଛି। ଏହି ଅଶାନ୍ତି ଯଦି ଉପସାମରିକ ଅଂଚଳକୁ ବ୍ୟାପିଯାଏ, ତେବେ ଏହା ଆନ୍ତର୍ଜାତିକ ଅର୍ଥନୀତି ପାଇଁ ବିପଦଜନକ ହେବ। ବିଶେଷ କରି ଏହି ଅଂଚଳରେ ନିୟୁତ ନିୟୁତ ଭାରତୀୟ ନିଜର ଜୀବିକା ନିର୍ବାହ କରୁଛନ୍ତି। ଇସ୍ରାଏଲକୁ ତୁରନ୍ତ ସମଗ୍ର ବିଶ୍ୱ ନିୟନ୍ତ୍ରଣ କରିବା ଜରୁରୀ। ଅନ୍ୟଥା ପଶ୍ଚିମ ଏସିଆର ଶାନ୍ତି ବିପନ୍ନ ହେବା ସହ ବିଶ୍ୱ ଅର୍ଥନୀତି ପାଇଁ ବିପଦର କାରଣ ହେବ। ସେହିପରି ଇରାନକୁ ଆଣବିକ ବୋମା ତିଆରି କରିବାରୁ ନିବୃତ କରିବା ପାଇଁ ବିଶ୍ୱ ରାଷ୍ଟ୍ରମୁଖ୍ୟମାନେ ମିଳିତ ଭାବେ ଉଦ୍ୟମ କରିବାର ଆବଶ୍ୟକତା ରହିଛି। ଅନ୍ୟଥା ପଶ୍ଚିମ ଏସୀଆ ଏବେ ବାରୁଦ ଗଦା ଉପରେ ଥିବାରୁ ଯେକୌଣସି ସମୟରେ ଭୟାବହ ବିସ୍ଫୋରଣର କାରଣ ହେବ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ ନଂ-୭୯୭୮୬୬୬୪୦୩*

# ଚେତନା ବିକାଶରେ ଯୋଗ

**ଡ଼ଃ.ଅରୁନ୍ଧତୀ ଦେବୀ**

ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ ଅଟେ। ଯେଉଁଥିରେ ପଦାର୍ଥ, ଜୀବନ ଓ ଚେତନାର ସମନ୍ୱୟ ଥାଏ। ଭାରତୀୟ ପ୍ରାଚୀନତମ ଯୋଗ ପଦ୍ଧତି ଅନୁଯାୟୀ ମୂଳତଃ ଯୋଗ ହେଉଛି ୮୪ ପ୍ରକାରର। ତେବେ ତା'ମଧ୍ୟରୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଯୋଗ ହେଉଛି ବାରଟି। ତାହାହେଲା - ଜପଯୋଗ, ପ୍ରାଣଯୋଗ, ରାଜଯୋଗ, ହଟଯୋଗ, ଲୟଯୋଗ, ରଜୁଯୋଗ, ନାଦଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, କର୍ମଯୋଗ, ସ୍ୱରଯୋଗ, ମନ୍ତ୍ରଯୋଗ ଓ ତନ୍ତ୍ରଯୋଗ। ପତଞ୍ଜଳି ଯୋଗଶାସ୍ତ୍ରରୁ ଉପରୋକ୍ତ ଯୋଗର ପଦ୍ଧତି ପ୍ରଣୀତ। ରାଜଯୋଗ ହେଉଛି ଯୋଗ ମାନଙ୍କ ଭିତରେ ସବୁଠାରୁ ଶ୍ରେଷ୍ଠତମ ଯୋଗ। ମନର ସମସ୍ତ ପ୍ରକାର ବୃତ୍ତିର ତରଙ୍ଗକୁ ସଂଯତ କରିଦେବା ହିଁ ରାଜଯୋଗର ଲକ୍ଷଣ। ପତଞ୍ଜଳିଙ୍କ ରାଜଯୋଗକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ଦୁଃଖଶୋକରୁ ମୁକ୍ତି ପାଇବାର ରାଜମାର୍ଗ ହେଉଛି ଏହି ଯୋଗ। ଭାରତୀୟ ବିଭିନ୍ନ ପ୍ରାଚୀନ ଗ୍ରନ୍ଥରେ ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଲିପିବଦ୍ଧ ହୋଇଛି। ଶ୍ରୀମଦ ଭଗବତ ଗୀତାତ ସ୍ୱୟଂ ଯୋଗଶାସ୍ତ୍ର। ଜ୍ଞାନଯୋଗ ଅନୁସାରେ ବ୍ରହ୍ମଙ୍କ ସହିତ ଏକତ୍ର ଜ୍ଞାନ ହିଁ ମୁଖ୍ୟ। ବ୍ରହ୍ମ ଭାବରେ ସ୍ଥିତି ଲାଭ କରିବା ହିଁ ଜ୍ଞାନଯୋଗ ସାଧନାର ଲକ୍ଷ୍ୟ। କର୍ମ ହେଉଛି ବନ୍ଧନର କାରଣ। ଏଥିରୁ ମୁକ୍ତିଲାଭ କରିବା ସକାଶେ କର୍ମଯୋଗର ସାହାଯ୍ୟ ନିଆଯାଏ। ନରନାରାୟଣଙ୍କ ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ନିଷ୍କାମ କର୍ମଯୋଗ ବୋଲାଯାଏ। ଆଧ୍ୟାତ୍ମିକ ପିପାସୁଙ୍କ ମତରେ ଭଗବତ ପ୍ରାପ୍ତିର ସର୍ବାପେକ୍ଷା ସରଳ ଓ ସୁଗମ ମାର୍ଗ ହେଉଛି ଭକ୍ତିଯୋଗ। ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତନରେ ନିର୍ମଳ ଓ ନିଷ୍କପଟ ଭାବେ ଈଶ୍ୱରଙ୍କୁ ଖୋଜିବା ହିଁ ଭକ୍ତିଯୋଗ ଅଟେ। 'ମନନାତ୍ ତ୍ରାୟତେ ଇତି ମନ୍ତ୍ର' ଅର୍ଥାତ୍ ଯାହା ମନ ଭିତରେ ସବୁବେଳେ ଭାବି ଚାଲିଲେ ଜନ୍ମ-ମୃତ୍ୟୁର ଚକ୍ରରୁ ରକ୍ଷା ମିଳେ ତାହା ହିଁ ମନ୍ତ୍ର। ଜପ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗ ଅଟେ। ଚିତ୍ତକୁ ଶାନ୍ତ ତଥା ମନକୁ ଏକାଗ୍ର ଓ ଅନ୍ତର୍ମୁଖୀ କରିବା ପାଇଁ ଜପ ଅତ୍ୟନ୍ତ ସରଳ ସାଧନା। ଜପର ଅଭ୍ୟାସ ପାଇଁ ଯେଉଁ ପାଞ୍ଚୋଟି ନିୟମ ରହିଛି ତାହା ହେଉଛି - ବୈଖରୀ, ଉପାଂଶୁ, ମାନସିକ, ଲିଖିତ, ଅଜପା। ଯୋଗର ବିଭିନ୍ନ ପ୍ରକାର ମଧ୍ୟରେ ଲୟ ଯୋଗର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ଜୀବନରେ ସୃଷ୍ଟି, ସ୍ଥିତି ଓ ଲୟ ତିନୋଟି କ୍ରିୟା ରହିଛି। ଜୀବନର ପ୍ରଥମ ଭାଗ ସୃଷ୍ଟି ବାଲ୍ୟ ଓ କିଶୋର ବିତେ ଶିକ୍ଷା ଲାଭରେ। ପରିବାର ପ୍ରତିପୋଷଣ ପାଇଁ ଯେଉଁ ଶିକ୍ଷା ମିଳିଥାଏ ତାହା ହେଉଛି ମଧ୍ୟଭାଗ ସ୍ଥିତି ଓ ଅନ୍ତିମ ଭାଗ ଲୟ। ଅର୍ଥାତ୍ ସମସ୍ତେ ଏହି ସମୟରେ ଈଶ୍ୱର ଚିନ୍ତା କରନ୍ତି। ତେବେ ପରିଶେଷରେ ସମସ୍ତ ଭୂମିକାକୁ ତ୍ୟାଗ କରି ସ୍ୱରୂପରେ ସ୍ଥିତି ଲାଭ କରି ସେଥିରେ ଲୀନ ହେବା ହିଁ ଲୟ ଯୋଗ ଅଟେ। ହଟଯୋଗ ଶାସ୍ତ୍ର ଅନୁସାରେ 'ହ'ର ଅର୍ଥ ପିଙ୍ଗଳା ନାଡ଼ି ବା ପ୍ରାଣ ବାୟୁ। 'ଠ'ର ଅର୍ଥ କ୍ରୀଡ଼ାନାଡ଼ି ବା ଅପାନ ବାୟୁ। ଶରୀର ଓ ପ୍ରାଣ ଉପରେ ବିଜୟ ଲାଭ କରିବା ହଟଯୋଗ ସାଧନାର ଲକ୍ଷ୍ୟ। ମନ୍ତ୍ରଯୋଗ ପରି ଅତ୍ୟନ୍ତ ଅନ୍ୟଏକ ମହତ୍ତ୍ୱପୂର୍ଣ୍ଣ ଯୋଗ ହେଉଛି ତନ୍ତ୍ରଯୋଗ। ଉଚ୍ଚସ୍ତରର ମନ୍ତ୍ର ସାଧନ ପ୍ରଣାଳୀକୁ ହିଁ ତନ୍ତ୍ର କୁହାଯାଏ। ଯାହାର ମାର୍ଗ ହେଉଛି ବାମ ମାର୍ଗ। ସେଥିପାଇଁ ଏହାକୁ ଭୌତିକ ସିଦ୍ଧିର ମାର୍ଗ କୁହାଯାଏ। ସ୍ୱାମୀ ଶିବାନନ୍ଦଙ୍କ ମତରେ ସ୍ୱାଧ୍ୟାୟ ବା ଶାସ୍ତ୍ର ଅଧ୍ୟୟନ ହେଉଛି କ୍ରିୟା ଯୋଗ। ଯାହାର ଉଦାହରଣ ହେଉଛି ଗୀତା। ଶାସ୍ତ୍ର ଅଧ୍ୟୟନ ହୃଦୟକୁ ବିଶୁଦ୍ଧ କରେ ଏବଂ ମନରେ ଉଚ୍ଚ ପବିତ୍ର ଚିନ୍ତାଧାରା ପୂର୍ଣ୍ଣ କରିଦିଏ। ସମସ୍ତ ଯୋଗର ସାରକଥା ରାଜଯୋଗ ନାମରେ ବା ଅଷ୍ଟାଙ୍ଗ ଯୋଗ ନାମରେ ସମସ୍ତଙ୍କର ଗ୍ରହଣୀୟ ହୋଇଛି।

ସର୍ବୋଚ୍ଚ ଚୈତନ୍ୟ ଲାଭ କରିବା ପାଇଁ ଯୋଗ ଏକ ସୁସମ୍ବନ୍ଧ ଧାର୍ମିକ ଶୃଙ୍ଖଳା ଯାହା ଚରମ ମୁକ୍ତି ପାଇଁ ପଥ ଦେଖାଇଥାଏ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ଅବ୍ୟବସ୍ଥାରେ ନିଆଳି ମେଡିକାଲ, ରୋଗୀ ହନ୍ତସନ୍ତ



ନିଆଳି, (ଡିକେ ନ୍ୟୁଜ): ପୂରଣ ହେଲା ଦୀର୍ଘ ଦିନର ଆଶା। ଉଦଘାଟିତ ହେଲା ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ହେଲେ ବଦଳିଲାନି ରୋଗୀଙ୍କ ସେବା। ମେ' ୨ ତାରିଖରେ ଜଗତିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଓ ନିଆଳି ବିଧାୟକ ଛବି ମଲ୍ଲିକଙ୍କ କରକମଳରେ ଆନୁଷ୍ଠାନିକ ଭାବେ ଉଦଘାଟନ ହେଇଥିଲା। ସ୍ଥିତି ବଦଳିଛି ସତ, କିନ୍ତୁ ବଦଳନି ରୋଗୀଙ୍କ ସେବାରେ ବ୍ୟବହୃତ ହେଉଥିବା ଜିନିଷ। ଅନ୍ୟପଟେ ପୂର୍ବରୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବେଡ୍ ନଥିବା କାରଣରୁ କଟକ, ପୁରୀ, ଖୋର୍ଦ୍ଧା ଓ ଜଗତିଂହପୁର ଜିଲ୍ଲା ଭଳି ପ୍ରାୟ ହଜାର ହଜାର ରୋଗୀ ଅସୁବିଧାର ସମ୍ମୁଖୀନ ହେବା ସହିତ କଟକ ବଡ଼ ଡ଼ାକ୍ତରଖାନା ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ ହେଉଥିଲା। ନୂତନ ଗୃହ ପରେ ଲୋକଙ୍କୁ ଉନ୍ନତମାନର ଚିକିତ୍ସା ନଦିଆଯିବ ଏବେ ଲଜ୍ୟାଜନକ ଘଟଣା ଦେଖିବାକୁ ମିଳିଛି। ବିଭିନ୍ନ ବିଭାଗର ରୋଗୀ ଆସୁଥିଲେ ମଧ୍ୟ ଶଯ୍ୟାଶାଇ ନିମନ୍ତେ ବ୍ୟବହୃତ ହେଉଥିବା ବେଡରେ ପଡୁନି ବେଡ଼ସିଟ୍ ଫଳରେ ରୋଗୀ ଘରୁ ଆଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଇମୁକ୍ତରେ ମେଡ଼ିସିନ୍ ମିଳୁଥିବା ବେଳେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାଧାରଣତଃ ଏସିଡିଟି, କଫ୍ ସିରପ, ବ୍ଲଡ଼ ପ୍ରେସର୍, ମଲଟିଭିଟାମିନ୍ ଓ ମଣ୍ଟିଲୋକାଷ୍ଟ ଭଳି ମେଡ଼ିସିନ୍ ନମିଳିବା ଅଭିଯୋଗ ହେଇଛି। ଏହାର ଫାଇଦା ନେଇ କିଛି ଡାକ୍ତର ଘରେଇ ମେଡ଼ିସିନ୍ କମ୍ପାନୀ ସହିତ ହାତ ମିଳାଇ ଓ ଏମ୍ଆର୍ଆଇଙ୍କ ଭିତିରି ବୁଝାବଣା କରି ନିର୍ଦ୍ଦିଷ୍ଟ କମ୍ପାନୀର ମେଡ଼ିସିନ୍ ରୋଗୀଙ୍କୁ ପ୍ରେସ୍କ୍ରାଇବ୍ କରାଯାଉଥିବା ଅଭିଯୋଗ ହେଇଛି। ଏହି ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ, କଟକ ସିଡିଏମଓ, ନିଆଳି ବିଧାୟକ ଏହା ଉପରେ ଦୃଷ୍ଟି ଦେବା ସହ କିପରି ଗରିବ ଶ୍ରେଣୀର ଲୋକମାନେ ମେଡ଼ିସିନ୍‌ରୁ ବଞ୍ଚିତ ନହୁଅନ୍ତୁ ବୋଲି ଅଞ୍ଚଳବାସୀ କହିଛନ୍ତି।

# ଡାଇରିଆ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ



କଳାହାଣ୍ଡି, (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲାସ୍ତରୀୟ ଡାଇରିଆ ନିରାକରଣ ସମୀକ୍ଷା ବୈଠକ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସଓ୍ୱାନ ହଲ ଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ବୈଠକରେ ଅଭାଷୀ ମାଧ୍ୟମରେ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ସହରାଞ୍ଚଳ ନିର୍ବାହୀ ଅଧିକାରୀ, ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ବିଶେଷ କରି ଜିଲ୍ଲାର ସହରାଞ୍ଚଳ ଭବାନୀପାଟଣା, ଧର୍ମଗଡ଼, ଜୁନାଗଡ, କେସିଙ୍ଗା ତଥା ବ୍ଲକସ୍ତରରେ ଥିବା ସମସ୍ତ ନାଳ ନର୍ଦ୍ଦମା, ଅଳିଆ ଆବର୍ଜନା, ପାଣିଜମି ରହୁଥିବା ସ୍ଥାନ ଇତ୍ୟାଦିକୁ ସଫାସୁତୁରା କରାଇ ଆବଶ୍ୟକ ଫିନାଇଲ, ବ୍ଲିଚିଙ୍ଗ ପକାଇ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବ୍ଲକସ୍ତରରେ ବିଡିଓ, ତହସିଲଦାର, ମେଡ଼ିକାଲ ଅଫିସର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଡିପିଓଙ୍କୁ ନେଇ ଏକ କମିଟି ଗଠନ କରି ସ୍ୱଚ୍ଛତା ଓ ଡାଇରିଆ ନିରାକରଣର ସଚେତନତା ବାର୍ତ୍ତା ଗ୍ରାମ ପଞ୍ଚାୟତରୁ ଗାଁ ପର୍ଯ୍ୟନ୍ତ ଘରକୁ ଘର ବୁଲି ଅଙ୍ଗନବାଡି, ଆଶା କର୍ମୀମାନେ ଲୋକଙ୍କୁ ଡାଇରିଆ ନିରାକରଣ ନିମନ୍ତେ ଆବଶ୍ୟକ ସତର୍କତା ଓ ସଚେତନତାର ବାର୍ତ୍ତା ଦେବା ପାଇଁ ଏବଂ ବିଡିଓ, ତହସିଲଦାର ଏହାର ତଦାରଖ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟ ସଚେତନତା ଡାଇରିଆ ନିରାକରଣ ଦିଗରେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟକରିବା, ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ଦୋକାନ, ବଜାର, ହୋଟେଲରେ ଉପଲବ୍ଧ ଖାଦ୍ୟର ଗୁଣବତ୍ତା ରେଗୁଲାର ଚେକ କରିବା ପାଇଁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ହଷ୍ଟେଲ ପରିବେଶ ସଫାସୁତୁରା ରଖିବା, ଛାତ୍ରଛାତ୍ରୀଙ୍କୁ ଡାଇରିଆ ନିରାକରଣ ନିମନ୍ତେ ସଚେତନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ପ୍ରୋବେଶନାରୀ ଆଇଏଏସ ଅନିମେଷ ପ୍ରଧାନ, ପିଡି, ଡୁଡକ୍ଷ, ମୁନୀନ୍ଦ୍ର ହୋନନାଗା, ଉପଜିଲ୍ଲାପାଳ, ପ୍ରଭାତ କୁମାର ପରିଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ରାକେଶ କୁମାର ସାହୁ, ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଆଭାଷୀ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏହି ସମୀକ୍ଷା ବୈଠକରେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ଚୋରା ମଦ ବେପାରୀଙ୍କ ପାଇଁ ଗାଁ ପରିବେଶ ଅଶାନ୍ତ

ପାରାଦୀପ, (ଡିକେ ନ୍ୟୁଜ): ଦିନକୁ ଦିନ ଗ୍ରାମାଞ୍ଚଳରେ ବୃଦ୍ଧି ପାଉଛି ଚୋରା ମଦ ବେପାରୀଙ୍କ ପାଦୃଭାବ। ଅସୁରକ୍ଷିତ ମନେ କରୁଛନ୍ତି ଝିଅ, ବୋହୂ। କାହା ବଳରେ ବଳୀୟାନ ଏହି ଚୋରା ମଦ ବେପାରୀ। ନିଷ୍କ୍ରିୟ ଅବକାରୀ ବିଭାଗ ସକ୍ରୀୟ ହୋଇ ଉଠୁଛନ୍ତି ଚୋରା ମଦ ବେପାରୀ। ଚୋରା ମଦ ବେପାରୀଙ୍କ ପାଇଁ ଗାଁ ପରିବେଶ ଏବେ ଅଶାନ୍ତ। ହେଲେ ମାନୁ ନାହାଁନ୍ତି ଚୋରା କାରବାରରେ ଲିପ୍ତ ଥିବା ମଦ ମାଫିଆ। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଗଦିଆ ପଞ୍ଚାୟତ ଝିମାଣୀ ଗ୍ରାମର ୧୩ନଂ ୱାର୍ଡ଼ ବେହେରା ସାହିରେ ଚୋରା ମଦ ବେପାରୀଙ୍କ ପାଦୃଭାବ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଅଶାନ୍ତ ହୋଇ ଯାଇଛି ଗାଁ ପରିବେଶ। ପ୍ରତ୍ୟେକ ଦିନ ଗାଁରେ ଲାଗି ରହୁଛି ଅଶାନ୍ତି ପରିବାରରେ ଉପୁଜୁଛି ଦୋନ୍ଦ। ତେବେ ଝିମାଣୀ ଗ୍ରାମର ବେହେରା ସାହିରେ ବହୁ ପରିମାଣରେ ଚୋରା ମଦ ବେପାର କରାଯାଉଥିବା ନେଇ ଚା ଖଟି, ପାନ ଦୋକାନ, ରାସ୍ତା ଘାଟ ଆଦି ଜାଗାରେ ସାଧାରଣରେ ଆଲୋଚନା ହେଉଛି। ମାତ୍ର ଅନେକ ସ୍ଥାନରେ ଅପ ମିଶ୍ରିତ ମଦ ପିଇ ଅନେକ ଲୋକେ ମୃତ୍ୟୁବରଣ କରୁଥିବା ବେଳେ ଏଠି ଚୋରା ମଦ ବେପାରୀମାନେ କାହା ଇଙ୍ଗିତରେ ବିପୁଳ ପରିମାଣର ମଦ ବିକ୍ରି କରୁଛନ୍ତି ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହିତ ଏହି ଗ୍ରାମରେ ସଦା ସର୍ବଦା ଝଗଡ଼ା ଲାଗି ରହୁଥିବାରୁ ଲୋକେ ଶାନ୍ତିରେ ରହି ପାରୁନାହାନ୍ତି। ଏଥିପ୍ରତି ଅବକାରୀ ବିଭାଗ ଦୃଷ୍ଟି ଆକର୍ଷଣ କରିବା ପାଇଁ ସାଧାରଣରେ ଦାବି କରାଯାଇଛି।

# ଜେକେ କାଗଜ କଳରେ ରକ୍ତଦାନ ଶିବିର




ରାୟଗଡା, (ଡିକେ ନ୍ୟୁଜ): ଜେକେ କାଗଜ କଳର ଭୁତ ପୂର୍ବ ଅଧକ୍ଷ ସ୍ୱର୍ଗତ ହରି ଶଙ୍କର ସିଂଘାନିଆଙ୍କ ୯୨ତମ ଜନ୍ମଦିନ ପାଳନ ଅବସରରେ ଓଡିଶା ବ୍ଲଡ୍ ବ୍ୟାଙ୍କ୍, ରାୟଗଡ ସହାୟତାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ବିନୟ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଉପ ସଭାପତି ଉଦଘାଟନ କରିଥିଲେ। ଏହି ଶିବିରରେ କାଗଜ କଳର ୧୯୨ଜଣ କର୍ମଚାରୀ ଓ ପରିବାର ବର୍ଗ ସ୍ୱଚ୍ଛୋକୃତ ଭାବେ ରକ୍ତଦାନ କରିଥିଲେ। ଉଦଘାଟନ ସମାରୋହରେ କାଗଜ କଳ ମହାପ୍ରବନ୍ଧକ-(ମାନବ ସମ୍ବଳ) ସନ୍ଦୀପ ପାଣ୍ଡେ ଓ ବରିଷ୍ଠ ଅଧିକାରୀ ଗଣ ଏବଂ ଜେକେ ଡିସ୍ପେନସାରିର ଡାଃ .କେଭିଆର୍ ରାଓ, ଡାଃ.ପଦ୍ମା ଉପସ୍ଥିତ ଥିଲେ। ରାୟଗଡା ବ୍ଲଡ୍ ବ୍ୟାଙ୍କ୍ ତରଫରୁ ଡାଃ.ଗୌତମ ପଟ୍ଟନାୟକ, ଉମାକାନ୍ତ ମିଶ୍ର, ଡି.କିଶୋର କୁମାର, ଉଷାରାଣୀ ବେହୁରିଆ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରି ଥିଲେ। କାର୍ଯ୍ୟକ୍ରମକୁ ଜେକେ କାଗଜ କଳର ଉପ ମହାପ୍ରବନ୍ଧକ, (ଜନ କଲ୍ୟାଣ) ପରିଚାଳନା କରିଥିଲେ ଓ ତାଙ୍କୁ ୱେଲଫେଆର ଅଫିସର ଭାସ୍କର ନାଇଡୁ, ଶିବଙ୍କର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ପାରାଦୀପ ବନ୍ଦର ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ପାରାଦୀପ, (ଡିକେ ନ୍ୟୁଜ୍): ଶୁକ୍ରବାର ପାରାଦୀପ ବନ୍ଦର ପକ୍ଷରୁ ହରିତ୍ କାର୍ଯ୍ୟକ୍ରମ ଅଧିନରେ ମଧୁବନ ମାଉସୀ ମାଆ ମନ୍ଦିର ପାର୍ଶ୍ୱ ଅଂଚଳରେ ସଫେଇ କାର୍ଯ୍ୟକ୍ରମ ସହିତ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବନ୍ଦର ସହର ପାରାଦୀପକୁ ସ୍ୱଚ୍ଛ ରଖିବା ସବୁଜିମାରେ ପରିପୂର୍ଣ୍ଣ କରିବାକୁ ବନ୍ଦର କର୍ତ୍ତୃପକ୍ଷ ସବୁବେଳେ ଆଗଭର । ଏଣୁ ହରିତ ଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ପାରାଦୀପ ବନ୍ଦର ଅଧିକାରୀ, କର୍ମଚାରୀ, ପାରାଦୀପ ସାକ୍ଷରତା ସମିତି ଓ ଆର୍ଟ ଅପ ଲିଭିଙ୍ଗର ସଦସ୍ୟମାନେ ଏକତ୍ରିତ ହୋଇ କପିଳ ଜୋରୀ ନିକଟସ୍ଥ ଅଂଚଳ, ମାଉସୀ ମାଆ ମନ୍ଦିର ଅଂଚଳରେ ବ୍ୟାପକ ସଫେଇ କାର୍ଯ୍ୟ କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ସ୍ୱର୍ଣ୍ଣ ଜୟନ୍ତୀ ଉଦ୍ୟାନ ପରିସରରେ ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଆର୍ନ୍ତଜାତୀୟ ଯୋଗ ଦିବସ ପାଳନର ଅବ୍ୟବାହିତ ପୂର୍ବରୁ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ସ୍ଥାନୀୟ ବିଦ୍ୟାର୍ଥୀମାନଙ୍କ ନିମନ୍ତେ ଏକ ଯୋଗ ସଚେତନା ଶିବିର ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ହୋଇଥିଲା । ବିଦ୍ୟାର୍ଥୀମାନେ ଏହି ବୟସରେ ପାଠ ପଢ଼ିବା ସହିତ ମାନସିକ ସନ୍ତୁଳନ ବଜାୟ ରଖିବା ପାଇଁ ଯୋଗ ହିଁ ଏକମାତ୍ର ବିକଳ୍ପର ବାର୍ତ୍ତା ଦିଆଯାଇଥିଲା।

# ପୁଅର ଚିକିତ୍ସା ପାଇଁ ପିତାମାତା ଚିନ୍ତିତ



କଲ୍ୟାଣସିଂହପୁର, (ଡିକେ ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ପଞ୍ଚାୟତର ଦେବଗିରି ସାହିର ପ୍ରେପକା ଦିନବନ୍ଧୁଙ୍କୁ ବଡ ପୁଅ ପ୍ରେପକା ଭେଙ୍କେଟେସ (୨୬) କେନସରରେ ଆକ୍ରାନ୍ତ, ତାର ଚିକିତ୍ସା ପାଇଁ ପିତାମାତା ଚିନ୍ତିତ ହୋଇଥିବା ଦେଖିବାକୁ ମିଳିଛି। ଯେଉଁ ବୟସରେ ରୋଜଗାର କରି ପିତାମାତା ଓ ପରିବାରକୁ ଭରଣ ପୋଷଣ କରିବା କଥା ସେ ବୟସରେ ପ୍ରେପକା ଭେଙ୍କେଟେସ (୨୬) କେନସର ରୋଗରେ ଆକ୍ରାନ୍ତ ହୋଇ ଖାଇବା ପାଇଁ ଛୋଟ ପଟ ହେଉଛି। ପ୍ରାୟ ଦୁଇବର୍ଷ ହେବ ଭେଙ୍କେଟେସ ରୋଗରେ ଆକ୍ରାନ୍ତ ହୋଇ ଥିବାରୁ ତାହାକୁ ପ୍ରଥମେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକୁ ଆଣିଥିଲେ। ଏହାପରେ ରାୟଗଡା, କୋରାପୁଟ, ଏମକେସିଜି ବ୍ରହ୍ମପୁର, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯାଇ ଅପରେସନ କରିଥିଲେ। ଏହି ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସାହି ପଡିଶା ଲୋକମାନେ କିଛି ଅର୍ଥ ଆଦାୟ କରି ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ବୁଲାଇ ଚିକିତ୍ସା କରିଥିଲେ। ଏହାପରେ ଘରକୁ ଫେରି ଆସିଥିଲେ। ପୁଣି ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରିଥିଲେ। ଉକ୍ତ ଖବର ଡୁମାଣିରେ ପ୍ରକାଶ ପାଇବା ପରେ ରାୟଗଡା ରେଡ଼କ୍ରସ ପକ୍ଷରୁ ୨୦ହଜାର ଟଙ୍କା ଓ ବିଭିନ୍ନ ସଂସ୍ଥାରୁ କିଛି ଟଙ୍କା ଦେଇଥିଲେ। ଏହା ପରେ ପୁଣି ଅବସ୍ଥା ଖରାପ ହେବାରୁ କଟକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ଔଷଧ ଦେଇ ଫେରାଇ ଦେଇଥିବା ପରିବାର ଲୋକମାନେ କୋହଭରା କଣ୍ଠରେ କହିଛନ୍ତି। କିନ୍ତୁ ଭେଙ୍କେଟେସ ପାଟିରେ କୌଣସି ଖାଦ୍ୟ କିମ୍ବା ତରଳ ଖାଦ୍ୟ ମଧ୍ୟ ଖାଇପାରୁ ନାହିଁ। ଅନ୍ୟ ପଟେ ଝିଅ ପ୍ରେପକା ଝାନସୀଙ୍କ ଆଖି ଦେଖା ଯାଉନାହିଁ। ଅନ୍ଧୁଣି ଝିଅକୁ ପ୍ରମାଣ ପତ୍ର ଆଣିବା ପାଇଁ ରାୟଗଡା ଯିବାକୁ କହିଥିଲେ ବ୍ଲକ ପ୍ରଶାସନ। କିନ୍ତୁ ଅର୍ଥର ଅଭାବ ଯୋଗୁଁ ସେମାନେ ରାୟଗଡା ଯାଇପାରୁନାହାନ୍ତି। ତାଙ୍କୁ ମଧ୍ୟ ସରକାର ତରଫରୁ କୌଣସି ସାହାୟତା ମିଳିପାରିନାହିଁ ବୋଲି ମାଆ ପ୍ରେପକା କଳାବତୀ କହିଛନ୍ତି। ଏହି ପରିବାରକୁ ଘର ଖଣ୍ଡିଏ ବି ମିଳିପାରିନାହିଁ। ପ୍ରେପକା ଦୀନବନ୍ଧୁ ଗ୍ରାମରେ ଛେଳି ଚରାଇ ଦିନମଜୁରିଆ ହିସାବରେ ପାଉଥିବା ୩୦୦ ଟଙ୍କା ଓ ମାଆ ପର ଘରେ ବାସନମାଜି ଯେଉଁ ଟଙ୍କା ଆଣନ୍ତି ପରିବାର ଭରଣ ପୋଷଣରେ ନିଅଣ୍ଟ। ପୁଅ ଓ ଝିଅର ଚିକିତ୍ସା କରିବେ କେମିତି ବୋଲି ଦୁଃଖରେ ଭାଙ୍ଗି ପଡିଛନ୍ତି। ସରକାର ଉକ୍ତ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ସାହିବାସୀ ଦାବି କରିଛନ୍ତି।

# ଗଞ୍ଜେଇ ଓ ଗାଡି ଜବତ, ଡ୍ରାଇଭର ଫେରାର




ରାୟଗଡା, (ଡିକେ ନ୍ୟୁଜ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ସଦରମହକୁମାରେ ଖୁଲମଖୁଲା ଦେଶୀ ବିଦେଶୀ ମଦ କାରବାର ସାଙ୍ଗକୁ ଗୋରୁ ଚାଲାଣ ଓ ଗଞ୍ଜେଇ ଚାଲାଣ। ବେଦାନ୍ତ କମ୍ପାନୀର ଆଲୁମିନିୟମ ପାଉଡର ଓ ଲୁହା ସ୍କ୍ରାଫ ଚୋରା ଚାଲାଣ ନିତିଦିନିଆ ଘଟଣା ଘଟୁଛି। ପୋଲିସ ଜାଣି ଅଜଣା ଅଭିନୟର ସ୍ଥାନୀୟ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହେଲେ ଆମ୍ବାଦଳା ଥାନା ପୋଲିସ୍ ଟିମ୍ ରାତିରେ ପେଟ୍ରୋଲି କରୁଥିବା ବେଳେ ଗତ ୪ ତାରିଖ ଭୋର୍ ସମୟରେ ମୁନିଗୁଡା ଦେଇ ଭବାନୀପାଟଣା, ରାୟପୁରୁ ଅଭିମୁଖେ ଘରୋଇ ସମନ ଲୋଡକରି ଯାଉଥିବା ଡିଏଲ ୧ ଏଲ୍ଏଏମ୍ ୨୯୯୫ ନମ୍ବର ଭ୍ୟାନକୁ ପୋଲିସ୍ ପେଟ୍ରୋଲିଂଟିମ୍ ଦହିଖାଲ ନିକଟରେ ଅଟକାଇ ଚେକିଂ କରିଥିଲେ। ସେଥିରେ ଚତୁରତାର ସହିତ ପ୍ରାୟ ଏକ କ୍ୱିଣ୍ଟାଲ ପାଖାପାଖି ଗଞ୍ଜେଇ ଲୁକାଇତ ଭାବେ ରଖାଯାଇଥିଲା। ପୋଲିସ୍ ଟିମ୍ ଉକ୍ତ ଗାଡ଼ିକୁ ଓ ଗଞ୍ଜେଇ ଜବତ କରି ଥାନାକୁ ନେଇଥିଲେ। ଶୁଣିବାକୁ ମିଳୁଛି ଜଣେ ହୋମଗାର୍ଡଙ୍କ ଭୂମିକା ଥାଇ ଆଇଆଇସି ମାଡାମ କେଶ୍ ନ କରି କି ସ୍ୱାର୍ଥରେ ନିରବ ରହି ଛୁଟିରେ ଚାଲିଗଲେ। ହେଲେ ଛୁଟିର ଧାର୍ଯ୍ୟ ଦିନ ପର୍ଯ୍ୟନ୍ତ ନରହି ଫେରି ଆସିଥିଲେ। କିନ୍ତୁ ଡ୍ରାଇଭରକୁ ଫେରାର ଦର୍ଶାଇଥିଲେ ମଧ୍ୟ ଗଞ୍ଜେଇ ଓ ଜବତ ଗାଡି ଉପରେ କେଶ୍ ନ କରିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ ହେଉଛି। ଏତେ ଘଟଣା ଘଟିଥିଲେ ମଧ୍ୟ ଏସଡିପିଓ ଜାଣିନପାରିବା ତାହା କ୍ଷୋଭର ବିଷୟ ପାଲଟିଛି। ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଗଞ୍ଜେଇ ଓ ଭ୍ୟାନ ଜବତ ହେବାର ୧୨ଦିନ ପର୍ଯ୍ୟନ୍ତ କେଶ କରାଗଲା ନାହିଁ କାହିଁକି ? ଆଇଆଇସି ମାଡାମ କ'ଣ ପାଇଁ ଏତେ ଦିନ ହେବ କେଶ୍ କରୁନଥିଲେ, ଯାହାକୁ ନେଇ ନାନା ପ୍ରକାର ବାଟରେ ଘାଟରେ ଆଲୋଚନା ହେଉଛି। ହେଲେ ଶୁଣିବାକୁ ମିଳୁଛି ଆମ୍ବାଦଳାରେ ଏଭଳି ଘଟଣା ଘଟିଥିଲେ ମଧ୍ୟ ରାୟଗଡ଼ା ଏସପି ମାଡାମଙ୍କୁ ଆମ୍ବାଦଳା ଆଇଆଇସି ମାଡାମ କି ବିଷମ କଟକ ଏସଡିପିଓ ଜଣାଇଲେ ନାହଁ କାହିଁକି ? ଯେତେବେଳେ ଏସପିଙ୍କ ନଜରକୁ ଆସିବାରୁ ଆଇଆଇସିଙ୍କୁ ତାଗିଦ୍ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗତ ୧୬ ତାରିଖ ଦିନ ଥାନା କେଶ ନଂ୧୪୨/୦୨୫ ପ୍ରକାର କରି ତା'ପର ଦିନ କୋର୍ଟକୁ ପଠାଯାଇଥିବା ଶୁଣିବାକୁ ମିଳୁଛି। ଏନେଇ ଗଣମାଧ୍ୟମ ପ୍ରତିନିଧି ଆଇଆଇସି ମାଡାମଙ୍କୁ ପଚାରିବାରୁ କେଶ ହୋଇଛି ସମସ୍ତ ବିବରଣୀ ପଠାଇ ଦେବେ ବୋଲି କହି ଗତ ୧୬ ତାରିଖ ଦିନରୁ ଆଜି ପର୍ଯ୍ୟନ୍ତ ପଠାଇ ପାରିଲେ ନାହିଁ। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏସପି ମାଡାମଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ୨୪ଘଣ୍ଟା ମଧ୍ୟରେ କେଶ ନକରି ଗାଡି ଚାଳକ ଗାଡି ଛାଡି ଚାଲିଯିବା ଏବଂ ୧୨ଦିନ ପରେ କେଶ୍ କରାଯିବା ପଛରେ କି ସ୍ୱାର୍ଥ ରହିଥିଲା ଏବଂ ଏସପି ମାଡାମ ଏହା ଉପରେ କି ପଦକ୍ଷେପ ନେଇ ପୋଲିସ୍ ଉପରେ ବିଶ୍ୱାସ ତୁଟାଉଥିବା ଜନସାଧାରଣଙ୍କୁ ବିଶ୍ୱାସ ଜନ୍ମାଇବେ ତାହା ଦେଖିବାକୁ ବାକି ରହିଲା। ପ୍ରକାଶ ଥାଉକି ଏଥିପୂର୍ବରୁ ଆକାଶ ସାହୁ ଏସଡିପିଓ ଥିବା ବେଳେ ଶହଶହ କ୍ୱିଣ୍ଟାଲ ଗଞ୍ଜେଇ ଜବତ ସହ ବେପାରିଙ୍କୁ ଗିରଫ କରାଯାଉଥିଲା। ତତ୍‌କଳୀନ ଆଇଆଇସି ସୁଙ୍କାନୀ ସାହୁଙ୍କ ସମୟରେ ହି ଗଞ୍ଜେଇ ବେପାରୀ ବର୍ଷ ବର୍ଷ ଧରି ଜେଲ୍ ଭୋଗିଛନ୍ତି। କିନ୍ତୁ ମୁନିଗୁଡା ଆମ୍ବାଦଳା ଥାନାରେ ଏବେ କେତେକ କ୍ଷେତ୍ରରେ ଗଞ୍ଜେଇ ଧରାପଡୁଛି କିନ୍ତୁ ଆସାମୀ ଧରା ନପଡିବା ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ତେଣୁ ଏସପି ମାଡାମ କି ପଦକ୍ଷେପ ଗ୍ରହଣ କରିବେ ସେହି ସମୟକୁ ଅପେକ୍ଷା।

# ଗମ୍ଭାରୀ କାଠ ବୋଝେଇ ଗାଡି ଜବଦ

ଉଦଳା, (ଡିକେ ନ୍ୟୁଜ୍): ବିଳମ୍ବିତ ରାତ୍ରୀ ସମୟରେ ଶ୍ରୀଦାମ ଚନ୍ଦ୍ରପୁର ଅଧୀନ ଚନ୍ଦ୍ରପୁର ଫୁଲବାଡିଆ ଅଞ୍ଚଳରୁ ଗମ୍ଭାରୀ କାଠ ବୋଝେଇ ଏକ ଟାଟା ଏସି ଗାଡିକୁ ମାଡି ବସିଛି ଉଦଳା ବନ ବିଭାଗ। ୩ ଦାବିକୁ ନେଇ କଳା ବେଚ ପିନ୍ଧି ସମସ୍ତ ବନ କର୍ମଚାରୀ ଶାନ୍ତିପୂର୍ଣ୍ଣ ଧର୍ମଘଟରେ ଥିବା ବେଳେ ସାମ୍ନାକୁ ଆସିଛି ଏଭଳି କିଛି ଚିତ୍ର ଲୁଚ ଛପା ଚାଲିଥିଲା ଚୋରା କାଠ ଚାଲାଣ ଆଉ ମାଡ଼ିବସିଛି ଉଦଳା ବନ ବିଭାଗ। ମୟୁରଭଞ୍ଜ ଜିଲ୍ଲା ଶିମିଳିପାଳ ପାଦଦେଶମାନଙ୍କରେ ବେଧଡକ ନାମିଦାମୀ ଚୋରା କାଠ ଚାଲାଣ ବଢ଼ି ଚାଲି ଥିବା ବେଳେ ଆକ୍ସନ ମୋଡରେ ବନବିଭାଗ। ଘୁରି ବୁଲି ଚୋରା ଚାଲାଣକାରୀଙ୍କୁ ଖୋଜି ବୁଲୁଛି ବନବିଭାଗ। ତେବେ ବିଶେଷ ସୁତ୍ରରୁ ଖବର ପାଇ ଉଦଳା ବ୍ଲକ ଅଧୀନ ଚନ୍ଦ୍ରପୁର ଫୁଲବାଡିଆ ଅଞ୍ଚଳରୁ ପଡୋଶୀ ବାଲେଶ୍ୱର ଅଞ୍ଚଳକୁ ନେଇ ଯାଉଥିବାର ଖବର ମିଳୁଥିବା ବେଳେ ଉଦଳା ବନ ଅଧିକାରୀ ରେଞ୍ଜର ଜଗଦୀଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ଚୋରା ଚାଲାଣ କାରିକୁ ଧରିବା ପାଇଁ ଏକ ଟିମ ଗଠନ କରି ବିଳମ୍ବିତ ରାତ୍ର ଫୁଲବାଡିଆ ଅଞ୍ଚଳରୁ ଓଡି୦୧ ଏଫ୍-୧୮୮୫ ନମ୍ବର ବିଶିଷ୍ଟ ବେଆଇନ ଗମ୍ଭାରୀ କାଠ ନେଇ ଯାଉଥିବା ବନବିଭାଗକୁ ଦେଖି ଗାଡିଟି ଦ୍ରୁତଗତି ଖସି ପଳାଇ ଯାଉ ଥିବା ବେଳେ, ଗାଡିଟିକୁ ପିଛା କରି ଖୁଣ୍ଟା ଥାନା ଅଧୀନ ଗଡି ଗାଁ ଅଞ୍ଚଳରେ ଗାଡିଟିକୁ ଅଟକ ରଖି ଥିବା ବେଳେ ଗାଡିଛାଡି ଚାଳକ ଏବଂ ମାଫିଆ ଫେରାର ମାରିଛି। ସୂଚନା ଅନୁସାରେ ବନ ବିଭାଗର ଏହି ଚଢ଼ାଉରେ ଉଦଳା ଫରେଷ୍ଟର ଅଙ୍କୁର ମହାଲିକଙ୍କ ସହଯୋଗରେ ଅନ୍ତନାରୟଣ ଚୌଧୁରୀ, ଅଜୟ ସାହୁ, ପପୁ ମହାକୁଡ଼, ଆଶିଷ ଖିଲାର, ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇ, ଜବଦ ହୋଇଥିବା ଗାଡିଟିକୁ ଉଦଳା ଜଙ୍ଗଲ ବିଭାଗ କାର୍ଯ୍ୟାଳୟକୁ ଆଣି ଅଧିକ ତଦନ୍ତ ଜାରି ରଖିଛି ବନ ବିଭାଗ, ତେବେ ଜବଦ ହୋଇଥିବା କାଠ ଆନୁମାନିକ ଏକ ଲକ୍ଷ ଟଙ୍କା ହେବ। ନେଇ ବିଭାଗ ପକ୍ଷରୁ ସୂଚନା ମିଳୁଛି।

# ସ୍ୱତନ୍ତ୍ର ସମୀକ୍ଷା ପୂର୍ବରୁ ସବୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ପୁରୀ, (ଡିକେ ନ୍ୟୁଜ): ଚଳିତ ବର୍ଷ ରଥଯାତ୍ରା ଜୁନ ୨୭ ତାରିଖରେ ଅନୁଷ୍ଠିତ ହେବ। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଏକ ଚୁଡାନ୍ତ ପ୍ରସ୍ତୁତି ବୈଠକ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରାର ପ୍ରଥମ ଓ ଦ୍ୱିତୀୟ ସମନ୍ୱୟ ବୈଠକ ସରିଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ପୂର୍ବରୁ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ଦୁଇ ସମନ୍ୱୟ ବୈଠକର ନିର୍ଯ୍ୟାସ ଆଧାରରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ସମାପ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଗତ ବର୍ଷ ପରି ସମ୍ମିଳିତ ଉଦ୍ୟମରେ ଚଳିତ ରଥଯାତ୍ରାକୁ ସଫଳ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ଅସୁରକ୍ଷିତ ବିଲ୍ଡିଂର ଚିହ୍ନଟ, ସମୀକ୍ଷା ଓ କାର୍ଯ୍ୟାନୁଷ୍ଠାନ, ସ୍ୱେଚ୍ଛାସେବୀ ନିୟୋଜନ ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟକୁ ଚୁଡାନ୍ତ ରୂପ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସପି ବିନୀତ ଅଗ୍ରୱାଲ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ (ଜିଲ୍ଲାପାଳ) ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ଦିର ନିତୀ ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ପିକେଡିଏ ସମ୍ପାଦକ ଦିଲ୍ଲିପ କୁମାର ମହାରଣା, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ତପନ କୁମାର ଦାସ, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିଭାଗର ସମୀକ୍ଷାରେ ସହଯୋଗ କରିଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ସେମାନଙ୍କ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ୨୦ ଗ୍ରାମ ବ୍ରାଉନ ସୁଗାର ସହିତ ୫ ଗିରଫ



ଖୋର୍ଦ୍ଧା, (ଡିକେ ନ୍ୟୁଜ): ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସଡିପିଓ ଖୋର୍ଦ୍ଧା ନିହାର ରଞ୍ଜନ ପ୍ରଧାନ ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଇନିସପେକ୍ଟର ସଞ୍ଜୟ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ଏସଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ଏହି ଟିମ ଖୋର୍ଦ୍ଧା ସହରର ହାବେଳୀ ପଡିଆ ନିକଟରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଥିଲେ ଏବଂ ସେମାନଙ୍କ ନିକଟରୁ ୨୦ ଗ୍ରାମ ବ୍ରାଉନସୁଗାର, ନଗଦ ୧୩୦୦ ଟଙ୍କା, ପାଞ୍ଚଟି ମୋବାଇଲ ଫୋନ୍ ଏବଂ ୪ଟି ମୋଟରସାଇକେଲ ଜବତ କରିଥିଲେ। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୨ ଲକ୍ଷ ହେବ ବୋଲି ପୋଲିସ ପକ୍ଷରୁ ଆକଳନ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ଗଣେଶ ପ୍ରଧାନ (୩୫) ଗ୍ରାମ-ଶ୍ରୀବିହାର, ଖୋର୍ଦ୍ଧା, ବିକାଶ ବେହେରା (୨୫) ଗ୍ରାମ-ମେଣ୍ଢାଶାଳ, ନବଘନ ଜେନା (୪୧) ଗ୍ରାମ-ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା, ସର୍ବେଶ୍ୱର ପ୍ରଧାନ (୨୯) ଗ୍ରାମ-ଗଡ ଖୋର୍ଦ୍ଧା, ମହରୁଦ୍ଦିନ ଖାନ (୪୫) ଗ୍ରାମ-ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା ବୋଲି ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ଏହି ଅଭିଯାନ ନିଶାକାରବାର ନେଟୱାର୍କକୁ ମୂଳୋତ୍ପାଟନ କରିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ। ଆମର ଉତ୍ସର୍ଗୀକୃତ ଦଳ ଅପରାଧିକ କାର୍ଯ୍ୟକଳାପକୁ ରୋକିବା ଏବଂ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଆଇନର ପୂର୍ଣ୍ଣ ମୁକାବିଲା କରିବା ପାଇଁ ସତର୍କତାର ସହିତ କାର୍ଯ୍ୟ କରିଛି। ଆମେ ଜନସାଧାରଣଙ୍କୁ ସୁରକ୍ଷା ଦେବା ନିମନ୍ତେ ନିରନ୍ତର ଉଦ୍ୟମ ଜାରି ରଖିବୁ ଏବଂ ନାଗରିକମାନଙ୍କୁ ଆମର ତଦନ୍ତରେ ସହାୟତା କରିପାରୁଥିବା ଯେକୌଣସି ସୂଚନା ସହିତ ଆଗକୁ ଆସିବାକୁ ଅନୁରୋଧ କରିବୁ। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ହେପାଜତକୁ ନିଆଯାଯିବା ସହିତ ଖୋର୍ଦ୍ଧା ଆଦର୍ଶ ଥାନା, କେସ୍ ନଂ-୨୫୯/ତା - ୨୦.୦୬.୨୦୨୫, ୟୁ/ଏସ୍-୨୧ (ବି) / ୨୯ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା ପଞ୍ଜୀକୃତ କରାଯାଇ ଖୋର୍ଦ୍ଧା ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦିଆଯାଇଛି।

# ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ



ପୁରୀ, (ଡିକେ ନ୍ୟୁଜ): ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ଶୁକ୍ରବାର ଅପରାହ୍ନରେ ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରି ଚଳିତ ରଥଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ। ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକମାନଙ୍କୁ ସୁବିଧା ଓ ଭଲ ବ୍ୟବହାର ପ୍ରଦର୍ଶନ ପାଇଁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ.ଶରତ ଚନ୍ଦ୍ର ମହାପାତ୍ର ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନମାନଙ୍କରେ କାର୍ଯ୍ୟ କରିବାକୁ କହି ଥିଲେ। ଶ୍ରଦ୍ଧାଳୁମାନଙ୍କୁ ସହଯୋଗ ଓ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସପି ସୁନୀଲ କୁମାର ମିଶ୍ର, ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକ ଓ ଅତିରିକ୍ତ ଏସପି (ଡିଆଇବି) ଦେବୀ ଶଙ୍କର ପ୍ରତାପ ପ୍ରମୁଖ ଯୋଗ ଦେଇ ରଥଯାତ୍ରାକୁ ଆସୁଥିବା ଅତିଥିମାନଙ୍କ ସୁରକ୍ଷା ଓ ଯାତ୍ରୀମାନଙ୍କ ସୁରକ୍ଷା ସହ ଶୃଙ୍ଖଳିତ ଭାବେ ଯାତ୍ରୀମାନଙ୍କ ଦର୍ଶନ, ବିଭିନ୍ନ ସେବାରେ ନିୟୋଜିତ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କୁ ନିର୍ଦ୍ଧାରିତ ସ୍ଥାନରେ ସେବା ଯୋଗାଇଦେବାରେ ସହଯୋଗ କରିବା, ଅଯଥା ଗହଳି ନକରାଇ ଦେବା, ଟ୍ରାଫିକ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଆଶୁ ଚିକିତ୍ସା ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା ସେବା, ପାର୍କିଂ ବ୍ୟବସ୍ଥା ଇତ୍ୟାଦିର ସୁପରିଚାଳନା ପାଇଁ ବିଭିନ୍ନ ପରାମର୍ଶ ମାନ ଦେଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସମସ୍ତଙ୍କୁ ସ୍ୱାଗତ ଓ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ ଓ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ଡୋକରିଚଞ୍ଚରା ସୁରକ୍ଷା ନେଇ ଗର୍ଜିଲେ ସୁରକ୍ଷା ମଞ୍ଚ କର୍ମକର୍ତ୍ତା




ଧର୍ମଗଡ଼, (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଅନ୍ତର୍ଗତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଡୋକରିଚଞ୍ଚରା ପର୍ଯ୍ୟଟନସ୍ଥଳୀର ସୁରକ୍ଷା, ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି, ଇକୋ ଟୁରିଜମ ମାନ୍ୟତା, ପ୍ରାଗ ଐତିହାସିକ ଗୁଡ଼ହାଣ୍ଡି ଶିଳାଲିପିର ସଂରକ୍ଷଣ, ଭିତ୍ତିଭୂମି ବିକାଶ, ପରିଚାଳନା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟ ବୋର୍ଡ ଗଠନ, ସଂରକ୍ଷିତ ଜଙ୍ଗଲ ମଧ୍ୟରେ ମକା ମାଫିଆଙ୍କୁ ଦମନ, ରକ୍ଷଣାବେକ୍ଷଣ ପାଇଁ ଟ୍ରଷ୍ଟକୁ ଦାୟିତ୍ୱ ହସ୍ତାନ୍ତର ଭଳି ଦାବି ସମୂହକୁ ନେଇ ଗୁଡ଼ହାଣ୍ଡି, ଡୋକାରିଚଞ୍ଚରା ସୁରକ୍ଷା ମଞ୍ଚର ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା, ପୁରୁଷ ବଙ୍ଗୋମୁଣ୍ଡା ଛକରୁ ଏକ ବିରାଟ ଶୋଭାଯାତ୍ରାରେ ପର୍ଯ୍ୟଟନସ୍ଥଳୀର ସୁରକ୍ଷା ନେଇ ବିଭିନ୍ନ ନାରାବାଜି କରି କୋକସରା ବସଷ୍ଟାଣ୍ଡ ନିକଟରେ ଏକ ପଥପ୍ରାନ୍ତ ସଭାରେ ସୁରକ୍ଷା ମଞ୍ଚର ସଭାପତି ରାଜେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ମଞ୍ଚରେ ପୂର୍ବତନ ଗୁଡ଼ହାଣ୍ଡି ଡୋକାରିଚଞ୍ଚରା ଉନ୍ନୟନ କମିଟିର ସଭାପତି ଭଦରେଶ୍ୱର ପାତ୍ର, ଶିକ୍ଷାବିଦ ଅଶୋକ କୁମାର ଦାସ, ସଚେତନ ନାଗରିକ ନିମାଇଁ ଚରଣ ଧଙ୍ଗଡାମାଝୀ, ମହିମା ପଞ୍ଚାୟତ ସମିତି ସଭ୍ୟ ଘନଶ୍ୟାମ ନାଏକ, ବିଜେପି ନେତା ଗରୁଡ ଧ୍ୱଜ ମାଝୀ ଓ ଅନ୍ୟ କର୍ମକର୍ତ୍ତାମାନେ ପର୍ଯ୍ୟଟନ ସ୍ଥଳୀର ସୁରକ୍ଷା ଓ ପରିଚାଳନାକୁ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଦାବି ରଖିଛନ୍ତି। ପରେ କୋକସରା ବିଡ଼ିଓ ଡ଼.ହିମାଞ୍ଚଳ ମାଝୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୁରକ୍ଷା ମଞ୍ଚର ଏହି କାର୍ଯ୍ୟକ୍ରମରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ମହିମା ସରପଞ୍ଚ ଇଶ ରାମ କୋଲଥିଆ, କୈଳାସ ଚଳାନ, ଶମ୍ଭୁ ମାଝୀ, ପବିତ୍ର ନାଏକ ଅନିରୁଦ୍ଧ ମାଝୀ, ଚକାଡୋଳା ପାତ୍ର, ଯତୀନ୍ଦ୍ର ମାଝୀ, ଲିଙ୍ଗରାଜ ଲଦୁଆ, ଘନଶ୍ୟାମ ନାଏକ, ଶ୍ୟାମ ସୁନ୍ଦର ନାଏକ, କ୍ଷୀରସିନ୍ଧୁ ହଂସ, ଦୁଷ୍ମନ୍ତ ପାତ୍ର, ହେମନ୍ତ କୁମାର ବାଣୁଆ ସମେତ ଶତାଧିକ ଜନ ସାଧାରଣ କାର୍ଯ୍ୟକ୍ରମରେ ସାମିଲ ରହି ପର୍ଯ୍ୟଟନସ୍ଥଳୀର ସୁରକ୍ଷା ଦାବି କରିଥିଲେ।

# ବିକାଶ ମେଳା ୨୦୨୫ ଉପଲକ୍ଷେ ଗଣ ଦୌଡ଼

ରାୟଗଡ, (ଡିକେ ନ୍ୟୁଜ): ରାୟଗଡ଼ ବିକାଶ ମେଳା-୨୦୨୫ ଉପଲକ୍ଷେ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗତ ୧୨ ଜୁନରୁ ଆରମ୍ଭ ହୋଇଥିବା ବିକାଶ ମେଳା ଆସନ୍ତା ୨୧ଜୁନରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଶୁକ୍ରବାର ସ୍ଥାନୀୟ ସାଇ ଇଣ୍ଟରନ୍ୟାସିନାଲ ଛକରୁ କୁଟୁଲାଗୁଡା ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଗଣ ଦୌଡ଼କୁ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଶେଷ କରି ମହିଳା ମହାବିଦ୍ୟାଳୟ ଓ ରାୟଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ବର୍ଗର ପ୍ରତଯୋଗୀ ଅଂଶଗ୍ରହଣ କରି ଦୀର୍ଘ ୫ କିଲୋମିଟର ଦୂର ଅତି ଉତ୍ସାହର ସହିତ ଦୌଡ଼ିଥିଲେ। ଏଥିରେ ପୁରୁଷ ବର୍ଗରେ ଆର.ଧନୀ ପ୍ରଥମ, ମନୋଜ ନାୟକ ଦ୍ୱିତୀୟ ଏବଂ ରୋହନ କାଡ୍ରାକା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ବର୍ଗରେ ଲଳିତା ଟିଆକା ପ୍ରଥମ, ପିଙ୍କି ହୀମିରିକା ଦ୍ୱିତୀୟ ଓ ଦୀପିକା ବିଡ଼ିକା ତୃତୀୟ ସ୍ଥାନ ହାସଲ କରିଥିଲେ। ବିଜୟୀ ପ୍ରାର୍ଥୀଙ୍କୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଖେମୁଣ୍ଡୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହି ବିକାଶ ଗଣ ଦୌଡ଼କୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ସାଧାରଣ ପରିଚାଳକ ଉତ୍ତର କୁମାର ପଟେଲ ଯୋଗଦେଇଥିଲେ। ଷ୍ଟେଟ ବ୍ୟାଙ୍କ ରାୟଗଡ଼ ତରଫରୁ ପ୍ରସ୍ତାହନ ଦିଆଯାଇଥିବା ବେଳେ ଜିଲ୍ଲା କ୍ରୀଡା ବିଭାଗ ଆୟୋଜନ କରିଥିଲେ। ଆଜିର ଗଣ ଦୌଡ଼ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲାସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ପିଏମ ଫାଇନାନ୍ସ ଜିଲ୍ଲାପରିଷଦ ରଶ୍ମୀକାନ୍ତ ପରିଡ଼ା, ପିଏମ ଗ୍ରାମୀଣ ଗୃହ ବିଭାଗ ପ୍ରଭାତ କୁମାର ଲେଙ୍କା, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର କର୍ମଚାରୀ ଆଦି ଯୋଗଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଯୋଗଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ କ୍ରୀଡା ଅଧିକାରୀ ଜନାବ ଶେଖ ଅଲେନୁର, କ୍ରୀଡା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ।

# ଶ୍ରମିକମାନଙ୍କ ପେଟ ପାଟଣା ସହିତ ଖେଳ ଖେଳୁଛି କମ୍ପାନୀ



ପାରାଦୀପ, (ଡିକେ ନ୍ୟୁଜ୍): ଶ୍ରମିକମାନଙ୍କ ପେଟ ପାଟଣା ସହିତ ଖେଳ ଖେଳୁଛି ପିପିଏଲ କମ୍ପାନୀ। ବିନା କାରଣରେ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ କରାଯାଉଛି ଛଟେଇ। ଯାହାକୁ ନେଇ ବିନା କାରଣରେ ଛଟେଇ ହୋଇଥିବା ଶ୍ରମିକମାନେ ବିଗତ ଦିନରେ ପାରାଦୀପ ଅତିରିକ୍ତ ଜିଲ୍ଲପାଳଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଏଥିନେଇ ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ନେଇ ଶ୍ରମିକମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଦେଇଥିବା ପ୍ରତିଶ୍ରୁତିର ସମୟ ବିତିଗଲା ପରେ ଶୁକ୍ରବାର ଛଟେଇର ଶିକାର ହୋଇଥିବା ଶ୍ରମିକମାନେ ନ୍ୟାୟଭିକ୍ଷାରେ ଏଡିଏମ ଅଫିସ ସମ୍ମୁଖରେ ବସି ରହିଛନ୍ତି। ଶ୍ରମିକମାନଙ୍କ ଅଭିଯୋଗ ଅନୁଯାଇ ବିଗତ ଦିନରେ ବର୍ଷ ବର୍ଷ ଧରି ପିପିଏଲ କମ୍ପାନୀର ଏକ ଠିକାସଂସ୍ଥା ଅଧୀନରେ ମେଣ୍ଟେନାନ୍ସ କର୍ମଚାରୀ ଭାବରେ ଉକ୍ତ ଶ୍ରମିକମାନେ କାର୍ଯ୍ୟ କରି ଆସୁଥିଲେ। ତେବେ ଦୁଇମାସ ତଳେ ହଠାତ କୌଣସି କାରଣ ନ ଥାଇ ଠିକାସଂସ୍ଥା ଉକ୍ତ ଶ୍ରମିକମାନଙ୍କୁ ବିନା କାରଣରେ ଛଟେଇ କରିଦେବା ପରେ ଶ୍ରମିକମାନେ ଏଡିଏମଙ୍କ ଦ୍ୱାରସ୍ଥ ହେବାପରେ ଏଡିଏମ ଦେଇଥିବା ଦୁଇମାସର ଅବଧି ସରିବାପରେ ନିଜ ପେଟ ପାଟଣାକୁ ନେଇ ଶ୍ରମିକମାନେ ନିଜର ନ୍ୟାର୍ଯ୍ୟଦାବି ଏବଂ ନ୍ୟାୟ ପାଇଁ ଅତିରିକ୍ତ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିବା ସହିତ ଅତିରିକ୍ତ ଜିଲ୍ଲପାଳଙ୍କୁ ନିଜର ପ୍ରାପ୍ୟ ପାଇଁ ଦାବି କରିଛନ୍ତି।

# ବିଧାୟକ ଓ ନଗରପାଳ ଲୋକଙ୍କୁ ବାଣ୍ଟିଲେ ବିଭିନ୍ନ ପ୍ରକାର ଚାରା



ମାଲକାନଗିରି, (ଡିକେ ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଜଙ୍ଗଲ ସମ୍ପଦର ସୁରକ୍ଷା, ବନୀ କରଣ, ଉଜୁଡା ଜଙ୍ଗଲରେ ପୁନରୁଦ୍ଧାର, ବନ୍ୟପ୍ରାଣୀ ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଜନସାଧାରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବନ ବିଭାଗକୁ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥି ନିମନ୍ତେ ସରକାରଙ୍କ ପକ୍ଷରୁ ଏକ ନୂତନ ଯୋଜନା ମାଆ ପାଇଁ ଗଛଟିଏ ଭଳି କାର୍ଯ୍ୟକ୍ରମ ପ୍ରଣୟନ କରାଯାଇଛି। ଏହି କ୍ରମେ ଶୁକ୍ରବାର ମାଲକାନଗିରି ଜିଲ୍ଲା ବାଲିମେଳା ବାନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନେତୃତ୍ୱରେ ବାଲିମେଳା ସହରରେ ଥିବା ମନୋରଞ୍ଜନ କ୍ଲବ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ବାଲିମେଳା ନଗରପାଳ ପ୍ରଦୀପ କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର କୃଷ୍ଣ ବାଘ, ବିଧାୟକ ପ୍ରତିନିଧି ଇସାକ ଖୋସଲା, ବାଲିମେଳା ନଗର କଂଗ୍ରେସ ସଭାପତି ସୁରେଶ ଖୋସାଲାଙ୍କ ସମେତ ଅନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବାଲିମେଳା ସହରବାସୀ ଏବଂ ଆଖ ପାଖ ପଞ୍ଚାୟତର ବହୁ ଗ୍ରାମବାସୀଙ୍କୁ ବିଧାୟକ ଶ୍ରୀ ମଙ୍ଗୁ, ନଗରପାଳ ଶ୍ରୀ ନାୟକ ଏବଂ ରେଞ୍ଜର ଶ୍ରୀମତୀ କଅଁର ଲୋକଙ୍କୁ ବିଭିନ୍ନ ପ୍ରକାର ଔଷଧିୟ ବୃକ୍ଷ ସମେତ ଅଁଳା, ପଣସ, ଆମ୍ବ, ପିଜୁଳି ଭଳି ବହୁ ପ୍ରକାର ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଗଛର ଚାରା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିମେଳା ଓ ସୋମନାଥପୁର ବନ ବିଭାଗର ବନପାଳ ଚନ୍ଦ୍ର ମାଝୀ, ବନରକ୍ଷୀ ପ୍ରଶାନ୍ତ କୁମାର ରାଉତ, ସନ୍ତୋଷ କୁମାର, ସୁପ୍ରଭା ଦାସ ଜୋଶ୍ନା ପଣ୍ଡା, ଜିଙ୍ଗିଆ ସ୍ୱାଇଁ ସୁଜାତା ମଣ୍ଡଳଙ୍କ ସମେତ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ବିଭାଗ ପକ୍ଷରୁ ଶନିବାର ମଧ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଗଛର ଚାରା ବଣ୍ଟନ କରାଯିବ ବୋଲି ରେଞ୍ଜର ଶ୍ରୀମତୀ କଅଁର କହିଛନ୍ତି।

# ବିଚାରାଧୀନ ପେନସନ ଉପରେ ସମୀକ୍ଷା



ରାୟଗଡ଼, (ଡିକେ ନ୍ୟୁଜ): ରାୟଗଡ ଜିଲ୍ଲାବାସୀଙ୍କ ରହିଥିବା ବିଭିନ୍ନ ପେନସନ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ରାୟଗଡରେ ଏକ ପେନସନ ଅଦାଲତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ସାଧାରଣ ପ୍ରଶାସନ ଓ ପେନସନ ଅଭିଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ତଥା ସାଧାରଣ ପ୍ରଶାସନର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ପେନସନ ମଞ୍ଜୁରୀ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରାଯାଇଥିଲା। ଜିଲ୍ଲାର ୨୧୦ ବିଚାରାଧୀନ ପେନସନଙ୍କ ଉପରେ ସମୀକ୍ଷା ହୋଇଥିବା ସେ କହିଛନ୍ତି। ତୁରନ୍ତ ନିଷ୍ପତ୍ତି ନେବାକୁ ମଞ୍ଜୁରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି। ଏହି ପେନସନ ଅଦାଲତରେ ଜିଲ୍ଲାର ୫୦ଟି ପେନସନଧାରୀଙ୍କ ସହ ଆଲୋଚନା କରାଯାଇଛି। ଅବସର ଦିନ ଫାଇନାଲ ପେନସନ ପ୍ରଦାନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାରୁ ଏହାକୁ ଅଯଥା ବିଳମ୍ବ ନକରି ମଞ୍ଜୁରୀ କରିବାକୁ ଅଧିକାରୀମାନଙ୍କୁ କହିଥିଲେ। ଯେଉଁମାନଙ୍କ ନାଁରେ ବିଭିନ୍ନ କେସ ରହିଛି ସେମାନଙ୍କ ଅବସର ପୂର୍ବରୁ ସମାଧାନ କରାଯାଇ ଫାଇନାଲ ପେନସନ ଦେବାକୁ ଚେଷ୍ଟା କରାଯିବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସାଧାରଣ ଲୋକଙ୍କଙ୍କ ଆପତ୍ତି ଓ ଅଭିଯୋଗ କାର୍ଯ୍ୟକ୍ରମରେ ଉପସ୍ଥିତ ପେନସନ ଅଭିଯୋଗ ନିର୍ଦ୍ଦେଶକ ନିହାର ରଞ୍ଜନ ଦାଶ, ପ୍ରଧାନ ଲେଖା ପାଳଙ୍କ କାର୍ଯ୍ୟାଳୟର ସଞ୍ଜୟ କୁମାର, ଉପ ଲେଖାପାଳ, ରଶ୍ମୀ ରଞ୍ଜନ ସାହୁ, ଓ ଅସିତ କୁମାର ପାଣି, ଅଧିକାରୀମାନେ ଅଭିଯୋଗ ମିଳିତ ଜନ ଶୁଣାଣିରେ କିଭଳି ସାମଧାନ କରାଯାଉଛି ଏବଂ ଆଇନଗତ ବାଧକ ପାଇଁ ସମାଧାନ ହୋଇ ପାରୁନଥିବା ଆଦି ବିଭିନ୍ନ କେଶର ସମୀକ୍ଷା କରାଯାଇଥିଲା। ଲୋକଙ୍କ ଅଭିଯୋଗ ଜନ ଶୁଣାଣିରେ ସମାଧାନ କରାଯିବା ନେଇ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ରାୟଗଡ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣନଦୀପ କୌର ସାହାଟେ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ଖଣ୍ଡିୟ ବନ ଅଧିକାରୀ ସଚିନ ଆନ୍ନା ସାହେବ ଓହଲେ, ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ସାଧାରଣ ପ୍ରଶାସନ ଓ ପେନସନ ଅଭିଯୋଗ ବିଭାଗର ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

# ରଥଯାତ୍ରା ଆୟୋଜନ ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି, (ହି.ସ):ମାଲକାନଗିରି ସଦର ମହକୁମାଠାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚଳିତ ବର୍ଷର ପବିତ୍ର ରଥଯାତ୍ରା ପାଳନ ନିମନ୍ତେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ତହସିଲଦାର ଟିଙ୍କୁନୁ ପୁତା ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ରଥର ମାନ ଠିକ ଅଛି ନା ନାହିଁ ପ୍ରଥମେ ଅନୁଧ୍ୟାନ କରି ସହକାରୀ ଯନ୍ତ୍ରୀ, ରାସ୍ତା ଓ କୋଠବାଡ଼ିଙ୍କୁ ପ୍ରମାଣ ପତ୍ର ଦେବା ନିମନ୍ତେ କୁହାଯାଇଥିଲା । ଯାନବାହନ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ନିମନ୍ତେ ଟାଉନ ଥାନା ପୁଲିସଙ୍କୁ ଦାୟିତ୍ୱ ଦିଆଗଲା। ଉକ୍ତ ଦିନ ଆଶୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଗଲା । ସେହିପରି ଉକ୍ତ ଦିନ ଅଗ୍ନିଶମ ଯାନ ଓ ଟିମ୍ ସମ୍ପୂର୍ଣ୍ଣ ଅଗ୍ନି ନିର୍ବାପକ ଯନ୍ତ୍ର ସହ ରଥ ପଛରେ ରହିବା ନିମନ୍ତେ କୁହାଗଲା । ସହରର ପ୍ରମୁଖ ଛକ ଜାଗାରେ ପାଣି ଟ୍ୟାଙ୍କ ଓ କର୍ମଚାରୀ ନିୟୋଜିତ କରିବା ନିମନ୍ତେ ସହକାରୀ ଯନ୍ତ୍ରୀ ପିଏଚଡିଙ୍କୁ ଅନୁରୋଧ କରାଗଲା । ସେହିପରି ଉକ୍ତ ଦିନ ରଥ ଟଣା ସମୟରେ ଆମ୍ବୁଲାନ୍ସ ସହ ଜଣେ ଆୟୁଷ ଡାକ୍ତର ରହିବେ ଓ ୨୭.୦୬ ଠାରୁ ବାହୁଡା ଯାତ୍ରା ଅର୍ଥାତ୍ ୫.୭.୨୦୨୫ ପର୍ଯ୍ୟନ୍ତ ସକାଳ ୮ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ମେଡ଼ିକାଲ ଟିମ୍ ଉପସ୍ଥିତ ରହିବେ। ପ୍ରତିବର୍ଷ ଭଳି ଚଳିତ ବର୍ଷେ ଜିଲ୍ଲାପାଳ ଛେରା ପହଁରା କରିବେ । ଜଗନ୍ନାଥଙ୍କ ଧାରା ବିବରଣୀ ନିମନ୍ତେ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ମାଲକାନଗିରିଙ୍କୁ ଦାୟିତ୍ୱ ଦିଆଗଲା । ଏନଏସଏସ ଓ ଏନସିସି ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱେଚ୍ଛାକୃତ ଭାବେ ନିୟୋଜିତ କରିବା ପାଇଁ କୁହାଗଲା । ଆଜିର ଏହି ବୈଠକରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଟାଉନ୍ ଥାନା ଅଧିକାରୀ,ଅଗ୍ନିଶମ ଅଧିକାରୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡି, ସହକାରୀ ଯନ୍ତ୍ରୀ, ପିଏଚଡି, ଟିପିଏସଓଡିଏଲର କର୍ମକର୍ତ୍ତା, ଜଗନ୍ନାଥ ମନ୍ଦିରର ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ତହସିଲଦାର ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ମେଳା ଅବସରରେ ସଡ଼କ ସୁରକ୍ଷା ସଚେତନତା



ବରଗଡ଼, (ଡିକେ ନ୍ୟୁଜ): ଜିଲ୍ଲାସ୍ତରୀୟ ବିକାଶ ମେଳାର ଶେଷ ଦିବସରେ ଲୋକମାନଙ୍କ ମଧ୍ୟରେ ଟ୍ରାଫିକ୍ ନିୟମ ଅନୁପାଳନ କରି ସୁରକ୍ଷିତ ଗାଡି ଚାଳନା କରିବା ତଥା ଦୁର୍ଘଟଣା ପରେ ସମୟୋପଯୋଗୀ ସାହାଯ୍ୟ ଦେବା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଗାନ୍ଧୀ ଛକରୁ ମିନି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ସଡ଼କ ସୁରକ୍ଷା ସଚେତନତା ରାଲି ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା କଳ୍ପନା ମଝିଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା, ଅବକାରୀ ଅଧିକ୍ଷକ ସୁବନ କୁମାର ନାୟକ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ, କର୍ମଚାରୀ, ବିଭିନ୍ନ ସ୍କୁଲ ଓ କଲେଜର ଶିକ୍ଷକ-ଛାତ୍ରଛାତ୍ରୀ, ପୋଲିସ ବାହିନୀ, ସ୍ଥାନୀୟ ସେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ଉପରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯାହାର ବିଜେତାମାନଙ୍କୁ ଇ-ସର୍ଟିଫିକେଟ୍ ଦ୍ୱାରା ସମ୍ମାନିତ କରାଯିବ। ସାମାଜିକ ଦାୟିତ୍ୱ ଓ ମାନବିକତାର ଦୃଷ୍ଟାନ୍ତ ସ୍ୱରୂପ, ସ୍ଥାନୀୟ ବାସିନ୍ଦା ନିତ୍ୟାନନ୍ଦ ବେହେରା ଓ ବିକାଶ ଅଗ୍ରୱାଲ ଆକସ୍ମିକ ଦୁର୍ଘଟଣା ପରେ ସ୍ୱଳ୍ପ ସମୟ ମଧ୍ୟରେ ଆହତଙ୍କୁ ହସ୍ପିଟାଲକୁ ପହଁଚାଇ ସେମାନଙ୍କ ଚିକିତ୍ସା ପାଇଁ ସାହାଯ୍ୟ କରିଥିବାରୁ ୨,୦୦୦ ଟଙ୍କାର ପୁରସ୍କାର ରାଶିକୁ ବ୍ୟାଙ୍କ ଚେକ ଆକାରରେ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ଏବଂ ଅଞ୍ଚଳର ଜଣେ ପ୍ରଖ୍ୟାତ ସାମାଜିକ କର୍ମୀ ସଂଘମିତ୍ରା ପଟେଲଙ୍କୁ ସାମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

# ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି



କୋଟପାଡ଼, (ଡିକେ ନ୍ୟୁଜ୍): କୋଟପାଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟାରାଣୀ ସମରଥଙ୍କ ଅଧକ୍ଷତାରେ ସତରଙ୍ଗା ଗ୍ରାମସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ଦିଗରେ ସ୍ଥାନୀୟ ଦକ୍ଷତାର ସମୀକ୍ଷା ଓ ପୂର୍ବ ପ୍ରସ୍ତୁତି ନିମିତ୍ତ ମକ ଡ୍ରିଲ ଅନୁଷ୍ଠିତ ହୋଇଛି। ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସର୍ବଦା ସଜାଗ ରହିବା ପାଇଁ ଓଡ୍ରାଫ ଟିମ ଦ୍ୱାରା ପାଣିସୁଅରୁ ଜୀବନ ଉଦ୍ଧାର, ସାପ କାମୁଡ଼ା, ନିଆଁ ଦାଉରୁ ରକ୍ଷା, ବନ୍ୟା, ବାତ୍ୟା, ବଜ୍ରପାତ, ଅଂଶୁଘାତ ଆଦିରୁ ବଂଚିବାର କଳା କୌଶଳ ତଥା ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ବିଭିନ୍ନ ଯନ୍ତ୍ରପାତି, ସରଞ୍ଜାମର ବ୍ୟବହାର ପ୍ରଣାଳୀ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀ, ସିଡ଼ିପିଓ, ଜିପିଇଓ, ପିଇଓ, ସିଆରପି, ଏମବିକେ, ଅଙ୍ଗନବାଡି, ଆଶା, ୱାର୍ଡ ମେମ୍ବର ତଥା ଅନ୍ୟାନ୍ୟ ବ୍ଲକ ଏବଂ ପଂଚାୟତସ୍ତରୀୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ସିଏସଏନଆରର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଗ୍ରାମସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟକ ବିଭାଗ ସହ ସମନ୍ୱୟ ରଖିବା, ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଯନ୍ତ୍ରପାତି, ସରଞ୍ଜାମକୁ ସାଇତି ରଖି ଆବଶ୍ୟକ ସମୟରେ କାର୍ଯ୍ୟରେ ଲଗାଇ ବିପର୍ଯ୍ୟୟରେ ହେଉଥିବା ଜୀବନ, ଧନ, ଗୃହପାଳିତ ପଶୁ, ଫସଲ ଇତ୍ୟାଦିର ସୁରକ୍ଷା କରିବା ପାଇଁ ଆଲୋଚନା କରାଗଲା। କାର୍ଯ୍ୟକ୍ରମକୁ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ଏବଂ ସମ୍ପାଦକ ସୁଚାରୁରୂପେ ପରିଚାଳନା କରିଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ (ଓଏସ୍‌ଡିଏମ୍‌ଏ) କଂସଲଟାଣ୍ଟ, ମେଘନାଦ ବେହେରା ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରି ବିଭାଗୀୟ ସମନ୍ୱୟ, ପୂର୍ବ ପ୍ରସ୍ତୁତି, ବିକାଶ ଯୋଜନାରେ ବିପର୍ଯ୍ୟୟ ପରିଚାଳନା ନିମିତ୍ତ ପଦକ୍ଷେପକୁ ସାମିଲ କରିବା ସମ୍ପର୍କରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

# ଜେଏସଡବ୍ଲୁ-ଶିବା ସିମେଣ୍ଟ ପକ୍ଷରୁ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ମ୍ୟାଟ୍ରିକ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

କୁତ୍ରା, (ଡଇକେ ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘଣା ସ୍ଥିତ ଜେଏସଡବ୍ଲୁ-ଶିବା ସିମେଣ୍ଟ କମ୍ପାନୀ ପକ୍ଷରୁ ଗତ ମ୍ୟାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ପାସ କରିଥିବା କୁତ୍ରା ପିଏମ୍ ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ସମସ୍ତ ୧୭ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ କମ୍ପାନୀ କାରଖାନା ପରିସରରେ ୟୁନିଟ ମୁଖ୍ୟ ଅନୀଲ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ କୁତ୍ରା ୮ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ତହସିଲଦାର ପ୍ରମୋଦ କୁମାର ବାସ୍କେ, ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ, ଶିବା ସିମେଣ୍ଟ ଅପରେସନ ବିଭାଗ ମୁଖ୍ୟ ଅନିଲ କୁମାର ସିଂ, ଜମି ବିଭାଗ ଅଧିକାରୀ ସୁନୀଲ କୁମାର ନାଥ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅତିଥିମାନେ କୁତ୍ରା ଉଚ୍ଚ ବିଦ୍ୟାଳୟର ୧୭ ଏ-୧ ଗ୍ରେଡ ରଖି ପାସ କରିଥିବା ଛାତ୍ରଛାତ୍ରୀମାନଙ୍କ ପ୍ରଶଂସା କରିବା ସହ ସେମାନଙ୍କ ଶୃଙ୍ଖଳା ଜ୍ଞାନ ତଥା ପରିଶ୍ରମର ଫଳ ବୋଲି ମତବ୍ୟକ୍ତ କରିଥିଲେ। କାରଖାନା ମୁଖ୍ୟ ଶ୍ରୀ ମିଶ୍ର ମୁଖ୍ୟଅତିଥି ଶ୍ରୀ ବିଶ୍ୱାଳ ତଥା ସମସ୍ତ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, ଟ୍ରଫି ତଥା ଶିକ୍ଷା ପାଇଁ ଆବଶ୍ୟକ କିଟ୍ ବ୍ୟାଗ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଅବିଭାବକମାନଙ୍କୁ ମଧ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିବା ସିମେଣ୍ଟ ଜେଏସ୍‌ଡବ୍ଲୁ ସିଏସ୍‌ଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ ପରିଚାଳନା କରିଥିବା ବେଳେ ଅଧକ୍ଷକ ଅଲେଖ ଦଳାଇ ଓ ଲିମା ରୋଜ ଲାକଡା ସହାୟତା କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ମ୍ୟାଟ୍ରିକ ପରୀକ୍ଷାରେ ସମଗ୍ର ସୁନ୍ଦରଗଡ ଜିଲ୍ଲାରୁ ୩୪ ଜଣ ଛାତ୍ର ଛାତ୍ରୀ ଏ-୧ ଗ୍ରେଡରେ ପାସ କରିଥିବା ବେଳେ ସେଥି ମଧ୍ୟରୁ ୧୭ଜଣ ଛାତ୍ରଛାତ୍ରୀ କେବଳ କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ଅର୍ଜନ କରିଛନ୍ତି। ଏହାସହ ଜିଲ୍ଲାର ଶ୍ରେଷ୍ଠ ୩ଜଣ ଛାତ୍ରଛାତ୍ରୀ ମଧ ଏହି ବିଦ୍ୟାଳୟର। ଏହି ସଫଳତା ପାଇଁ ମଧ ଶିବା ସିମେଣ୍ଟ ପକ୍ଷରୁ ବିଦ୍ୟାଳୟକୁ ଏକ ଟ୍ରଫି ପ୍ରଦାନ କରାଯାଇଛି।

# ରାୟଗଡା ଗସ୍ତରେ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନର



ରାୟଗଡ, (ଡିକେ ନ୍ୟୁଜ୍): ରାୟଗଡ଼ ଗସ୍ତରେ ଶୁକ୍ରବାର ରାଜ୍ୟ ଖାଦ୍ୟ ଆୟୋଗ କମିଶନର ଦୟାନିଧି ଦାଶ ଓ କମିଟି ସଦସ୍ୟ ଅକ୍ଷୟ କୁମାର ବେହେରା। ଖାଦ୍ୟ ଆୟୋଗ ସୁରକ୍ଷା କମିଶନର ଶ୍ରୀ ଦାଶ ରାୟଗଡ ଗସ୍ତରେ ଆସି ଖାଦ୍ୟ ସୁରକ୍ଷା ସମ୍ବନ୍ଧିତ ବିଭାଗ ଗୁଡିକ ପରିଦର୍ଶନ କରିବା ସହ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଆଇନ ଠିକ ଭାବରେ ପରିଚାଳିତ ହେଉଛି କି ନାହିଁ ତାହାର ସମୀକ୍ଷା କରିଥିଲେ। ଏହା ସହ ବରାୟଗଡ ବ୍ଲକର ଚିନ୍ତାଲା ଗୁଡା, ଗୋପାଳପୁର, ଶିଙ୍ଗିପୁଟ, ଶ୍ରୀରାମପୁର, ପିତାମହଲ, ଅଙ୍ଗନୱାଡି କେନ୍ଦ୍ର ଗୁଡିକ ପରିଦର୍ଶନ କରିବା ସହ ତଦାରଖ କରିଥିଲେ। ଏହାସହ ଅନୁସୂଚିତଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟ ପିତାମହଲ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପିତାମହଲ, ୟୁଜିଏମଇ ବିଦ୍ୟାଳୟ ଆରକେ ନଗର, ଏନଆରସି ରାୟଗଡ଼, ବ୍ଲକ କାର୍ଯ୍ୟାଳୟ ରାୟଗଡ଼ ପରିଦର୍ଶନ କରିଥିଲେ। ଏହା ସହ ପିତମହଲ ଠାରେ ଗୋଟିଏ ଗଛ ମାଆ'ଙ୍କ ନାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ପରିଦର୍ଶନ କରି ଆସିବା ପରେ ରାୟଗଡ଼ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶ୍ରୀ ଦାଶ ଖାଦ୍ୟ ଆୟୋଗ ସୁରକ୍ଷାକୁ ସଠିକ ଭାବରେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ତାଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ, ସିଏସଓ ଦାଶରଥି ସୋରେନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଏସିଏସଓ ସୁହାଂସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଅବଶିଷ୍ଟାଂଶ...

## ଓଡ଼ିଶା କେବଳ ଗୋଟିଏ...

ପ୍ରଧାନମନ୍ତ୍ରୀ କହିଥିଲେ ଯେ ସ୍ୱାଧୀନତା ପରେ ଅନେକ ଦଶନ୍ଧି ଧରି ଦେଶର ଲୋକମାନେ ପୂର୍ବ ଶାସନ ମଡେଲ ଦେଖିଥିଲେ, ଯେଉଁଥିରେ ସୁଶାସନର ଅଭାବ ଥିଲା ଏବଂ ଏହା ଲୋକଙ୍କ ଜୀବନକୁ ସହଜ କରି ପାରିନଥିଲା। ବିକାଶ ପ୍ରକଳ୍ପଗୁଡ଼ିକୁ ବିଳମ୍ବ କରିବା, ବାଧା ସୃଷ୍ଟି କରିବା ଓ ଦିଗହରା କରିବା ଏବଂ ବ୍ୟାପକ ଦୁର୍ନୀତି ପାଇଁ ପୂର୍ବ ଶାସନ ମଡେଲକୁ ଶ୍ରୀ ମୋଦି ସମାଲୋଚନା କରିଥିଲେ। ସେ କହିଥିଲେ, ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆମ ବିକାଶ ମଡେଲକୁ ଦେଶ ବ୍ୟାପକ ଭାବରେ ଅନୁଭବ କରିଛି। ଗତ ଦଶନ୍ଧିରେ, ଅନେକ ରାଜ୍ୟ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନର ସାକ୍ଷୀ ହୋଇଛନ୍ତି। ଏହି ରାଜ୍ୟଗୁଡ଼ିକ କେବଳ ସରକାରରେ ପରିବର୍ତ୍ତନ ଦେଖି ନାହାଁନ୍ତି, ବରଂ ସାମାଜିକ ଏବଂ ଅର୍ଥନୈତିକ ପରିବର୍ତ୍ତନର ଏକ ନୂତନ ଯୁଗରେ ପ୍ରବେଶ କରିଛନ୍ତି ବୋଲି ଶ୍ରୀ ମୋଦି କହିଥିଲେ। ପୂର୍ବ ଭାରତର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଏକ ଦଶନ୍ଧି ପୂର୍ବରୁ, ଆସାମ ଅସ୍ଥିରତା, ବିଚ୍ଛିନ୍ନତାବାଦ ଏବଂ ହିଂସାରେ ଜର୍ଜରିତ ଥିଲା। ଆଜି, ଆସାମ ଏକ ନୂତନ ବିକାଶ ପଥରେ ଅଗ୍ରଗତି କରୁଛି। ଶ୍ରୀ ମୋଦି ଆହୁରି କହିଥିଲେ, ଅନେକ ଦଶନ୍ଧି ଧରି ଚାଲିଥିବା ବିଦ୍ରୋହୀ କାର୍ଯ୍ୟକଳାପ ଏବେ ବନ୍ଦ ହୋଇଯାଇଛି। ଆସାମ ଏବେ ଅନେକ ମାପଦଣ୍ଡରେ ଦେଶର ଅନେକ ରାଜ୍ୟକୁ ପଛରେ ପକାଇ ଦେଇଛି। ତ୍ରିପୁରା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଦଶନ୍ଧି ଦଶନ୍ଧି ଧରି ବାମପନ୍ଥୀ ଶାସନ ପରେ, ଲୋକମାନେ ତାଙ୍କ ଦଳକୁ ସୁଯୋଗ ଦେଇଥିଲେ। ପୂର୍ବରୁ ତ୍ରିପୁରା ପ୍ରତ୍ୟେକ ବିକାଶ ସୂଚକାଙ୍କରେ ପଛରେ ପଡ଼ିଥିଲା। ଭିତ୍ତିଭୂମି ଭୁଶୁଡ଼ି ପଡ଼ିଥିଲା ଏବଂ ସରକାରୀ ବ୍ୟବସ୍ଥା ଜନସାଧାରଣଙ୍କ ସମସ୍ୟା ସମାଧାନ ପ୍ରତି ପ୍ରତିକ୍ରିୟାଶୀଳ ନଥିଲା। ହିଂସା ଏବଂ ଦୁର୍ନୀତି ଦ୍ୱାରା ଲୋକମାନେ ଅସୁବିଧାରେ ପଡ଼ିଥିଲେ। ହେଲେ ଆଜି ତ୍ରିପୁରା ଶାନ୍ତି ଏବଂ ପ୍ରଗତିରେ ଏକ ପ୍ରତୀକ ଭାବରେ ଉଭା ହେଉଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଅନେକ ଦଶନ୍ଧି ଧରି ଓଡ଼ିଶା ମଧ ଅନେକ ଆହ୍ୱାନକୁ ନେଇ ସଂଘର୍ଷ କରିଆସୁଥିଲା। ଗରିବ କିମ୍ବା ଚାଷୀମାନେ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ପାଇନଥିଲେ। ଦୁର୍ନୀତି ଏବଂ ଲାଲଫିତା ରାଜ୍ ପ୍ରାଧାନ୍ୟ ବିସ୍ତାର କରିଥିଲା। ରାଜ୍ୟସାରା ଭିତ୍ତିଭୂମି ଏକ ଭୟଙ୍କର ସ୍ଥିତିରେ ଥିଲା। ବିକାଶ ପ୍ରକ୍ରିୟାରେ ଓଡ଼ିଶାର ଅନେକ ଅଞ୍ଚଳ କ୍ରମଶଃ ପଛରେ ପଡ଼ିଯାଉଥିଲା। ଏପରି ଆହ୍ୱାନପୂର୍ଣ୍ଣ ସ୍ଥିତି ଓଡ଼ିଶାର ଦୁର୍ଭାଗ୍ୟଜନକ ବାସ୍ତବତା ପାଲଟିଥିଲା। ଗତ ଏକ ବର୍ଷ ଧରି ସେମାନଙ୍କ ସରକାର ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପୂର୍ଣ୍ଣ ସଂକଳ୍ପ ସହିତ କାର୍ଯ୍ୟ କରିଛି ବୋଲି ସେ ଦୃଢ଼ତାର ସହିତ କହିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିକାଶ ମଡେଲର ମିଶ୍ରଣ, ଦୃଶ୍ୟମାନ ଫଳାଫଳ ଦେଖାଇବା ଆରମ୍ଭ କରିଛି। ଆଜି ଉଦଘାଟିତ ଏବଂ ଆରମ୍ଭ ହୋଇଥିବା ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟର ମିଶ୍ର ପ୍ରଭାବକୁ ପ୍ରତିଫଳିତ କରେ। ସେ କହିଥିଲେ ଯେ ଏହି ମଡେଲ ଓଡ଼ିଶାବାସୀଙ୍କ ପାଇଁ ଦୁଇଗୁଣ ଲାଭ ଆଣିଛି। ଏକ ଉଦାହରଣ ଦେଇ ଶ୍ରୀ ମୋଦି ମନେ ପକାଇ ଦେଇଥିଲେ ଯେ ଦୀର୍ଘ ସମୟ ଧରି ଓଡ଼ିଶାର ଲକ୍ଷ ଲକ୍ଷ ଗରିବ ପରିବାର ଆୟୁଷ୍ମାନ ଭାରତ ଯୋଜନାର ପରିସର ବାହାରେ ରହିଥିଲେ। ଆଜି, ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଉଭୟ ଏକତ୍ର ରାଜ୍ୟରେ ଲାଗୁ ହୋଇଛି। ଏହା ଦ୍ୱାରା ଓଡ଼ିଶାର ପ୍ରାୟ ୩ କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁନିଶ୍ଚିତ ହୋଇଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ଏହି ସୁବିଧା କେବଳ ଓଡ଼ିଶାର ଡାକ୍ତରଖାନାରେ ନୁହେଁ ବରଂ ଦେଶର ଅନ୍ୟ ରାଜ୍ୟରେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ମଧ ଉପଲବ୍ଧ। ଏହି ଯୋଜନାରେ ଏପର୍ଯ୍ୟନ୍ତ ଓଡ଼ିଶାର ୨ ଲକ୍ଷ ଲୋକ ମାଗଣା ଚିକିତ୍ସା ପାଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଲୋକ ୧୨ରୁ ଅଧିକ ରାଜ୍ୟରେ ମାଗଣା ଚିକିତ୍ସା ପାଇଛନ୍ତି। ଏପରି ଚିକିତ୍ସା ସୁବିଧା ମାତ୍ର ଗୋଟିଏ ବର୍ଷ ପୂର୍ବରୁ ଅକଳ୍ପନୀୟ ଥିଲା। ଶ୍ରୀ ମୋଦି କହିଥିଲେ ଯେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଡେଲର ଏହି ମିଶ୍ରଣ ପ୍ରଧାନମନ୍ତ୍ରୀ ବୟ ବନ୍ଦନା ଯୋଜନା ଭଳି ପଦକ୍ଷେପ ମାଧ୍ୟମରେ ଆହୁରି ମୂଲ୍ୟ ଆଣିଛି। ଓଡ଼ିଶାରେ ୭୦ ବର୍ଷରୁ ଅଧିକ ବୟସର ୨୩ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ବର୍ତ୍ତମାନ ଏହି ଯୋଜନା ଅଧୀନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇଁ ଯୋଗ୍ୟ ହୋଇଛନ୍ତି। ଏହା ସାଧାରଣ ପରିବାର ଉପରେ ସ୍ୱାସ୍ଥ୍ୟସେବା ବୋଝକୁ ବହୁ ପରିମାଣରେ ହ୍ରାସ କରିଛି। ସେହିପରି, ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଓଡ଼ିଶାର ଚାଷୀମାନେ ପ୍ରଧାନମନ୍ତ୍ରୀ-କିଷାନ ଯୋଜନାର ସମ୍ପୂର୍ଣ୍ଣ ଲାଭ ପାଇ ନଥିଲେ। ବର୍ତ୍ତମାନ, ଚାଷୀମାନେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉଭୟ ଯୋଜନାରୁ ଦ୍ୱିଗୁଣିତ ଲାଭ ପାଉଛନ୍ତି। ସରକାର ଧାନ ପାଇଁ ଅଧିକ କ୍ରୟ ମୂଲ୍ୟ ପ୍ରତିଶ୍ରୁତି ଦେଇଥିଲେ, ଯାହା ଓଡ଼ିଶାର ଲକ୍ଷ ଲକ୍ଷ ଧାନ ଚାଷୀଙ୍କୁ ଲାଭ ଦେଇଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ, ପୂର୍ବରୁ କେନ୍ଦ୍ର ସରକାରଙ୍କ ଅନେକ ଯୋଜନା ଥିଲା ଯାହାର ଓଡ଼ିଶା ସମ୍ପୂର୍ଣ୍ଣ ଲାଭ ପାଇପାରିନଥିଲା। ଆଜି ଲୋକମାନେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉଭୟ ଯୋଜନାର ଲାଭ ପାଉଛନ୍ତି। ସେ ଆହୁରି କହିଛନ୍ତି ଯେ ମହିଳା, ଚାଷୀ ଏବଂ ଯୁବକମାନଙ୍କୁ ନିର୍ବାଚନ ସମୟରେ ଦିଆଯାଇଥିବା ସମସ୍ତ ଗ୍ୟାରେଣ୍ଟି ଦ୍ରୁତ ଗତିରେ କାର୍ଯ୍ୟକାରୀ ହୋଇଛି। ଶ୍ରୀ ମୋଦି ଉଲ୍ଲେଖ କରିଥିଲେ ଯେ, ସରକାରଙ୍କ ଏକ ପ୍ରମୁଖ ସଫଳତା ହେଉଛି ଅବହେଳିତ ବର୍ଗର ସଶକ୍ତିକରଣ। ଓଡ଼ିଶାରେ ବହୁସଂଖ୍ୟାରେ ଆଦିବାସୀ ଲୋକ ବସବାସ କରନ୍ତି। ଅତୀତରେ, ଆଦିବାସୀ ସମ୍ପ୍ରଦାୟ ପଛୁଆ, ଦରିଦ୍ର ଏବଂ ବଞ୍ଚିତ ହୋଇ ନିୟମିତ ଅବହେଳାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ସମୟ ଧରି ଦେଶକୁ ଶାସନ କରୁଥିବା ଦଳ ରାଜନୈତିକ ଲାଭ ପାଇଁ ଆଦିବାସୀ ଜନସଂଖ୍ୟାକୁ ଶୋଷଣ କରିଥିଲା। କାରଣ ଏହି ଦଳ ବିକାଶ ପ୍ରଦାନ କରିନଥିଲା କିମ୍ବା ଆଦିବାସୀ ସମ୍ପ୍ରଦାୟର ଅଂଶଗ୍ରହଣକୁ ସୁନିଶ୍ଚିତ କରିନଥିଲା। ସେମାନେ ଦେଶର ବିସ୍ତୃତ ଅଞ୍ଚଳକୁ ନକ୍ସଲବାଦ, ହିଂସା ଏବଂ ଅତ୍ୟାଚାରର ନିଆଁରେ ଠେଲି ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ମୋଦି କହିଥିଲେ ଯେ ୨୦୧୪ ପୂର୍ବରୁ, ଦେଶର ୧୨୫ରୁ ଅଧିକ ଆଦିବାସୀ ବହୁଳ ଜିଲ୍ଲା ନକ୍ସଲ ହିଂସା ଦ୍ୱାରା ପ୍ରଭାବିତ ହୋଇଥିଲା। ଏହି ଆଦିବାସୀ ଅଞ୍ଚଳଗୁଡ଼ିକୁ ଅନୁଚିତ ଭାବରେ 'ଲାଲ କରିଡର' ନାମରେ କଳଙ୍କିତ କରାଯାଇଥିଲା। ଏହି ଜିଲ୍ଲାଗୁଡ଼ିକ ମଧ୍ୟରୁ ଅଧିକାଂଶକୁ ପଛୁଆ ଘୋଷଣା କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ପୂର୍ବ ଶାସନ ଦ୍ୱାରା ପରିତ୍ୟକ୍ତ କରାଯାଇଥିଲା। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ତାଙ୍କ ସରକାର ଆଦିବାସୀ ସମାଜକୁ ହିଂସାର ପରିବେଶରୁ ବାହାର କରି ବିକାଶର ଏକ ନୂତନ ମାର୍ଗକୁ ଆଣିବା ପାଇଁ କାର୍ଯ୍ୟ କରିଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ତାଙ୍କ ସରକାର ହିଂସା ପ୍ରସାରଣକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳରେ ବିକାଶର ଏକ ନୂତନ ଧାରା ଆରମ୍ଭ ହୋଇଛି, ଫଳସ୍ୱରୂପ, ନକ୍ସଲ ହିଂସାର ପ୍ରଭାବ ଏବେ ଦେଶର ୨୦ରୁ କମ୍ ଜିଲ୍ଲାକୁ ହ୍ରାସ ପାଇଛି। ବର୍ତ୍ତମାନ ଜାରି ରହିଥିବା କାର୍ଯ୍ୟାନୁଷ୍ଠାନର ଗତି ସହିତ, ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ଶୀଘ୍ର ହିଂସାର ଛାୟାରୁ ମୁକ୍ତ ହେବେ, ଦେଶରୁ ନକ୍ସଲବାଦର ମୂଳୋତ୍ପାଟନ କରାଯିବ ବୋଲି ଶ୍ରୀ ମୋଦି ବିଶ୍ୱାସ ପ୍ରକାଶ କରିଥିଲେ। ଆଦିବାସୀ ସମ୍ପ୍ରଦାୟର ସ୍ୱପ୍ନ ପୂରଣ କରିବା, ସେମାନଙ୍କୁ ନୂତନ ସୁଯୋଗ ପ୍ରଦାନ କରିବା ଏବଂ ସେମାନଙ୍କ ଜୀବନର ଅସୁବିଧା ହ୍ରାସ କରିବା ସରକାରଙ୍କ ପାଇଁ ସର୍ବୋଚ୍ଚ ପ୍ରାଥମିକତା ବୋଲି ଶ୍ରୀ ମୋଦି କହିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ପ୍ରଥମ ଥର ପାଇଁ ଆଦିବାସୀ ବିକାଶ ପାଇଁ ବିଶେଷ ଭାବରେ ଦୁଇଟି ପ୍ରମୁଖ ଜାତୀୟ ଯୋଜନା ଆରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏହି ଦୁଇଟି ପଦକ୍ଷେପ ପାଇଁ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଉଛି। ପ୍ରଥମ ଯୋଜନାକୁ ଧରତି ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ବୋଲି ସେ ସୂଚନା ଦେଇଥିଲେ। ଏହି ଯୋଜନା ଅଧୀନରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସାରା ଦେଶରେ ୬୦ ହଜାରରୁ ଅଧିକ ଆଦିବାସୀ ଗ୍ରାମରେ ବିକାଶ କାର୍ଯ୍ୟ କରାଯାଉଛି। ସେ ଉଲ୍ଲେଖ କରିଥିଲେ ଯେ, ଓଡ଼ିଶାରେ ମଧ ଆଦିବାସୀ ପରିବାର ପାଇଁ ଘର ନିର୍ମାଣ କରାଯାଉଛି, ରାସ୍ତା ନିର୍ମାଣ କରାଯାଉଛି, ଏବଂ ବିଦ୍ୟୁତ ଏବଂ ପାଣି ସୁବିଧା ପ୍ରତିଷ୍ଠା କରାଯାଉଛି। ଶ୍ରୀ ମୋଦି ସୂଚନା ଦେଇଥିଲେ ଯେ ଓଡ଼ିଶାର ୧୧ଟି ଜିଲ୍ଲାରେ ୪୦ଟି ଆବାସିକ ବିଦ୍ୟାଳୟ ମଧ ନିର୍ମାଣ କରାଯାଉଛି। ସେ ଉଲ୍ଲେଖ କରିଥିଲେ ଯେ କେନ୍ଦ୍ର ସରକାର ଏହି ପଦକ୍ଷେପଗୁଡ଼ିକରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷକର ସଫଳତା...

ସମସ୍ତ ଜିଲ୍ଲାକୁ ଗସ୍ତ କରିଛି, ସମସ୍ତ ବର୍ଗର ଲୋକଙ୍କ ସହିତ ମିଶିଛି, ସମସ୍ତଙ୍କ ସୁଖଦୁଃଖ ସହିତ ସାମିଲ ହୋଇଛି, ସବୁ ଜିଲ୍ଲାର ସାଂସ୍କୃତିକ ସ୍ୱତନ୍ତ୍ରତା ସହିତ ପରିଚିତ ହୋଇଛି। ଗତ ୧୦ ତାରିଖରେ ମୁଁ ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧିର ହିସାବ ରାଜ୍ୟବାସୀଙ୍କୁ ଦେଇଛି। ସଂକ୍ଷେପରେ କହିଲେ, ରାଜ୍ୟର ଚାଷୀ ଭାଇ, ଭଉଣୀ ମାନଙ୍କୁ ଧାନ କିଣାରେ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଅଧିକ ଇନପୁଟ୍ ଆସିଷ୍ଟାନ୍‌ସ ପ୍ରଦାନ ଓ ପିଏମ୍ କିଷାନ-ସିଏମ୍ କିଷାନ ଯୋଜନା ମାଧ୍ୟରେ ବାର୍ଷିକ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା, ସୁଭଦ୍ରା ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ସାମିଲ କରିବା, ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଏବଂ ଲକ୍ଷପତି ଦିଦି ସୃଷ୍ଟିରେ ଓଡିଶା ଦେଶରେ ପ୍ରଥମ ହେବା, ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ କରିବା ଏବଂ ନୂତନ ଶିକ୍ଷାନୀତି-୨୦୨୦ ପରି ଐତିହାସିକ ଯୋଜନା ଗୁଡିକ ଲାଗୁ କରିଛୁ। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ରାଜ୍ୟର ପଞ୍ଚାୟତ ଗୁଡିକରେ ଚଳିତ ଆର୍ଥିକ ବର୍ଷଠାରୁ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥାନ ନିରୂପଣ ସହିତ ଉଚଜ ପ୍ରସ୍ତୁତ କରାଯାଉଛି। ଐତିହ୍ୟ ବିଦ୍ୟାଳୟ ଯୋଜନା ଓ ପିଏମ୍ ଶ୍ରୀ ଯୋଜନା ଶୁଭାରମ୍ଭ କରାଯାଇ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଛି। ଏହା ସହିତ ରାଜ୍ୟର ଆଦିବାସୀ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ଡ୍ରପଆଉଟ୍ ହାର କମ୍ କରିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ମା ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଆଦି କାର୍ଯ୍ୟକାରୀ କରାଯାଇଛି। ଏକ୍ ପେଡ୍ ମା' କେ ନାମ୍ ଅଭିଯାନରେ ୬ କୋଟି ୬୯ ଲକ୍ଷ ବୃକ୍ଷ ରୋପଣ କରାଯାଇ, ଶତପ୍ରତିଶତ ଲକ୍ଷ୍ୟ ହାସଲ କରାଯାଇ ପାରିଛି। ଆମ ସରକାର ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ଜନ କଲ୍ୟାଣ ପାଇଁ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରତି ବ୍ଲକରେ ଅତ୍ୟାଧୁନିକ ଷ୍ଟାଡିଅମ ନିର୍ମାଣ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଓ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆମ ସରକାର ଆଜି ସୁଦ୍ଧା ୧୦ଟି ନିଯୁକ୍ତି ମେଳା ଆୟୋଜନ କରି ୨୮,୩୪୬ ଜଣ ଯୁବକ ଯୁବତୀଙ୍କୁ ସରକାରୀ ନିଯୁକ୍ତି ପ୍ରଦାନ କରିଛନ୍ତି। ଉତ୍କର୍ଷ ଓଡ଼ିଶା- ମେକ ଇନ ଓଡ଼ିଶା' କାର୍ଯ୍ୟକ୍ରମରେ କେବଳ ଦୁଇ ଦିନ ମଧ୍ୟରେ ରେକର୍ଡ ସୃଷ୍ଟି କରି ପ୍ରାୟ ୧୭ ଲକ୍ଷ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ମିଳିଥିଲା। ବିଗତ ୧୪୦ ଦିନ ମଧ୍ୟରେ, ପ୍ରାୟ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ୫୬ଟି ଉଦ୍ୟୋଗ ଆରମ୍ଭ ମଧ କରିଛୁ।ଆମର ଲକ୍ଷ୍ୟ ରହିଛି – ଓଡ଼ିଶାକୁ ପୂର୍ବ ଭାରତର ଏକ ପ୍ରମୁଖ ଔଦ୍ୟୋଗିକ କେନ୍ଦ୍ରରେ ପରିଣତ କରିବା। ମୋର ପୂର୍ଣ୍ଣ ବିଶ୍ୱାସ ଅଛି ଯେ, ଆପଣଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ନିଶ୍ଚିତ ଭାବେ 'ପୂର୍ବୋଦୟ' ଘଟିବ। ମୁଖ୍ୟମନ୍ତ୍ରୀ ଆହୁ କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ଓଡିଶାରେ ୨ ହଜାର ୭୦୦ କୋଟି ଟଙ୍କାର ନୂଆ ରେଳ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି। ଆଜି ଓଡିଶାର ବୌଦ୍ଧ ଜିଲ୍ଲା ରେଳସେବା ସହିତ ଯୋଡି ହେଲା। ପ୍ରଧାନମନ୍ତ୍ରୀଜୀ ଆଜି ଦୁଇଟି ଟ୍ରେନ ସେବାର ମଧ ଶୁଭାରମ୍ଭ କରୁଛନ୍ତି। ରାଜ୍ୟରେ ରେଳ ଭିତ୍ତିଭୂମି, ସଡକ ନିର୍ମାଣ ଓ ବିମାନସେବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଅକୁଣ୍ଠ ସହଯୋଗ ପାଇଁ ମୁଁ ଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି। ଓଡିଶାର ଭବିଷ୍ୟତକୁ ସୁଦୃଢ କରିବା ପାଇଁ ଆମେ ଆଜି ଠାରୁ ଯୋଜନା ଆରମ୍ଭ କରି ପ୍ରସ୍ତୁତ କରିଛୁ, ଭିଜନ ଡକୁମେଂଟ- ୨୦୩୬ ଓ ୨୦୪୭। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛୁ। ୩୬ ପାଇଁ ୩୬ଟି ସ୍ୱଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ୨୦୪୭ ସୁଦ୍ଧା ମାନନୀୟ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡିଶାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ। ମାନନୀୟ ପ୍ରଧାନମନ୍ତ୍ରୀ ମୋଦୀଜୀ ପ୍ରସ୍ତୁତ କରିଥିବା ରୋଡମ୍ୟାପକୁ ଆଧାର କରି ଆମ ରାଜ୍ୟ ହେବ ସମୃଦ୍ଧ ଓଡିଶା ଏବଂ ଦେଶ ହେବ ବିକଶିତ ଭାରତ। ମୋର ପୁରା ବିଶ୍ୱାସ ଅଛି ଯେ, ୨୦୩୬ ସୁଦ୍ଧା ଆମ ରାଜ୍ୟ ସମୃଦ୍ଧ ଓଡ଼ିଶା ହେବ ଏବଂ ୨୦୪୭ ରେ ଆମ ଦେଶ ବିକଶିତ ଭାରତରେ ପରିଣତ ହେବ।

## ମହାପ୍ରଭୁଙ୍କ ଚକାବିଜେ...

ଶ୍ରୀଜିଉମାନଙ୍କୁ ଚକା ଉପରେ ବିଜେ କରାଇଥିଲେ। ପରେ ମହାପ୍ରଭୁଙ୍କୁ ଚକଟା ଓ ପଣା ଭୋଗ ଲାଗି କରାଯାଇଥିଲେ। ମହାପ୍ରଭୁ ଶନିବାର ରକ୍ତବସ୍ତ୍ର ପରିଧାନ କରିବେ। ପୂର୍ବରୁ ବିନା ତୁଳସୀରେ ଧଳା ଫୁଲରେ ପୂଜାପାଉଥିବା ମହାପ୍ରଭୁଙ୍କୁ ଶନିବାର ଠାରୁ ତୁଳସୀ ଲାଗି ହେବ। ସ୍ନାନମଣ୍ଡପରେ ଜଳସ୍ନାନ କରିବା ପରେ ଜ୍ୱରାକ୍ରାନ୍ତ ହୋଇଥିବା ଦାରୁବିଗ୍ରହମାନେ ଧିରେ ଧିରେ ସୁସ୍ଥ ହେଉଛନ୍ତି। ମହାପ୍ରଭୁଙ୍କ ସୁସ୍ଥତା ପାଇଁ ଅଣସର ପିଣ୍ଡିରେ ଚାଲିଛି ଗୁପ୍ତନୀତି। ଆୟୁର୍ବେଦିକ ଚିକିତ୍ସା ଦ୍ୱାରା ସୁସ୍ଥ ଅନୁଭବ କରୁଛନ୍ତି ଶ୍ରୀବିଗ୍ରହମାନେ। ଅଣସର ଟାଟି ଭିତରେ ଦଇତାପତି ସେବକଙ୍କ ଦ୍ୱାରା ଗୁପ୍ତ ଉପଚାର ପରେ ଶ୍ରୀବିଗ୍ରହଙ୍କ ଶରୀରରୁ ଟାଟି ଓହ୍ଲାଇଥିବାବେଳେ ଏବେ ଶୟନ ଅବସ୍ଥାରୁ ଉଠି ମହାପ୍ରଭୁଙ୍କ ଚକାବିଜେ କରିଛନ୍ତି। ଅନ୍ୟପଟେ ଶ୍ରୀବିଗ୍ରହଙ୍କ ସମ୍ପୂର୍ଣ୍ଣ ସୁସ୍ଥତା ପାଇଁ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳମୋଦକ ଶୁକ୍ରବାର ଶ୍ରୀମନ୍ଦିର ଗାରଦରେ ଜିମା ଦିଆଯାଇଛି। ଶନିବାର ଦଶମୂଳମୋଦକ ସେବନ ପରେ ଶ୍ରୀଜିଉମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନବଯୌବନ ବେଶରେ ଦର୍ଶନ ଦେବେ।

## ବିହାର ସମୃଦ୍ଧ ହେବ...

ଜୀବନକୁ ସହଜ କରିବ। ସେ ଏହି ପ୍ରକଳ୍ପଗୁଡ଼ିକ ପାଇଁ ବିହାରର ଲୋକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ନିଜର ସଦ୍ୟ ସମାପ୍ତ ବିଦେଶ ଗସ୍ତ କଥା ଉଲ୍ଲେଖ କରି ଶ୍ରୀ ମୋଦି କହିଥିଲେ ଯେ ଏହି ଗସ୍ତ ସମୟରେ ସେ ବିଶ୍ୱର କିଛି ବିକଶିତ ଦେଶର ନେତାମାନଙ୍କ ସହିତ ଆଲୋଚନା କରିଥିଲେ। ବିଶ୍ୱ ନେତାମାନେ ଭାରତର ଦ୍ରୁତ ବିକାଶ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ ଏହି ନେତାମାନେ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୈତିକ ଶକ୍ତି ଭାବରେ ଉଭା ହେଉଥିବା ଦେଖୁଛନ୍ତି ଏବଂ ଏହି ପରିବର୍ତ୍ତନରେ ବିହାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏକ ସମୃଦ୍ଧ ବିହାର ଦେଶର ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଓ ଏଥିଲାଗି ସେ ବିହାରର ଲୋକଙ୍କ ଶକ୍ତି ଏବଂ ଦକ୍ଷତା ପ୍ରତି ଆତ୍ମବିଶ୍ୱାସକୁ ଶ୍ରେୟ ଦେଇଥିଲେ। ପ୍ରଧାନମନ୍ତ୍ରୀ ରାଜ୍ୟରେ ଅରାଜକତାର ଯୁଗକୁ ଦୂର କରିବା ପାଇଁ ଲୋକଙ୍କ ପ୍ରଶଂସା କରିଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ ଆଜିର ବିହାରର ଯୁବପିଢ଼ି ଦୁଇ ଦଶନ୍ଧି ପୂର୍ବେ କେବଳ ଲୋକକଥା ଓ କାହାଣୀ ମାଧ୍ୟମରେ ରାଜ୍ୟର ଅବସ୍ଥା ଜାଣନ୍ତି। ତେବେ କୁଶାସନର ସେହି ସମୟ ମଧ୍ୟରେ ଘଟିଥିବା ଅବନତିର ପରିମାଣକୁ ସେମାନେ ସମ୍ପୂର୍ଣ୍ଣ ଭାବରେ ବୁଝି ନାହାଁନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ମୋଦି ଗୁରୁତ୍ୱାରୋପ କରିଥିଲେ ଯେ ଶତାବ୍ଦୀ ଧରି ଭାରତର ପ୍ରଗତିକୁ ଆଗେଇ ନେଇଥିବା ବିହାର, ପୂର୍ବ ଶାସନର କବଳରୁ ବାଧ୍ୟତାମୂଳକ ପ୍ରବାସନର ପ୍ରତୀକ ପାଲଟିଥିଲା। ବିହାରର ପ୍ରତ୍ୟେକ ବାସିନ୍ଦାଙ୍କ ପାଇଁ ଆତ୍ମସମ୍ମାନ ସର୍ବୋପରି ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ମୋର ବିହାରୀ ଭାଇଭଉଣୀମାନେ ଅତ୍ୟନ୍ତ କଠିନ ପରିସ୍ଥିତିରେ ମଧ ସଫଳ ହୋଇ ଉଲ୍ଲେଖନୀୟ ଦୃଢ଼ତା ପ୍ରଦର୍ଶନ କରନ୍ତି। ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ସେମାନେ କେବେବି ନିଜର ଆତ୍ମସମ୍ମାନ ସହିତ ସାଲିସ କରନ୍ତି ନାହିଁ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ପୂର୍ବ ସରକାରଗୁଡ଼ିକ ବିହାରର ଅସ୍ମିତାକୁ ପ୍ରଚୁର କ୍ଷତି ପହଞ୍ଚାଇଥିଲେ। ସେ ଏହି ବ୍ୟାପକ ଦୁର୍ନୀତିର ଶାସନକୁ ସମାଲୋଚନା କରିଥିଲେ, ଯାହା ଦାରିଦ୍ର୍ୟକୁ ବିହାରର ଦୁର୍ଭାଗ୍ୟରେ ପରିଣତ କରିଥିଲା। ସେ କହିଥିଲେ ଯେ ଅନେକ ଚ୍ୟାଲେଞ୍ଜ ସତ୍ତ୍ୱେ, ନୀତିଶ କୁମାରଙ୍କ ନେତୃତ୍ୱରେ ବର୍ତ୍ତମାନର ସରକାର ବିହାରକୁ ବିକାଶ ପଥରେ ଫେରାଇ ଆଣିଛି। ଶ୍ରୀ ମୋଦି ଉଲ୍ଲେଖ କରିଥିଲେ ଯେ ଗତ ୧୦-୧୧ ବର୍ଷ ମଧ୍ୟରେ ବିହାରରେ ପ୍ରାୟ ୫୫୦୦୦ କିଲୋମିଟର ଗ୍ରାମୀଣ ରାସ୍ତା ନିର୍ମାଣ କରାଯାଇଛି। ସେ ଆହୁରି ମଧ କହିଥିଲେ ଯେ ୧.୫ କୋଟିରୁ ଅଧିକ ପରିବାରକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି ଓ ପ୍ରାୟ ୧.୫ କୋଟି ପରିବାରକୁ ଜଳ ସଂଯୋଗ ଦିଆଯାଇଛି। ଶ୍ରୀ ମୋଦି ଉଲ୍ଲେଖ କରିଥିଲେ ଯେ ରାଜ୍ୟ ସାରା ୪୫୦୦୦ରୁ ଅଧିକ ସାଧାରଣ ସେବା କେନ୍ଦ୍ର ସ୍ଥାପନ କରାଯାଇଛି, ଯାହା ସୂଚାଇଥାଏ ଯେ ବିହାରର ଛୋଟ ସହରଗୁଡ଼ିକରେ ବର୍ତ୍ତମାନ ନୂତନ ଷ୍ଟାର୍ଟ-ଅପ୍ ସୃଷ୍ଟି ହେଉଛି। ବିହାରରେ ବିକାଶର କ୍ରମାଗତ ବୃଦ୍ଧି ପାଉଥିବା ଗତିକୁ ଲକ୍ଷ୍ୟ କରି ଶ୍ରୀ ମୋଦି ସତର୍କ କରାଇ ଦେଇଥିଲେ ଯେ ପୂର୍ବ ଅରାଜକତା ପାଇଁ ଦାୟୀ ଲୋକମାନେ ଏବେ ବିହାରର ସରକାର ଏବଂ ଆର୍ଥିକ ସମ୍ବଳ ଉପରେ ନିୟନ୍ତ୍ରଣ ହାସଲ କରିବାର ସୁଯୋଗ ଖୋଜୁଛନ୍ତି। ଏହି ଗୋଷ୍ଠୀଗୁଡ଼ିକ ସେମାନଙ୍କର ଲକ୍ଷ୍ୟ ହାସଲ କରିବା ପାଇଁ ବିଭିନ୍ନ ରଣନୀତି ଆପଣାଉଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ବିହାରର ଲୋକମାନଙ୍କୁ ଅତ୍ୟନ୍ତ ସତର୍କ ରହିବାକୁ ଅନୁରୋଧ କରିଥିଲେ ଏବଂ କହିଥିଲେ ଯେ ସମୃଦ୍ଧ ବିହାର ଆଡ଼କୁ ଯାତ୍ରାକୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ଦୂରେଇ ରଖିବାର ସମୟ ଆସିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶରେ ବହୁ ଦିନ ଧରି ଦାରିଦ୍ର୍ୟ ଦୂରୀକରଣର ସ୍ଲୋଗାନ ଶୁଣାଯାଉଥଲା, କିନ୍ତୁ ତାଙ୍କ ସରକାର ପ୍ରମାଣ କରିଛି ଯେ ପ୍ରକୃତରେ ଦାରିଦ୍ର୍ୟ ହ୍ରାସ କରାଯାଇପାରିବ। ଗତ ଦଶନ୍ଧିରେ, ରେକର୍ଡ ୨୫ କୋଟି ଭାରତୀୟଙ୍କ ଦାରିଦ୍ର୍ୟ ଦୂର ହୋଇଛି ବୋଲି ଶ୍ରୀ ମୋଦି କହିଛନ୍ତି। ସେ କହିଛନ୍ତି ଯେ ବିଶ୍ୱ ବ୍ୟାଙ୍କ ଭଳି ବିଶ୍ୱ ପ୍ରସିଦ୍ଧ ସଂସ୍ଥା ଭାରତର ସଫଳତାକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ବିହାର ଏବଂ ବିଶେଷକରି ନୀତିଶ କୁମାରଙ୍କ ସରକାର ଏହି ଜାତୀୟ ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ବିହାରର ଅଧାରୁ ଅଧିକ ଜନସଂଖ୍ୟା ଅତ୍ୟନ୍ତ ଦାରିଦ୍ର୍ୟ ବର୍ଗରେ ଥିଲେ। ତଥାପି, ଗତ ଦଶ ବର୍ଷରେ ବିହାରର ପ୍ରାୟ ଚାରି କୋଟି ଲୋକଙ୍କୁ ଦାରିଦ୍ର୍ୟ ଦୂର ହୋଇଛି। ଶ୍ରୀ ମୋଦି କହିଥିଲେ ଯେ ସ୍ୱାଧୀନତାର ଦଶନ୍ଧି ପରେ ମଧ ଲକ୍ଷ ଲକ୍ଷ ଲୋକ ଗରିବ ରହିଥିଲେ, ଉଦ୍ୟମର ଅଭାବ ଯୋଗୁଁ ନୁହେଁ, ବରଂ ସେମାନଙ୍କ ପାଖରେ ଉପରକୁ ଉଠିବାର କୌଣସି ଉପାୟ ନଥିଲା। ସେ ଏହାର କାରଣ ପୂର୍ବ ସରକାରଙ୍କ ଅଧୀନରେ ଦୀର୍ଘକାଳୀନ ଲାଇସେନ୍ସ ରାଜ, ଯାହା ଦେଶକୁ ଗରିବ କରି ରଖିଥିଲା। ସେ କହିଥିଲେ ଯେ ପ୍ରତ୍ୟେକ ସେବା ଏବଂ ସୁଯୋଗ ସେତେବେଳେ ଏକ କଠୋର କୋଟା-ପରମିଟ୍ ବ୍ୟବସ୍ଥା ଦ୍ୱାରା ଆବଦ୍ଧ ଥିଲା, ଯାହା ପାଇଁ ଛୋଟ ଛୋଟ କାମ ପାଇଁ ମଧ ଅନୁମୋଦନ ଆବଶ୍ୟକ ଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ପୂର୍ବ ସରକାରଙ୍କ ଶାସନରେ, ଗରିବମାନଙ୍କୁ ବାସସ୍ଥାନ ପ୍ରଦାନ କରିବାରୁ ବଞ୍ଚିତ କରାଯାଇଥିଲା, ଯେତେବେଳେ ମଧ୍ୟସ୍ଥିମାନେ ରାସନ ଯୋଗାଣରେ ବାଧା ସୃଷ୍ଟି କରୁଥିଲେ। ସ୍ୱାସ୍ଥ୍ୟସେବା ଗରିବଙ୍କ ପହଁଚ ବାହାରେ ଥିଲା ଏବଂ ଶିକ୍ଷା ଏବଂ ନିଯୁକ୍ତି ଏକ ନିରନ୍ତର ସଂଘର୍ଷ ଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ନାଗରିକମାନଙ୍କୁ ବିଦ୍ୟୁତ କିମ୍ବା ପାଣି ସଂଯୋଗ ପାଇବା ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଚକର କାଟିବାକୁ ପଡୁଥିଲା। ସେ କହିଥିଲେ ଯେ ଗ୍ୟାସ୍ ସଂଯୋଗ ପାଇବା ପାଇଁ ଜଣେ ସାଂସଦଙ୍କ ସୁପାରିଶ ଆବଶ୍ୟକ ଥିଲା ଏବଂ ଲାଞ୍ଚ କିମ୍ବା ପ୍ରଭାବ ବିନା ଚାକିରି ପାଇବା ଅସମ୍ଭବ। ସେ କହିଥିଲେ ଯେ ଏହି ବ୍ୟବସ୍ଥା ଦ୍ୱାରା ସର୍ବାଧିକ ପ୍ରଭାବିତ ଲୋକମାନେ ମୁଖ୍ୟତଃ ଦଳିତ, ମହାଦଳିତ, ପଛୁଆ ଏବଂ ଅତ୍ୟନ୍ତ ପଛୁଆ ସମ୍ପ୍ରଦାୟର ଥିଲେ। ଶ୍ରୀ ମୋଦି କହିଥିଲେ ଯେ ଏହି ବର୍ଗମାନଙ୍କୁ ଦାରିଦ୍ର୍ୟ ଦୂରୀକରଣର ସ୍ୱପ୍ନ ଦେଖାଯାଇଥିଲା, କିନ୍ତୁ ଏହି ପ୍ରକ୍ରିୟାରେ କିଛି ମୁଷ୍ଟିମେୟ ପରିବାର ଲକ୍ଷପତି ଏବଂ କୋଟିପତି ହୋଇଗଲେ। ଗତ ୧୧ ବର୍ଷ ମଧ୍ୟରେ, ଆମ ସରକାର ଗରିବଙ୍କ ରାସ୍ତାରୁ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୂର କରିବା ପାଇଁ ପ୍ରତିବଦ୍ଧ। ଫଳସ୍ୱରୂପ, ଏକ ସ୍ପଷ୍ଟ ଏବଂ ପ୍ରଭାବଶାଳୀ ଫଳାଫଳ ଏବେ ଦୃଶ୍ୟମାନ ହେଉଛି, ଶ୍ରୀ ମୋଦି କହିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ଗତ ଦଶନ୍ଧିରେ, ସରକାରୀ ଯୋଜନା ଅଧୀନରେ ଦେଶବ୍ୟାପୀ ୪ କୋଟିରୁ ଅଧିକ ଗରିବ ପରିବାର ପକ୍କା ଘର ପାଇଛନ୍ତି ଏବଂ ଆଗାମୀ ବର୍ଷଗୁଡ଼ିକରେ ଅତିରିକ୍ତ ୩ କୋଟି ଘର ନିର୍ମାଣ ହେବାକୁ ଯାଉଛି। ଶ୍ରୀ ମୋଦି ଉଲ୍ଲେଖ କରିଥିଲେ ଯେ ଏହି ବିକାଶ ବିହାରର ଗରିବ, ଦଳିତ, ମହାଦଳିତ, ପଛୁଆ ବର୍ଗ ଏବଂ ଅତ୍ୟନ୍ତ ପଛୁଆ ପରିବାରକୁ ବହୁତ ଲାଭ ଦେଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ, କେବଳ ବିହାରରେ ୫୭ ଲକ୍ଷରୁ ଅଧିକ ପକ୍କା ଘର ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ସିୱାନ ଜିଲ୍ଲାରେ ଗରିବଙ୍କ ପାଇଁ ୧.୧୦ ଲକ୍ଷରୁ ଅଧିକ ଘର ନିର୍ମାଣ ହୋଇସାରିଛି ଏବଂ ଏହି କାମ ବିନା କୌଣସି ବାଧାରେ ଚାଲିଛି। ସେ କହିଛନ୍ତି ଯେ ଆଜି ବିହାରରେ ୫୦,୦୦୦ରୁ ଅଧିକ ପରିବାରକୁ ଗୃହ କିସ୍ତି ବଣ୍ଟନ କରାଯାଇଛି। ଶ୍ରୀ ମୋଦି ବିଶେଷ ସନ୍ତୋଷ ପ୍ରକାଶ କରିଥିଲେ ଯେ ଏହି ଘରଗୁଡ଼ିକ ମଧ୍ୟରୁ ଅଧିକାଂଶ ମା' ଏବଂ ଭଉଣୀମାନଙ୍କ ନାମରେ ପଞ୍ଜିକୃତ ହୋଇଛି। ସେ ଗର୍ବର ସହିତ ଉଲ୍ଲେଖ କରିଥିଲେ ଯେ ପୂର୍ବରୁ ମହିଳାମାନଙ୍କ ନାଁରେ କୌଣସି ଘର ବା ସମ୍ପତ୍ତି ରହୁନଥିବାବେଳେ ଏବେ ସେମାନେ ଗର୍ବର ସହିତ ଜଣେ ଜଣେ ଘରମାଲିକ ହୋଇପାରିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସରକାର ଗରିବ ଲୋକଙ୍କୁ କେବଳ ବାସଗୃହ ଯୋଗାଇ ଦେଉନାହିଁ ବରଂ ମାଗଣା ରାସନ, ବିଦ୍ୟୁତ ଏବଂ ପାଣି ସୁବିଧା ମଧ ଯୋଗାଇ ଦେଉଛି। ସେ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ ସାରା ଦେଶରେ ୧୨ କୋଟିରୁ ଅଧିକ ନୂତନ ପରିବାରକୁ ଟ୍ୟାପ୍ ସଂଯୋଗ ଦିଆଯାଇଛି ଓ କେବଳ ସିୱାନ ଜିଲ୍ଲାରେ, ୪.୫ ଲକ୍ଷରୁ ଅଧିକ ପରିବାର ପ୍ରଥମ ଥର ପାଇଁ ଟ୍ୟାପ୍ ପାଣି ପାଇଛନ୍ତି। ଶ୍ରୀ ମୋଦି କହିଥିଲେ ଯେ ସରକାର ପ୍ରତ୍ୟେକ ଗ୍ରାମୀଣ ଘରେ ଟ୍ୟାପ୍ ସଂଯୋଗ ଏବଂ ସହରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଛି। ସେ ସୂଚନା ଦେଇଥିଲେ ଯେ ସାମ୍ପ୍ରତିକ ବର୍ଷଗୁଡ଼ିକରେ, ବିହାରର ବିଭିନ୍ନ ସହରରେ ଅନେକ ପାଇପ୍ ଲାଇନ ଏବଂ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସେ କହିଥିଲେ ଯେ ବର୍ତ୍ତମାନ ଡଜନ ଡଜନ ନୂତନ ସହର ପାଇଁ ନୂତନ ପାଇପ୍ ଲାଇନ ଏବଂ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ମଞ୍ଜୁର କରାଯାଇଛି। ଏହି ସମସ୍ତ ପ୍ରକଳ୍ପ ଗରିବ ଏବଂ ମଧ୍ୟବିତ୍ତ ପରିବାରଙ୍କ ଜୀବନର ଗୁଣବତ୍ତା ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ। ଏହି କାର୍ଯ୍ୟକ୍ରମରେ ବିହାର ରାଜ୍ୟପାଳଆରିଫ୍ ମହମ୍ମଦ ଖାଁ, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ଜିତନ୍ ରାମ ମାଞ୍ଝି, ଗିରିରାଜ ସିଂହ, ଚିରାଗ ପାସୱାନ, ନିତ୍ୟାନନ୍ଦ ରାୟ, ରାମନାଥ ଠାକୁର, ଡକ୍ଟର ରାଜ ଭୂଷଣ ଚୌଧୁରୀ, ସତୀଶ ଚନ୍ଦ୍ର ଦୁବେ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଟ୍ରମ୍ପ-ନେତାନାହୁଙ୍କୁ...

ଅଧିକ ସମ୍ବେଦନଶୀଳ କରିଛନ୍ତି। ଏହାର ଜବାବରେ ଉତ୍ତର କୋରିଆ କହିଛି ଯେ, ଆପଣଙ୍କର କାର୍ଯ୍ୟ ମଧ୍ୟପ୍ରାଚ୍ୟକୁ ବିନାଶ ଆଡ଼କୁ ନେଇଯାଉଛି। ଏହି ବିବୃତ୍ତିରୁ ସ୍ପଷ୍ଟ ଯେ, ଉତ୍ତର କୋରିଆ ଏବଂ ଇରାନ ଉଭୟ ଅସନ୍ତୁଷ୍ଟ। ସେମାନେ ଏହାକୁ ବିଶ୍ୱ ଅସ୍ଥିରତା ପାଇଁ ଦାୟୀ ବୋଲି ଭାବନ୍ତି।





# ଟେଷ୍ଟ କ୍ରିକେଟରୁ ଅବସର ନେଲେ ଆଞ୍ଜେଲୋ ମାଥ୍ୟୁସ୍



ନୂଆଦିଲ୍ଲୀ, ୨୦।୬ (ହି.ସ): ଟେଷ୍ଟ କ୍ରିକେଟ ପାଇଁ ୨୦୨୫ ବର୍ଷ ବହୁତ ଉତ୍ଥାନ-ପତନ ଦେଇ ଗତି କରୁଛି। ଏହି ବର୍ଷ ଅନ୍ତର୍ଜାତୀୟ କ୍ରିକେଟର ଅନେକ କିମ୍ବଦନ୍ତୀ ଖେଳାଳି ଟେଷ୍ଟରୁ ଅବସର ନେଇଛନ୍ତି। ଭାରତୀୟ କ୍ରିକେଟ ତାରକା ରୋହିତ ଶର୍ମା ତାଙ୍କର ଅବସର ଘୋଷଣା କରିଥିଲେ। ଏହା ପରେ ବିରାଟ କୋହଲି ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ସେହି ସମୟରେ, ଏବେ ଶ୍ରୀଲଙ୍କାର ଷ୍ଟାର ଖେଳାଳି ଆଞ୍ଜେଲୋ ମାଥ୍ୟୁସ୍ ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ନେଉଛନ୍ତି। ଶ୍ରୀଲଙ୍କାର ଦଳ କଲମ୍ବୋରେ ବାଂଲାଦେଶ ସହିତ ଏକ ଟେଷ୍ଟ ମ୍ୟାଚ ଖେଳୁଛି। ଆଞ୍ଜେଲୋ ମାଥ୍ୟୁସ୍ ଶୁକ୍ରବାର ନିଜ ଦେଶରଟିରେ ତାଙ୍କ ମା'ର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଯେତେବେଳେ ଶ୍ରୀଲଙ୍କାର ଅଭିଜ୍ଞ ଖେଳାଳି ଆଞ୍ଜେଲୋ ମାଥ୍ୟୁସ୍ ତୃତୀୟ ଦିନରେ ବ୍ୟାଟିଂ କରିବାକୁ ଆସିଥିଲେ, ବାଂଲାଦେଶୀ ଖେଳାଳିମାନେ ମାଥ୍ୟୁସ୍‌ଙ୍କୁ 'ଗାର୍ଡ ଅଫ୍ ଅନର' ସହିତ ପଡ଼ିଆରେ ସ୍ୱାଗତ କରିଥିଲେ। ବାଂଲାଦେଶର ଖେଳାଳିମାନେ ଦୁଇଟି ଧାଡ଼ିରେ ଠିଆ ହୋଇଥିଲେ ଏବଂ ଖେଳାଳିମାନେ ପଡ଼ିଆରେ ତାଳି ବଜାଇ ତାଙ୍କୁ ସ୍ୱାଗତ କରିଥିଲେ। ଆଞ୍ଜେଲୋ ମାଥ୍ୟୁସ୍ ତାଙ୍କ ଶେଷ ମ୍ୟାଚ୍‌ରେ ୫୬.୫୨ ଷ୍ଟ୍ରାଇକ୍ ରେଟ୍‌ରେ ୬୯ ବଲ୍‌ରେ ୩୯ ରନ୍ କରିଥିଲେ। ତାଙ୍କ ଟେଷ୍ଟ କ୍ୟାରିୟରର ଏହି ଶେଷ ଇନିଂସରେ ମାଥ୍ୟୁସ୍ ତିନୋଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ମାଥ୍ୟୁସ୍ ଭଲ ବ୍ୟାଟିଂ କରୁଥିଲେ, କିନ୍ତୁ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କାର ଷ୍ଟାର ଖେଳାଳି ଅର୍ଦ୍ଧଶତକ ହାସଲ କରିବାରୁ ବଞ୍ଚିତ ହୋଇଥିଲେ। ଆଞ୍ଜେଲୋ ମାଥ୍ୟୁସ୍ ତାଙ୍କର ୧୧୯ତମ ଟେଷ୍ଟ ମ୍ୟାଚ୍ ଖେଳୁଛନ୍ତି। ମାଥ୍ୟୁସ୍ ତାଙ୍କ ଟେଷ୍ଟ କ୍ୟାରିୟରରେ ୮,୨୦୬ ରନ୍ କରିଛନ୍ତି।

# ଟସ୍ ଜିତି ଇଂଲଣ୍ଡର ବୋଲିଂ ନିଷ୍ପତ୍ତି

## ସାଇ ସୁଦର୍ଶନଙ୍କ ଡେବ୍ୟୁ, ଦଳକୁ ଫେରିଲେ କରୁଣ ନାୟର




**ଭାରତୀୟ ଦଳ**

ଯଶସ୍ୱୀ ଜୟସ୍ୱାଲ, କେ.ଏଲ୍ ରାହୁଲ, ସାଇ ସୁଦର୍ଶନ, ଶୁଭମନ ଗିଲ (ଅଧିନାୟକ), ରିଷଭ ପନ୍ତ (ୱିକେଟ୍ କିପର), କରୁଣ ନାୟାର, ରବିନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଜସପ୍ରୀତ ବୁମରା, ମହମ୍ମଦ ସିରାଜ ଏବଂ ପ୍ରସିଦ୍ଧ କୃଷ୍ଣା।

**ଇଂଲଣ୍ଡର ଦଳ**

ଜ୍ୟାକ୍ କ୍ରଲି, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରି ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜାମି ସ୍ମିଥ୍ (ୱିକେଟ୍ କିପର), କ୍ରିସ୍ ୱୋକସ୍, ବ୍ରାଇଡନ୍ କାର୍ସ, ଜୋଶ୍ ଟଙ୍ଗ ଏବଂ ଶୋଏବ ବଶିର।

ନୂଆଦିଲ୍ଲୀ, ୨୦।୬ (ହି.ସ): ଲିଡ୍ସର ହେଡିଂଲିରେ ଇଂଲଣ୍ଡ ଏବଂ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ପାଇଁ ଟସ୍ ହୋଇଛି। ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ସାଇ ସୁଦର୍ଶନଙ୍କୁ ଭାରତ ପାଇଁ ଡେବ୍ୟୁ କରିବାର ସୁଯୋଗ ମିଳିଛି। ଅଧିନାୟକ ଶୁଭମନ ଗିଲ୍ ସ୍ପଷ୍ଟ କରିଛନ୍ତି ଯେ, ସେ ଚତୁର୍ଥ ନମ୍ବରରେ ବ୍ୟାଟିଂ କରିବେ। ଟିମ୍ ଇଣ୍ଡିଆ ଚାରି ଜଣ ଦ୍ରୁତ ବୋଲରଙ୍କ ସହିତ ଆସିଛି। ଶାର୍ଦ୍ଦୁଳ ଠାକୁରଙ୍କୁ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିଛି। ଏହା ବ୍ୟତୀତ ଜସପ୍ରିତ ବୁମରା, ପ୍ରସିଦ୍ଧ କୃଷ୍ଣା ଏବଂ ମହମ୍ମଦ ସିରାଜ ଅଛନ୍ତି। କରୁଣ ନାୟାରଙ୍କୁ ମଧ୍ୟ ସୁଯୋଗ ମିଳିଛି। ସେ ଦୀର୍ଘ ସମୟ ପରେ ଟେଷ୍ଟ ଦଳକୁ ଫେରିଛନ୍ତି। ଟସ୍ ପରେ ଭାରତୀୟ ଅଧିନାୟକ ଶୁଭମନ ଗିଲ୍ କହିଛନ୍ତି, 'ଆମେ ମଧ୍ୟ ପ୍ରଥମେ ବୋଲିଂ କରିବାକୁ ଚାହୁଁଥିଲୁ। ଆମର ପ୍ରସ୍ତୁତି ଚମତ୍କାର। ଆମେ ବେକେନହାମରେ ଏକ ଅଭ୍ୟାସ ମ୍ୟାଚ୍ ଖେଳିଥିଲୁ। ଖେଳାଳିମାନେ ବହୁତ ଭଲ ଅନୁଭବ କରୁଛନ୍ତି। ସାଇ ସୁଦର୍ଶନ ଡେବ୍ୟୁ କରୁଛନ୍ତି। କରୁଣ ନାୟାର ଦଳକୁ ଫେରିଛନ୍ତି। ସାଇ ସୁଦର୍ଶନ ତୃତୀୟ ନମ୍ବରରେ ବ୍ୟାଟିଂ କରିବେ।' ସେପଟେ ଟସ୍ ପରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ କହିଛନ୍ତି, 'ଆମେ ପ୍ରଥମେ ବୋଲିଂ କରିବୁ। ଆମେ ଏଠାରେ ବହୁତ ଭଲ ମ୍ୟାଚ୍ ଖେଳିଛୁ।' ଆଣ୍ଡରସନ୍-ତେନ୍ଦୁଲକର ଟେଷ୍ଟ ଟ୍ରଫି ସିରିଜର ପ୍ରଥମ ମ୍ୟାଚ୍ ଆଜିଠୁ ଲିଡ୍ସରେ ଆରମ୍ଭ ହୋଇଛି। ଆୟୋଜକ ଇଂଲଣ୍ଡର ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତି ପ୍ରଥମେ ବୋଲିଂ ପାଇଁ ନିଷ୍ପତ୍ତି ନେଇଛନ୍ତି। ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଯୁବ ଭାରତୀୟ ଟିମ୍ ପ୍ରଥମେ ବ୍ୟାଟିଂ କରୁଛି। ଆଇପିଏଲରେ ଚମତ୍କାର ବ୍ୟାଟିଂ କରି ସମସ୍ତଙ୍କୁ ପ୍ରଭାବିତ କରିଥିବା ସାଇ ସୁଦର୍ଶନ ଟେଷ୍ଟ ଡେବ୍ୟୁ କରିଛନ୍ତି। ୨୩ ବର୍ଷୀୟ ସାଇ ସୁଦର୍ଶନ ଭାରତ ପାଇଁ ଟେଷ୍ଟ ମ୍ୟାଚ୍ ଖେଳିବାରେ ୩୧୭ତମ ଖେଳାଳି। ସୁଦର୍ଶନଙ୍କୁ ଚେତେଶ୍ୱର ପୂଜାରା ଟେଷ୍ଟ କ୍ୟାପ୍ ଦେଇଥିଲେ। ସେପଟେ କରୁଣ ନାୟର ନିଜର ଶେଷ ଟେଷ୍ଟ ୨୦୧୭ ମାର୍ଚ୍ଚରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ତା' ପରଠୁ ତାଙ୍କୁ କୌଣସି ସୁଯୋଗ ମିଳିନଥିଲା। କରୁଣ ନାୟର ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ମୋହାଲି ଟେଷ୍ଟରେ ଟ୍ରିପଲ ସେଞ୍ଚୁରି ମାରିଥିଲେ। ତେବେ ତା' ପରଠୁ ତାଙ୍କୁ ଟିମ୍ ଇଣ୍ଡିଆ ପାଇଁ ଖେଳିବାର କମ ସୁଯୋଗ ମିଳିଥିଲା। ଅନ୍ୟପଟେ ଶାର୍ଦ୍ଦୁଳ ଠାକୁର ମଧ୍ୟ ଅନେକ ମାସ ପରେ ଇଣ୍ଟରନ୍ୟାସନାଲ କ୍ରିକେଟକୁ ଫେରିଛନ୍ତି। ଏହା ପୂର୍ବରୁ ୨୦୨୩ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶାର୍ଦ୍ଦୁଳ ନିଜର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଲିଡ୍ସ ଟେଷ୍ଟ ପାଇଁ ନୀତୀଶ ରେଡ୍ଡିଙ୍କ ପରିବର୍ତ୍ତେ ଶାର୍ଦ୍ଦୁଳଙ୍କୁ ସୁଯୋଗ ମିଳିଛି।

# ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ରେ ଓଡ଼ିଶା ପୁରୁଷ ଜିତିଲେ, ମହିଳା ହାରିଲେ

ଭୁବନେଶ୍ୱର, ୨୦।୬ (ହି.ସ): ତାମିଲନାଡୁରେ ଚାଲିଥିବା ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ ଲିଗରେ ଗୁରୁବାର ଓଡ଼ିଶାକୁ ମିଶ୍ର ସଫଳତା ମିଳିଛି। ଓଡ଼ିଶା ପୁରୁଷ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା ବେଳେ ମହିଳା ଦଳ ପରାଜୟ ବରଣ କରିଛି। ଲାଜରୁସ ବାର୍ଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ପୁରୁଷ ଦଳ ୬-୩ ଗୋଲରେ ପୁଡୁଚେରୀକୁ ପରାସ୍ତ କରିଛି। ଓଡ଼ିଶା ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ଏମ୍ ହରିକ୍ରିଷ୍ଣନ୍ (୧୭ ମିନିଟ୍)ଙ୍କ ଗୋଲରେ ପୁଡୁଚେରୀ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୧୯ତମ ମିନିଟରେ ଲାଜରୁସ ଗୋଲଟି ଶୁଝି ସ୍ଥିତି ସମାନ କରିଥିଲେ। ୨୩ତମ ମିନିଟରେ ବି ଅଧିକେଶବନଙ୍କ ଗୋଲରେ ପୁଣି ପୁଡୁଚେରୀ ଆଗୁଆ ହୋଇଥିଲା। ଏହାପରେ ଶାନ୍ତିଏଲ୍ ମୁଣ୍ଡୁ (୩୨, ୪୧, ୪୩ ମିନିଟ୍)ଙ୍କ ହ୍ୟାଟ୍ରିକ୍ ଏବଂ ଲାଧୁ ଏକ୍କା (୫୨ ମିନିଟ୍)ଙ୍କ ଗୋଲରେ ଓଡ଼ିଶା ୬-୨ରେ ଆଗୁଆ ହୋଇଥିଲା। ୫୮ତମ ମିନିଟରେ ପୁଡୁଚେରୀର ଦେଲ୍ଲୀଗଣେଶ ଗୋଟିଏ ଗୋଲ୍ ଶୁଝିଥିଲେ। ଲୁସେଲା ଏକ୍କାଙ୍କ ନେତୃତ୍ୱାଧୀନ ମହିଳା ଦଳ ୧-୩ ଗୋଲରେ ପଞ୍ଜାବଠୁ ହାରିଯାଇଛି। ପଞ୍ଜାବର ସଙ୍ଗୀତା ମିଞ୍ଜ (୩ ମିନିଟ୍), ଅଧିନାୟିକା ଅମନଦୀପ କେର (୫ ମିନିଟ୍), ନୀତି (୨୬ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ୫୦ତମ ମିନିଟରେ ଓଡ଼ିଶାର ରଞ୍ଜିତା ବେକ୍ ଗୋଟିଏ ଗୋଲ୍ ଶୁଝି ପରାଜୟ ବ୍ୟବଧାନକୁ କମାଇଥିଲେ।

# ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟର ନୂଆ ଟ୍ରଫି ଉନ୍ମୋଚିତ



ନୂଆଦିଲ୍ଲୀ, ୨୦।୬ (ହି.ସ): ଘରୋଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଶୁକ୍ରବାର ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହୋଇଛି। ଲିଡ୍ସରେ ଖେଳାଯାଇଛି ପ୍ରଥମ ଟେଷ୍ଟ। ଏହା ପୂର୍ବରୁ ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟର ନୂଆ ଟ୍ରଫି ଉନ୍ମୋଚିତ ହୋଇଛି। ଆଣ୍ଡରସନ୍ ଓ ସଚିନ୍ ଟ୍ରଫିର ନାମ ରହିଛି। ଉଭୟ କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକର ଓ ଜେମ୍ସ ଆଣ୍ଡରସନ୍ ଉପସ୍ଥିତ ରହି ଟ୍ରଫି ଉନ୍ମୋଚନ କରିଛନ୍ତି। ୨୦୦୭ ମସିହାରୁ ଇଂଲଣ୍ଡ-ଭାରତ ଟେଷ୍ଟ ସିରିଜରେ ବିଜେତା ଦଳକୁ ପଟୌଦି ଟ୍ରଫି ପ୍ରଦାନ କରାଯାଉଥିଲା। କିନ୍ତୁ ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) ଏହାର ନାମ ପରିବର୍ତ୍ତନ କରି ଆଣ୍ଡରସନ-ସଚିନ ଟ୍ରଫି କରିବାକୁ ଯୋଜନା କରିଥିଲ। ଏ ବିଷୟରେ ବିସିସିଆଇକୁ ଜଣାଇଥିଲା। ମାତ୍ର ସଚିନ ଏ ବିଷୟରେ ଅବଗତ ହେବା ପରେ ଉଭୟ ଇସିବି ଓ ବିସିସିଆଇକୁ ଟ୍ରଫିର ନାମ ପରିବର୍ତ୍ତନ ନକରିବା ପାଇଁ ପ୍ରସ୍ତାବ ଦେଇଥିଲେ। କିପରି ପୂର୍ବତନ ଅଧିନାୟକ ମନସୁର ଅଲି ଖାନ ପଟୌଦିଙ୍କ ନାମ ସିରିଜ ସହ ଯୋଡ଼ି ହୋଇ ରହିବ ସେନେଇ ସଚିନ ଉଦ୍ୟମ ଆରମ୍ଭ କରିଥିଲେ। ସେ କହିଛନ୍ତି, 'ପ୍ରଥମେ ପଟୌଦି ପରିବାର ଲୋକଙ୍କୁ ଏ ବିଷୟରେ ଜଣାଇଥିଲି ଏବଂ ଭାରତ-ଇଂଲଣ୍ଡ ସିରିଜ ସହ କିଭଳି ତାଙ୍କ ନାମ ପୂର୍ବଭଳି ଯୋଡ଼ି ରହିବ ଆମେ କଥା ହୋଇଥିଲୁ। ଏଥିପାଇଁ ବିସିସିଆଇ ଓ ଇସିବି ସହ କଥା ହୋଇ ମୋର କିଛି ପ୍ରସ୍ତାବ ରଖିଥିଲି। ଯାହା ହେଉ ଶେଷରେ ବିଜୟୀ ଦଳର ଅଧିନାୟକଙ୍କୁ ପଟୌଦି ମେଡାଲ ଦେବାକୁ ନିଷ୍ପତ୍ତି ହୋଇଥିଲା।' ତେଣୁ ଟ୍ରଫିର ନୂଆ ନାମକରଣ ହୋଇଥିଲେ ବି ପଟୌଦିଙ୍କ ନାମ ପୂର୍ବଭଳି ସିରିଜ ସହ ଯୋଡ଼ି ହୋଇ ରହିବ। ପୂର୍ବରୁ ଇଂଲଣ୍ଡରେ ପଟୌଦି ଟ୍ରଫି ଏବଂ ଭାରତରେ ଆଣ୍ଟୋନୀ ଡି ମେଲୋ ଟ୍ରଫି ପ୍ରଦାନ କରାଯାଉଥିଲା। ଏବେ କେବଳ ବିଜେତାଙ୍କୁ ଆଣ୍ଡରସନ୍-ସଚିନ ଟ୍ରଫି ଏବଂ ବିଜେତା ଦଳର ଅଧିନାୟକଙ୍କୁ ପଟୌଦି ମେଡାଲ ମିଳିବ। ଟେଷ୍ଟ କ୍ରିକେଟ୍ ଇତିହାସରେ ଆଣ୍ଡରସନ୍ ସର୍ବାଧିକ ୱିକେଟ୍ ହାସଲକାରୀ ଦ୍ରୁତ ବୋଲର। ସେମିତି ସଚିନ ହେଉଛନ୍ତି ସର୍ବକାଳୀନ ସର୍ବାଧିକ ରନ୍ ସ୍କୋରର। ସେ ୨୦୦ ଟେଷ୍ଟ ଖେଳି ୧୫୯୨୧ ରନ କରିଥିଲେ। ଯେଉଁଥିରେ ୫୧ଟି ଶତକ ସାମିଲ ରହିଥିଲା। ଆଣ୍ଡରସନ୍ ୧୮୮ଟି ଟେଷ୍ଟ ଖେଳି ୭୦୪ଟି ୱିକେଟ୍ ହାସଲ କରିଥିଲେ।

# ରିଲିଜ୍ ହେଲା ଆମୀର ଖାନଙ୍କ 'ସୀତାରେ ଜମିନ୍ ପର'




ମୁମ୍ବାଇ, ୨୦।୬ (ହି.ସ): 'ସୀତାରେ ଜମିନ ପର' ସହ ୩ ବର୍ଷ ପରେ ପରଦାକୁ ଫେରିଛନ୍ତି ଅଭିନେତା ଆମୀର ଖାନ୍। ଶୁକ୍ରବାର ଏହି ବହୁ ପ୍ରତୀକ୍ଷିତ ଫିଲ୍ମ ରିଲିଜ୍ ହୋଇଯାଇଛି। ଯାହା ସ୍ପାନିସ୍ ଫିଲ୍ମ 'କ୍ୟାମ୍ପେଓନ୍ସ'ର ଏକ ହିନ୍ଦୀ ରୂପାନ୍ତର। ଏହି ଫିଲ୍ମକୁ ର.ଏସ. ପ୍ରସନ୍ନ ନିର୍ଦ୍ଦେଶନା ଦେଇଛନ୍ତି। ତେବେ 'ସୀତାରେ ଜମିନ୍ ପର' ଦେଖିବାକୁ ଯାଇଥିବା ଦର୍ଶକମାନେ ଫିଲ୍ମକୁ ନେଇ 'ଏକ୍ସ'ରେ ସେମାନଙ୍କର ରିଭ୍ୟୁ ସେୟାର କରିଛନ୍ତି। ଜଣେ ୟୁଜର୍ ଲେଖିଛନ୍ତି, ସୀତାରେ ଜମିନ୍ ପର ଆପଣଙ୍କ ହୃଦୟକୁ ଛୁଇଁବ। ଏହା ଆପଣଙ୍କୁ ହସାଇବ, କନ୍ଦାଇବ ଏବଂ ନୂଆ ଆଶା ମଧ୍ୟ ଦେବ। ସୁପରଷ୍ଟାର ଆମୀର ଖାନ୍ ଫିଲ୍ମ ପାଇଁ ନିଜର ଟଙ୍କା ଏବଂ ସମୟ ବିନିଯୋଗ କରିଛନ୍ତି। ଆଉ ଜଣେ ଲେଖିଛନ୍ତି, ସୀତାରେ ଜମିନ୍ ପର୍ ଦେଖିଲି, ହଁ ଏହା ଏକ ସ୍ପାନିସ୍ ଫିଲ୍ମର ରିମେକ୍ କିନ୍ତୁ ତଥାପି, ଏହା ଆପଣଙ୍କ ହୃଦୟକୁ ଛୁଇଁବ। ଆମୀର ଏକ ଭଲ ଫିଲ୍ମ ତିଆରି କରିଛନ୍ତି ଏବଂ ଡେବ୍ୟୁ ଅଭିନେତାମାନେ ଏକ ଚମତ୍କାର କାମ କରିଛନ୍ତି। ଏହା ଭାବପ୍ରବଣ ଏବଂ ଦେଖିବାକୁ ପଡ଼ିବ। ସେହିପରି ଅନ୍ୟ ଜଣ ଲେଖିଛନ୍ତି, ଆପଣ ଏହି ଫିଲ୍ମକୁ ଷ୍ଟାର ଦ୍ୱାରା ମାପିପାରିବେ ନାହିଁ, ଆପଣ କୌଣସି ରେଟିଂ ସହିତ ପିଲାମାନଙ୍କର ଭାବନା ଏବଂ କଠିନ ପରିଶ୍ରମକୁ ତୁଳନା କରିପାରିବେ ନାହିଁ। ଏହା ଭାବପ୍ରବଣ, ଶକ୍ତିଶାଳୀ ଏବଂ ବହୁତ ସ୍ୱତନ୍ତ୍ର। ଯାହାବି ହେଉ 'ସୀତାରେ ଜମିନ୍ ପର୍' ଦେଖିବାକୁ ପଡ଼ିବ। ଅନ୍ୟ ଜଣେ ଲେଖିଛନ୍ତି, ଆମୀର ଖାନଙ୍କ ଫିଲ୍ମ ମୋ ହୃଦୟକୁ ଛୁଇଁଛି ଏବଂ ମୋତେ ବହୁତ ହସାଇଛି। ତେବେ ଆମୀର ଖାନ୍ ଏକ ରିମେକ୍ ଫିଲ୍ମ ତିଆରି କରିଛନ୍ତି କିନ୍ତୁ ଏହାର କାହାଣୀ ଏବଂ ଫିଲ୍ମରେ ଥିବା ଭାବନା ସମ୍ପୂର୍ଣ୍ଣ ପବିତ୍ର। କାରଣ ଫିଲ୍ମରେ ଅଭିନୟ କରିଥିବା ସମସ୍ତ ସ୍ୱତନ୍ତ୍ର ପିଲାମାନେ ବାସ୍ତବ ଜୀବନର ଚରିତ୍ର। ଏହା ପ୍ରଥମ ଥର ପାଇଁ ସେମାନେ ବଡ଼ ପରଦାରେ ଅଭିନୟ କରୁଛନ୍ତି। ଫିଲ୍ମରେ ନୂତନ ଅଭିନେତା ଆରୁଷ ଦତ୍ତା, ଗୋପୀ କୃଷ୍ଣନ୍ ବର୍ମା, ବେଦାନ୍ତ ଶର୍ମା, ନମନ ମିଶ୍ର, ରିଷି ଶାହାଣୀ ଏବଂ ରିଷଭ ଜୈନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। 'ସୀତାରେ ଜମିନ୍ ପର' ଆମିର ଖାନ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ। ଯେଉଁଥିରେ ଆମୀର ଖାନ୍ ଏବଂ ଜେନେଲିଆ ଦେଶମୁଖ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି।

# 'ନିଜ ଭବିଷ୍ୟତ ନିଜେ ଗଢ, ବଲିଉଡ କିଛି ଦେବ ବୋଲି ଆଶା କରନି'

ମୁମ୍ବାଇ, ୨୦।୬ (ହି.ସ): ନିଜ ଭବିଷ୍ୟତ ନିଜେ ଗଢ, ବଲିଉଡ କିଛି ଦେବ ବୋଲି ଆଶା କରନି। ଏଭଳି କହି ଚର୍ଚ୍ଚାରେ ବଲିଉଡ ଅଭିନେତା ବୋମାନ ଇରାନୀ। ସେ ୪୪ ବର୍ଷ ବୟସରେ ବଲିଉଡରେ ଡେବ୍ୟୁ କରିଥିଲେ। ଏହା ସହ ସେ ୬୫ ବର୍ଷ ବୟସରେ ତାଙ୍କର ପ୍ରଥମ ଫିଲ୍ମ 'ମେହତା ବଏଜ୍'ର ନିର୍ଦ୍ଦେଶନା ଦେଇଥିଲେ। ବଲିଉଡରେ ସଫଳତା, ଅଧିକ ସୁଯୋଗ ଉପରେ ନିର୍ଭର କରେ ବୋଲି ବୋମାନ ଇରାନୀ ଅସ୍ୱୀକାର କରିଛନ୍ତି। ନିଉଜ୍ ଏଜେନ୍ସି ଏଏନଆଇକୁ ସାକ୍ଷାତକାର ଦେଇ ବୋମନ ଇରାନୀ କହିଛନ୍ତି ଯେ, ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୀଘ୍ର କିମ୍ବା ବିଳମ୍ବରେ ସଫଳତା ପାଇବାଟା କଳାକାରମାନଙ୍କର କାମ ଏବଂ ପ୍ରତିଭା ଉପରେ ନିର୍ଭର କରେ। ମୁଁ ଭାବୁନାହିଁ ଯେ, ବିଳମ୍ବରେ ମିଳୁଥିବା ସଫଳତା ପାଇଁ ବଲିଉଡ୍ ଦାୟୀ। ବଲିଉଡ୍ କିମ୍ବା ଭାରତୀୟ ସିନେମା ଶୀଘ୍ର କିମ୍ବା ବିଳମ୍ବ ସଫଳତା ପାଇଁ ଦାୟୀ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ନିଜ ସଫଳତା କିମ୍ବା ବିଫଳତା ପାଇଁ ନିଜେ ଦାୟୀ। ଆପଣ ନିଜର ଭବିଷ୍ୟତ ନିଜେ ତିଆରି କରନ୍ତି। ମୁଁ ସେହି ଲୋକମାନଙ୍କୁ କହିବାକୁ ଚାହୁଁଛି ଯେଉଁମାନେ କଳାକାର ହେବାର ସ୍ୱପ୍ନ ନେଇ ଆସୁଛନ୍ତି। ଆପଣମାନେ ସ୍ୱପ୍ନ ସହିତ ପ୍ରତିଭା ମଧ୍ୟ ଆଣି ଆସନ୍ତୁ। ସେ ଆହୁରି କହିଛନ୍ତି, ମୁଁ ଅଭିନେତା ହେବାକୁ ଚାହୁଁଛି। ମୁଁ ବହୁତ ଚେଷ୍ଟା କରିଛି। ମୁଁ ଏଠି ସେଠି ଅଡିସନ୍ ଦେଇଛି ବୋଲି କୁହନ୍ତୁ ନାହିଁ। ତୁମକୁ ଏହା କରିବାକୁ ପଡିବ। ପ୍ରଶ୍ନ ହେଉଛି ଅଡିସନ୍ ପାଇଁ ତୁମେ କିଭଳି ପ୍ରସ୍ତୁତ ହୋଇଛ? ତୁମେ କେଉଁଠି ତାଲିମ ନେଇଛ? ତୁମେ କ'ଣ ଡ୍ରାମା ସ୍କୁଲକୁ ଯାଇଛ, ଯଦି ନୁହେଁ, ତେବେ ତୁମେ ନିଜେ ତାଲିମ ନେଇଛ କି? ତୁମେ କେଉଁ ଫିଲ୍ମ ଦେଖିଛ? ତୁମେ କେଉଁ ଅଭିନୟ ପୁସ୍ତକ ପଢ଼ିଛ? ତୁମେ କେଉଁ ଭିଡିଓ ଦେଖିଛ? ତୁମେ କେତେ ଅଭ୍ୟାସ କରିଛ? ଯଦି ତୁମେ ଅଭ୍ୟାସ ନକରି ତୁମେ କହିବ ଯେ ତୁମେ ସୁନ୍ଦର, ତେବେ ମୁଁ ତୁମକୁ ଗୋଟିଏ କଥା କହିବି। ତାହା ହେଉଛି, ତୁମର ସବୁବେଳେ ହୃଦୟ ଭାଙ୍ଗିବ। ତେଣୁ ନିଜର ଭବିଷ୍ୟତ ନିଜେ ତିଆରି କର। ବଲିଉଡ୍ ତୁମକୁ କିଛି ଦେବ ବୋଲି ଆଶା କର ନାହିଁ।

# ୮୦୦ କୋଟିର ଫିଲ୍ମକୁ ପଛରେ ପକାଇଲା ହାଉସଫୁଲ-୫

ମୁମ୍ବାଇ, ୨୦।୬ (ହି.ସ): ହଲିଉଡ୍ ଆକ୍ସନ୍ ଫିଲ୍ମ 'ଜନ୍ ୱିକ୍' ସ୍ପିନ୍ ଅଫ୍ ବାଲେରିନା, ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ବିଶ୍ୱବ୍ୟାପୀ ଅନେକ ଶହ କୋଟି ଟଙ୍କାର ବ୍ୟବସାୟ କରିଛି। ଏହା ସତ୍ତ୍ୱେ, ଏହି ଫିଲ୍ମ ଅକ୍ଷୟ କୁମାରଙ୍କ କମେଡି ଫିଲ୍ମ 'ହାଉସଫୁଲ୍ ୫' ପଛରେ ପଡ଼ିଯାଇଛି। 'ବାଲେରିନା' ଭାରତରେ ଗତ ୬ ଦିନରେ ୯ କୋଟି ଟଙ୍କା ମଧ୍ୟ ଅତିକ୍ରମ କରିନାହିଁ। ଏପର୍ଯ୍ୟନ୍ତ ଅର୍ଥାତ ୭ମ ଦିନ ସନ୍ଧ୍ୟା ୫:୦୫ଟା ପର୍ଯ୍ୟନ୍ତ, ଫିଲ୍ମଟି କେବଳ ୮.୯୮ କୋଟି ଟଙ୍କା ରୋଜଗାର କରିଛି। ରିପୋର୍ଟ ଅନୁଯାୟୀ, ଏହି ଆକ୍ସନ ଫିଲ୍ମଟି ପ୍ରାୟ ୯୦ ମିଲିୟନ ଡଲାରରେ ତିଆରି ହୋଇଛି। ଅନ୍ୟପକ୍ଷରେ, ଯଦି ଆମେ ଫିଲ୍ମର ବିଶ୍ୱବ୍ୟାପୀ ଆୟ ସହିତ ଜଡିତ ଶେଷ ଅପଡେଟ୍ ତଥ୍ୟ ଦେଖିବା, ତେବେ ରିପୋର୍ଟ ଅନୁଯାୟୀ, ଏହା ୯୨.୮ ମିଲିୟନ ଡଲାର ଅର୍ଥାତ ପ୍ରାୟ ୮୦୫ କୋଟି ଟଙ୍କାରେ ପହଞ୍ଚିଛି। ଯଦି ଆମେ 'ହାଉସଫୁଲ ୫'ର ବିଶ୍ୱବ୍ୟାପୀ ସଂଗ୍ରହ ବିଷୟରେ କଥା ହେବା, ତେବେ ସୋକ୍ନିଲିକ ଅନୁଯାୟୀ, ଏହା ୨୫୨.୫୦ କୋଟି ଟଙ୍କାରେ ପହଞ୍ଚିଛି। ଯେତେବେଳେ ଏହାଠାରୁ ତିନି ଗୁଣ ଅଧିକ ରୋଜଗାର କରୁଥିବା ହଲିଉଡ୍ ଫିଲ୍ମ ଭାରତରେ ପଛରେ ପଡିଛି। ଦୁଇ ସପ୍ତାହ ସତ୍ତ୍ୱେ ଅକ୍ଷୟ କୁମାରଙ୍କ ଫିଲ୍ମ ପ୍ରତିଦିନ ୩-୪ କୋଟି ରୋଜଗାର କରୁଥିବା ବେଳେ, ଏହାଠାରୁ ଅଢ଼େଇ ଗୁଣ ଅଧିକ ବଜେଟରେ ନିର୍ମିତ 'ବାଲେରିନା' ଭାରତରେ କୌଣସି ଦର୍ଶକଙ୍କୁ ପାଇପାରୁନାହିଁ। ଏହି ଫିଲ୍ମ ପ୍ରଥମ ୩ ଦିନ ବ୍ୟତୀତ ଗୋଟିଏ ଦିନରେ ମଧ୍ୟ ୧ କୋଟି ଆୟ କରିନାହିଁ।







କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor- Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik